EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews





ବର୍ଷ-୭ | ସଂଖ୍ୟା-୨ | ୨୩ - ୨୯ ଜାନୁଆରୀ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-2 | 23rd - 29th JANUARY, 2023 | BHUBANESWAR | ₹ 5/- (8 Pages)


# ଆସିନି ଗ୍ରୀଷ୍ମ, ଶୁଖିଲାଣି ମହାନଦୀ



**ଭୁବନେଶ୍ୱର :** ରୀଷ୍ମ ଋତୁ ଆସିନି। ଶୀତ ଋତୁରେ ଶୁଖିଲା ପଡ଼ିଛି ମହାନଦୀ। ଦୂର ଦୂର ଯାଏଁ ପାଣି ଦେଖିବାକୁ ମିଳୁଛି। ଖାଲି ଦେଖାଯାଉଛି ବାଲି। ଛତିଶଗଡ କଲମା ବ୍ୟାରେଜ ତଳମୁଣ୍ଡରେ ଥିବା ସିଂପୁରୀ ଗାଁର ଖରାଦିନ ନଆସୁଣୁ ଗମ୍ଭୀର ଅବସ୍ଥା ଦେଖାଦେଲାଣି। କେଉଁଠି ଟୋପାଏ ପାଣି ଦେଖିବାକୁ ମିଳୁନି। ତା'ଠାରୁ ଉତ୍କଟ ଚିତ୍ର ଦେଖିବାକୁ ମିଳିଛି ହୀରାକୁଦ ତଳମୁଣ୍ଡରେ। ଏଠି ମଧ ଶୁଖିଲା ପଡିଛି ଚିରସ୍ରୋତା ମହାନଦୀ। ସୁବର୍ଣ୍ଣପୁରରେ ଏବେ ଚାଲିଛି ରବି ଧାନ ଚାଷ। ହଜାର ହଜାର ହେକ୍ଟର ଜମିରେ ତଳି ପଡିଛି। କିଛି ସ୍ଥାନରେ ରୁଆ ମଧ ଆରମ୍ଭ ହେଲାଣି। ହେଲେ ପାଣି ନଥିବାରୁ କେମିତି ଫସଲ ବଞ୍ଚାଇବେ ସେହି ଚିନ୍ତା ଚାଷୀଙ୍କୁ ଘାରିଛି। ଶୀତ ଦିନରେ କାହିଁକି ଶୁଖିଲା ପଡିଲା ମହାନଦୀ ? ହୀରାକୁଦ ଜଳଭଣ୍ଡାର ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଡ୍ୟାମ୍ ଇନଫ୍ଲୋ କ୍ରମାଗତ ➤ ପୃ-୬

# ଶ୍ରମିକ କଲ୍ୟାଣ ପାଇଁ ଆଦାୟ ଅର୍ଥର ହିସାବ ହେବ: ହାଇକୋର୍ଟ



**କଟକ :** ରାଜ୍ୟରେ ଶ୍ରମିକଙ୍କ କଲ୍ୟାଣ ପାଇଁ ଆଦାୟ ହୋଇଥିବା ୫୭୯ କୋଟି ୪୯ ଲକ୍ଷ ୪୧ ହଜାର ୫୭୫ ଟଙ୍କା ଉପଯୋଗ ନ ହୋଇ ପଡି ରହିଛି। ଶ୍ରମିକଙ୍କ କଲ୍ୟାଣ ତଥା ସାମାଜିକ ନିରାପତ୍ତା ପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କହୁଥିବା ବେଳେ ଏତେ ପରିମାଣର ଅର୍ଥ ପଡ଼ି ରହିବାର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠିଛି। ହାଇକୋର୍ଟରେ ଏହାକୁ ନେଇ ମାମଲା ରୁଜୁ ହୋଇଥିବା ବେଳେ ଏଭଳି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଅନୁସାରେ ଆଦାୟ କରାଯାଇଥିବା ଓ ଖର୍ଚ୍ଚ କରାଯାଇଥିବା ସମସ୍ତ ଅର୍ଥର ସ୍ପେଶାଲ ଅଡିଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୬ ମାସ ଭିତରେ ସ୍ପେଶାଲ ଅଡିଟ କରାଯିବ ଓ ଏ ସଂପର୍କିତ ରିପୋର୍ଟ ସତ୍ୟପାଠ ସହିତ ପରବର୍ତ୍ତୀ ଶୁଣାଣି ପୂର୍ବରୁ ରାଜ୍ୟ ସରକାର ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଇଁ ତିନୋଟି ବର୍ଗରେ ଟଙ୍କା ଆଦାୟ କରାଯାଉଥିବା ବେଳେ ସମସ୍ତ ବର୍ଗର ପୃଥକ ଆୟବ୍ୟୟର ହିସାବ ରଖିବା ପ୍ରସଙ୍ଗ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ (ବୋର୍ଡ)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକଙ୍କ କଲ୍ୟାଣ ପାଇଁ ଥିବା ଆଇନ ଅନୁସାରେ ତିନୋଟି ବର୍ଗରେ ଯଥା ନିଯୁକ୍ତିଦାତାଙ୍କ ନିକଟରୁ ସେସ୍, ଶ୍ରମିକଙ୍କ ନିକଟରୁ ଆବେଦନ ଓ ବାର୍ଷିକ ଦେୟ ବାବଦରେ ୫୦ ଓ ୨୦ ଟଙ୍କା ଆଦାୟ କରାଯାଉଛି। ଏହି ସବୁ ଅର୍ଥର ପୃଥକ ହିସାବ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଓ ଏ ସଂପର୍କିତ ନିୟମାବଳୀ କଡ଼ାକଡ଼ି ପାଳନ କରାଯାଉଥିବା ନେଇ ପରବର୍ତ୍ତୀ ଶୁଣାଣି ସମୟରେ ବୋର୍ଡ ପକ୍ଷରୁ ସତ୍ୟପାଠ ଦାଖଲ କରାଯିବ। ଏଥି ସହିତ ଆଇନ ଅନୁସାରେ ଶ୍ରମିକଙ୍କ ପାଖରେ କଲ୍ୟାଣକାରୀ ସୁବିଧା ପହଞ୍ଚୁଥିବା ପ୍ରସଙ୍ଗରେ ମଧ ସତ୍ୟପାଠ ଦାଖଲ ପାଇଁ ବୋର୍ଡକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ତରଫରୁ ଦାୟର ଆବେଦନର ➤ ପୃ-୬

# ବିଜେଡିର ଅଙ୍କ ବିଗାଡ଼ିବ କି କେସିଆର-କେଜରିୱାଲ ଯୋଡ଼ି




**ଭୁବନେଶ୍ୱର :** ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଦୁଇ ରାଜନୀତିକ ଦଳ ଭାରତ ରାଷ୍ଟ୍ର ସମିତି(ବିଆରଏସ) ଓ ଆମ୍ ଆଦମୀ ପାର୍ଟି(ଆପ୍)ର ସକ୍ରିୟ ହୋଇ ରାଜ୍ୟରେ ଦୃଢ଼ ରାଜନୀତିକ ବିକଳ୍ପ ଭାବେ ଉଭା ହେବାକୁ ଯାଉଛନ୍ତି। ଦୁଇ ଦଳ ଓଡ଼ିଶାରେ ନିଜର ସଂଗଠନକୁ ସକ୍ରିୟ କରିବା ନିମନ୍ତେ ସୁଚିନ୍ତିତ ରଣନୀତିରେ ଆଗେଉଥିବାବେଳେ ଶାସକ ବିଜେଡିର ନିର୍ବାଚନୀ ଅଙ୍କକୁ ବିଗାଡ଼ିବାର ଆଶଙ୍କା ଦେଖାଦେଇଛି। ରାଜ୍ୟରେ ସରକାରୀବିରୋଧୀ ହାୱାକୁ ନିଜ ସପକ୍ଷରେ ନେବାରେ ଦୁଇ ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସକୁ ଆଖିଦୃଶିଆ ସଫଳତା ମିଳୁନଥିବା ତଥା ବିଜେଡି ପ୍ରତି କୋହଳ ଆଭିମୁଖ୍ୟ ହିଁ ପରୋକ୍ଷରେ ରାଜ୍ୟରେ ବିଜେଡିକୁ ଅଧିକ ସୁଦୃଢ଼ କରାଇବାରେ ଲାଗିଛି। ତେବେ ରାଜ୍ୟରୁ ଛୋଟ ଛୋଟ ରାଜନୀତିକ ଦଳଗୁଡ଼ିକ ଅସ୍ତିତ୍ୱ ହରାଇବାକୁ ବସିଥିବାବେଳେ କେସିଆରଙ୍କ ବିଆରଏସ୍ ଓ ଅରବିନ୍ଦ କେଜରିୱାଲଙ୍କ ଆପ୍ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସକ୍ରିୟ ହେବା ହିଁ ସିଧାସଳଖ ଭାବେ ବିଜେଡିର ଭୋଟବ୍ୟାଙ୍କ ଖେଳକୁ ବିଗାଡ଼ିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଆମ୍ ଆଦମୀ ପାର୍ଟି ଖୁବଶୀଘ୍ର ଓଡ଼ିଶାରେ ନିଜର କଳେବର ବୃଦ୍ଧି ସହ ବିଭିନ୍ନ ବର୍ଗର ଲୋକଙ୍କୁ ନିଜ ସହ ସାମିଲ କରାଇ ଅଧିକ ସୁଦୃଢ଼ ହେବାକୁ ରଣନୀତି ପ୍ରସ୍ତୁତ କରିଛି। ଦଳ ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ୧୪୭ଟି ଆସନରେ ପ୍ରାର୍ଥୀ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବାରୁ ଏବେ କଂଗ୍ରେସ, ବିଜେପି ,ବିଜେଡି ଓ ଅନ୍ୟ ଦଳର କିଛି ନେତା ଓ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କୁ ସାମିଲ କରି ନିଜର କଳେବର ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜରିୱାଲ ମଧ ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶା ତାଙ୍କ ଦଳର ଫୋକସରେ ଥିବା ଦଳୀୟ ନେତାମାନଙ୍କୁ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ଦୁର୍ନୀତି ଓ ମହିଳା ହିଂସା ମାମଲା ବୃଦ୍ଧି ପାଉଥିବାବେଳେ ଏଥିରୁ ଫାଇଦା ଉଠାଇ ବିଜେଡି ଭୋଟବ୍ୟାଙ୍କରେ ଛିଦ୍ର କରି ରାଜ୍ୟବାସୀଙ୍କ ଆସ୍ଥା ଜିଣିବାକୁ ଆପ୍ ରଣନୀତି କରିଛି। ସେହିପରି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆରଏସ୍ ମୁଖ୍ୟ କେ.ଚନ୍ଦ୍ରଶେଖର ରାଓ ଓଡ଼ିଶା ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି। ଏଥିପାଇଁ ସେ ଚାଷୀ ନେତା ଅକ୍ଷୟ କୁମାର, ଆଦିବାସୀ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବରିଷ୍ଠ ଆଦିବାସୀ ନେତା ଜୟରାମ ପାଙ୍ଗୀଙ୍କୁ ସାକ୍ଷାତ କରି ଓଡ଼ିଶା ରାଜନୀତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟରେ ପ୍ରାୟ ୧୪ଲକ୍ଷ ତେଲଗୁ ଭୋଟର ଥିବାବେଳେ ଦକ୍ଷିଣ ଓଡ଼ିଶାର ୪ରୁ ୫ଟି ଜିଲ୍ଲାରେ ଏହି ତେଲଗୁ ଭାଷାଭାଷୀ ଲୋକମାନଙ୍କ ମାଧ୍ୟମରେ ଦଳ ବିଜେଡିର ଭୋଟକୁ ବିଭାଜନ ସହ ହାତେଇବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ତେଲେଙ୍ଗାନା ଗୁଡ୍ ଗଭର୍ଣ୍ଣାନ୍ସ ମଡେଲ, ଚାଷୀଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଓ ଦଳିତ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ଭଳି ଆକର୍ଷଣୀୟ ସ୍କିମ୍ ହିଁ ଓଡ଼ିଶାରେ ➤ ପୃ-୬

## 'ଚାର୍ଜସିଟ୍ ସାର୍ବଜନୀନ ଦସ୍ତାବିଜ୍ ନୁହେଁ'




**ନୂଆଦିଲ୍ଲୀ :** ଚାର୍ଜସିଟ୍ ସାର୍ବଜନୀନ ଦସ୍ତାବିଜ୍ ନୁହେଁ ବୋଲି କହିଛନ୍ତି ସୁପ୍ରିମ୍‌କୋର୍ଟ। ଏହାସହ ତଦନ୍ତକାରୀ ସଂସ୍ଥାକୁ ଏହି ଦସ୍ତାବିଜ୍‌କୁ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ପାରିବନାହିଁ। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଅପରାଧିକ ମାମଲାରେ ଏଜେନ୍ସି ଦ୍ୱାରା ଦାଖଲ କରାଯାଉଥିବା ଚାର୍ଜସିଟ୍‌କୁ ସାର୍ବଜନୀନ କରିବା ପାଇଁ କୁହାଯାଇ ପାରିବ ନାହିଁ। ସୁପ୍ରିମ୍‌କୋର୍ଟରେ ଯାଚିକା ଦାଖଲ କରି ଚାର୍ଜସିଟ୍‌କୁ ଲୋକଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ନିବେଦନ କରାଯାଇଥିଲା। ଏଫ୍‌ଆଇଆର ଅପଲୋଡ୍ କରିବାର ବ୍ୟବସ୍ଥା ରହିଛି, ଏହି ଆଧାରରେ ଚାର୍ଜସିଟ୍ ➤ ପୃ-୬

# '୫-ଟି' ରୂପାନ୍ତରଣରେ ଯୋଡ଼ିହେବ ଡାକ୍ତରଖାନା

## ୧୦ ମାସରେ ସରିବ କାମ, ଫାଷ୍ଟ ରେଫରାଲ ୟୁନିଟ୍‌କୁ ପ୍ରାଥମିକତା

**ଭୁବନେଶ୍ୱର:** ଡାକ୍ତରଖାନାରେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଜରୁରୀ ସେବା ସୁନିଶ୍ଚିତ କରିବାରେ ଅବହେଳା କରାଯିବ ନାହିଁ। ବିଭିନ୍ନ ପ୍ରକାର ମୌଳିକ ସୁବିଧା ସୁଯୋଗ ଦେବା ଲାଗି ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ଏଥିସହ ଅଣଜରୁରୀ ସେବାଗୁଡିକ ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟର ସବୁ ମୁଖ୍ୟ ଡାକ୍ତରଖାନା ଓ କିଛି ପ୍ରମୁଖ ଡାକ୍ତରଖାନାର ରୂପାନ୍ତରଣ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କର '୫-ଟି' ଉପକ୍ରମର ଗାଇଡ୍‌ଲାଇନ୍ ଅନୁସାରେ ଆଗାମୀ ୧୦ ମାସ ଭିତରେ ଏହି ରୂପାନ୍ତରଣ ଲକ୍ଷ୍ୟ ହାସଲ ହେବ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସବୁ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଗାଇଡ୍‌ଲାଇନ୍ ଅନୁସାରେ ପଦକ୍ଷେପ ନେବା ପାଇଁ କହିଛନ୍ତି। ସୂଚନା ଅନୁସାରେ '୫-ଟି' ରୂପାନ୍ତରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ସରକାରୀ ଡାକ୍ତରଖାନାକୁ ସାମିଲ କରାଯାଇଛି। ରୂପାନ୍ତରଣ କାର୍ଯ୍ୟକ୍ରମ ଚଳିତ ଜାନୁଆରୀ ମାସରୁ ଆରମ୍ଭ ହୋଇ ଅକ୍ଟୋବର ମଧ୍ୟରେ ଶେଷ ହେବ। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଅନ୍ତତଃ ଗୋଟିଏ ଲେଖାଏଁ ଡାକ୍ତରଖାନାକୁ '୫-ଟି' ରୂପାନ୍ତରଣ ଯୋଜନାରେ ସାମିଲ କରାଯିବ। ଯେଉଁ ନିର୍ବାଚନମଣ୍ଡଳୀରେ ଜିଲ୍ଲା ମୁଖ୍ୟ ହସ୍ପିଟାଲ ନ ଥିବ ସେଠାରେ ରୂପାନ୍ତରଣ ପାଇଁ ଜିଲ୍ଲାପାଳ ହସ୍ପିଟାଲ ଚୟନ କରିବେ। ବିଧାନସଭା ନିର୍ବାଚନମଣ୍ଡଳୀରେ ଫାଷ୍ଟ ରେଫରାଲ୍ ୟୁନିଟ୍ (ଏଫ୍‌ଆରୟୁ) ଥିବ ତାକୁ ଅଗ୍ରାଧିକାର ➤ ପୃ-୬



CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in


# ମରଣଯନ୍ତା ପାଲଟିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା




**ରାୟଗଡା, (ଅମୂଲ୍ୟ ନିଶଙ୍କ) :** ଗ୍ରାମ୍ୟ ଉନୟନ ବିଭାଗ ରାୟଗଡା ପକ୍ଷରୁ ପେକେଜ ନମ୍ବର ଓ ଆର.୨୭.୫୦୮ ଅନୁଯାଇ କୋଳନରା ଗୁନାଖାଲ ଭାୟା ମୁନିସିଙ୍ଗ ରାସ୍ତା ଟି ଠିକାଦାର ଶ୍ରୀ ଗୌରୀନାଥ ମହାପାତ୍ରଙ୍କୁ ଗତ ୦୨.୦୩.୨୦୨୧ରେ କାମ ଆରମ୍ଭ କରି ୦୧.୦୩.୨୦୨୨ ରେ ରାସ୍ତା କାମ ସମ୍ପୂର୍ଣ୍ଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ରାସ୍ତା କାମର ଅଟକଳ ମୂଲ୍ୟ ୫୦୭୮୨୯୧୫ ଟଙ୍କା କିନ୍ତୁ ଏହି କାମ ପାଇଁ ଏଗ୍ରିମେଣ୍ଟ ହୋଇଛି ୪୧୫୩୫୫୧୨ ଓ ଏହି କାମ ପାଇଁ ୧୯.୬୭% କମ ମୂଲ୍ୟରେ କମ ନେଇ ଠିକାଦାର କମ ଆରମ୍ଭ କରିଥିଲେ। ଏହି ରାସ୍ତାର ହେଉଛି ୭.୮୮କିମି ଲମ୍ବା ଏଥିରେ ପିଚୁ ରାସ୍ତା ୬.୬୫୨, ସିମେଣ୍ଟ କଂକ୍ରିଟ ରାସ୍ତା ୧.୨୩୦ ଓ କଲଭେର୍ଟ ସଂଖ୍ୟା ୧୨ କ୍ଷ କିନ୍ତୁ ଏହି ରାସ୍ତାରେ କୌଣସି କଲଭେର୍ଟ ବନଯାଇ କିନ୍ତୁ ଧର୍ମକୁ ଆଖିଠାର ପରି କଲଭେରଟ ନିର୍ମାଣ ଗୋଟିଏ ସ୍ଥାନର ହୋମ ପାଇପ ଡାଳି ଚୁପ ହୋଇ ରହିଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଗତ ଫେବୃଆରୀ ମାସରୁ ଏହି କମ ଆରମ୍ଭ ହୋଇ ମେଟାଲିଂ ହୋଇଛି କିନ୍ତୁ ଏଥିରେ ପାଣି ମାରି ରୋଲିଙ୍ଗ କରାଯାଉନାହିଁ ଯୋଦ୍ୱାରା ମେଟାଲ ମାନ ବାହାରଛି। ଜନସାଧାରଣ ମୋଟରସାଇକେଲ ଯିବା ସମୟରେ ବହୁ ଦୀର୍ଘଟଣା ମାନ ଘଟୁଛି କିନ୍ତୁ ଠିକାଦାର ଏହି କାମ ପ୍ରତି ଦୃଷ୍ଟି ଦେଇନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ପରେ କାମର ମାନ ପରଖିବା ପାଇଁ ଆସି ରାସ୍ତା କାମର ଯାଞ୍ଚ କରିଥିଲେ କିନ୍ତୁ ନିୟମ ମୁତାବକ କାମ ହୋଇନଥିବାର ଜାଣିବାକୁ ପାଇଥିଲେ। ନିୟମ ଠାରୁ ବହୁ ପରିମାଣର ନିମ୍ନମାନର କାମ ଚାଲି ଥିବାରୁ ଜନସାଧାରଣ ଏହି କମକୁ ବିରୋଧ କରିଛନ୍ତି ଦୁର୍ଭାଗ୍ୟର ବିଷୟ ସରକାର ପ୍ରତ୍ୟେକ ଗାଁଙ୍କୁ ପକ୍କା ରାସ୍ତା ଯୋଗାଇବା ପାଇଁ ଯୋଜନା କରିଛନ୍ତି କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାର ଙ୍କୁ ମଧୁଚନ୍ଦ୍ରିକା ଯୋଗୁଁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଏହି ରାସ୍ତା ଦୀର୍ଘ ୫ମାସରୁ ଊର୍ଦ୍ଧ୍ୱ ହେବ ମେଟାଲିଙ୍ଗ କରି ଠିକାଦାର ଛାଡି ଦେଇଛନ୍ତି କିନ୍ତୁ ମନ୍ତ୍ରୀ, ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀଙ୍କୁ କହିଲେ କିଛି ସୁଫଳ ମିଳୁନାହଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଠିକ ସେହିପରି ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଡାକୁଗୁଡା ପେକେଜ ନଂ ଓ ଆର ୨୭-୩୦୪ ବି ୩ କାମ ଟି ୩୧/୧୨/୨୦୨୦ରେ ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ ଏହି ରାସ୍ତାରେ ଏକ ପୋଲ ନିର୍ମାଣ ହୋଇଛି ପୋଲର ଉଭୟ ପାର୍ଶ୍ୱରେ ବର୍ତ୍ତମାନ ସୁଧା ପିଚୁ ପଡ଼ିନାହିଁ। ➤ ପୃ-୬

## ବକ୍ରବାଣୀ



ନିଶାକୁ ମିଳିଛି ସୁମନ ସ୍ୱାଇଁ
ଦଲାଲୀ ବେପାର କରିବା ପାଇଁ
ଯାଇଥିଲା ଦିନେ ଯିଏ ଜେଲକୁ
ନ୍ୟାୟ ଦବ ଆଜି ସିଏ ନିଶାକୁ
ରାତି ଗୋଟାକରେ ହିଇଟି ହବ
ସେଥି ଲାଗି ତାର ଏଇ ସ୍ୱଭାବ
ଚାଲି ଯାଉନି ସେ କଲିକତାକୁ
ଖୋଲିକି ଦେଖାନ୍ତା ସବୁ ଟାଟୁକୁ
ପାଆନ୍ତା ସେଠି ସେ କେତେ ଘଇତା
ମିଛୁଟାରେ ଏଠି ହୁଏ ହିନସ୍ଥା।

—ଟୁଟୁ

# ଐତିହ୍ୟ ଓ ପରମ୍ପରା ହିଁ ଓଡ଼ିଶାର ଆତ୍ମା : ମୁଖ୍ୟମନ୍ତ୍ରୀ




**ଯାଜପୁର :** ବିଶ୍ୱପ୍ରସିଦ୍ଧ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ହିଁ ଓଡ଼ିଶାର ଆତ୍ମା। ଏହାକୁ ଭିତ୍ତିକରି ରାଜ୍ୟ ପର୍ଯ୍ୟଟନ ଶିଳ୍ପର ପେଣ୍ଠସ୍ଥଳ ହେବାକୁ ଯାଉଛି। ରାଜ୍ୟ ସରକାର ପର୍ଯ୍ୟଟନ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଯାଜପୁର ଜିଲ୍ଲାର ବ୍ୟାସନଗରସ୍ଥିତ ଯଯାତି କୋର୍ଟୟାର୍ଡ ପରିସରରେ ଆୟୋଜିତ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶା ହଟ୍‌ସ୍ପଟ୍‌ରେ ପରିଣତ ହେବାକୁ ଯାଉଛି। ରାଜ୍ୟ ସରକାର ପର୍ଯ୍ୟଟନ ନୀତି, ହସ୍ତକଳା ନୀତି, ହସ୍ତତନ୍ତ ନୀତିକୁ ସମୃଦ୍ଧ କରି ପର୍ଯ୍ୟଟନ ଓ ସଂସ୍କୃତିର ବିକାଶ କରିଚାଲିଛନ୍ତି। କଳା, ସଂସ୍କୃତି, ଐତିହ୍ୟ ଆମ ରାଜ୍ୟକୁ ବିଶ୍ୱରେ ପରିଚିତ କରାଇଛି। ଆମ ମନ୍ଦିର, ସ୍ଥାପତ୍ୟ, ବୌଦ୍ଧ କୀର୍ତ୍ତିରାଜି, ପାଟବସ୍ତ୍ର, କାଠକାମ, ଧାତୁକାମ, ପଥର କାରୁକାର୍ଯ୍ୟର ପଦଚିହ୍ନ ରାଜ୍ୟର ବିଭିନ୍ନ ଗାଁରେ ଦେଖିବାକୁ ମିଳୁଛି। କଳା, କାରିଗରୀ, ସଙ୍ଗୀତ, ସଂସ୍କୃତିକ ବୈଭବକୁ ଅଧିକ ବିକାଶ କରିବା ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଯାଜପୁର ହେଉଛି ଓଡ଼ିଶାର ପ୍ରଚୀନ ରାଜଧାନୀ, ଏଠି ଆଧାତ୍ମିକ, ସହରାଞ୍ଚଳ ଏବଂ ବୌଦ୍ଧ ପର୍ଯ୍ୟଟନସ୍ଥଳ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ଅଶୋକ ପଣ୍ଡା ଓଡ଼ିଶାର ଗୌରବମୟ ଇତିହାସକୁ ସ୍ମରଣ କରାଇ ହସ୍ତକଳାର ବିକାଶରେ ଯାଜପୁରର ➤ ପୃ-୬


ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼

ଚଇତି ୨୦୨୨

ଚଇତି ବାର୍ତ୍ତା-୨୦୨୨

ଚଇତି-୨୦୨୨ ଓ ପଲ୍ଲିଶ୍ରୀ ମେଳା ଚଳିତ ବର୍ଷ ଜାନୁୟାରୀ-୧୮ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସ୍ଥାନୀୟ ଜି.ସି.ଡି ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହେବ। ଏହି ମହୋତ୍ସବର ଉଦ୍ଦେଶ୍ୟ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ କ୍ରୀଡାକୁ ପ୍ରୋତ୍ସାହନ ଦେବା ସହିତ ପ୍ରତିଭା ଅନ୍ୱେଷଣ ପାଇଁ ମଞ୍ଚ ପ୍ରଦାନ କରିବା। ଏତଦ୍ ବ୍ୟତୀତ ଜିଲ୍ଲା ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷିଜାତ ଦ୍ରବ୍ୟ ଓ ହସ୍ତତନ୍ତ ସାମଗ୍ରୀ, ସୌରା ଚିତ୍ରକଳା "ଇଡାଇ ଇଡିତାଲ" ଓ ଡଙ୍ଗରିଆଙ୍କ "କାପଡାଗଣ୍ଡା" ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ବିକ୍ରୀ ଓ ପ୍ରଦର୍ଶନୀ ପାଇଁ ସୁଯୋଗ ଦିଆଯାଉଛି।

ପ୍ରତିଦିନ ସନ୍ଧ୍ୟାରେ ଚଇତି ମଞ୍ଚରେ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗଦାନ କରି ଏହି ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜନସାଧାରଣଙ୍କ ସହୃଦୟ ସହଯୋଗ କାମନା କରୁଛି।



ସୁଧା ଦେବ ସିଂ
ଜିଲ୍ଲାପାଳ-ତଥା- ଅଧ୍ୟକ୍ଷା
ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ

## କେମିତି କଟିବ ଏ ସପ୍ତାହ

**ମେଷ** ସମ୍ମାନ ଓ ପ୍ରତିଷ୍ଠାରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ଓ ଆୟରେ ବୃଦ୍ଧି ଯୋଗ ଅଛି। ପରିବାରରେ ମାଙ୍ଗଳିକ କାର୍ଯ୍ୟର ସମ୍ଭାବନା ଅଛି। ଦମ୍ପତି ମାନଙ୍କ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ଛାତ୍ରମାନେ ଶୁଭ ଫଳ ପାଇବେ

**ବୃଷ** ବ୍ୟବସାୟରେ ଲାଭର ପରିମାଣ କମ ହୋଇପାରେ। ନିଜର ସମସ୍ତ ମୂଲ୍ୟବାନ ଜିନିଷ ଉପରେ ସତର୍କ ରୁହନ୍ତୁ। ପରିବାରରେ ଶାନ୍ତି ମିଳିବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଛାତ୍ରମାନେ ପାଠରେ ମନଦେବେ। ପ୍ରେମ ସମ୍ବନ୍ଧରେ ବୃଦ୍ଧି ଓ ଦୃଢ଼ତା ବଢ଼ିବ।

**ମିଥୁନ** ନୂତନ କାର୍ଯ୍ୟ ପାଇଁ ମନବଳାଇ ପାରନ୍ତି। ଯାହାର ଲାଭ ଭବିଷ୍ୟତ ପାଇବେ। ଦୂରଯାତ୍ରା କରିପାରନ୍ତି। ଛାତ୍ରମାନେ ପରୀକ୍ଷାରେ ସଫଳ ହେବେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** ମାନସିକ ସ୍ଥିତି ବିଗିଡିପାରେ। ମତଭେଦ, ଯୁକ୍ତିତର୍କ ଠାରୁ ଦୂରେଇ ରହନ୍ତୁ। ଧନପ୍ରାପ୍ତି ଯୋଗ ଅଛି। ନିଜର ବାଣୀ ଉପରେ ଲଗାମ ଦିଅନ୍ତୁ। ବାହାର ଲୋକର ସହଯୋଗ ପାଇବେ।

**ସିଂହ** ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆୟ ତୁଳନାରେ ବ୍ୟୟ ବଢ଼ିବ। ବ୍ୟବସାୟରେ ବିନିଯୋଗ ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ଯାନବାହନ କିଣିପାରନ୍ତି। ଛାତ୍ରମାନେ ନୂଆ ପାଠ ପ୍ରତି ମନ ବଳାଇବେ।

**କନ୍ୟା** ଥଣ୍ଡା ସର୍ଦ୍ଦି ହୋଇପାରେ। ଆୟ ବୃଦ୍ଧି ହୋଇପାରେ। କିନ୍ତୁ ଅଯଥା ଖର୍ଚ୍ଚ ହେବ। ଯାତ୍ରା ଯୋଗଅଛି। କିଛି ନୂଆ ଯୋଜନା କରିପାରନ୍ତି। ଛାତ୍ରମାନେ ଶିକ୍ଷାରୁ ଦୂରେଇ ଯିବେ। ପ୍ରେମରେ ସଫଳତା ବିବାହ ପରିଣତ ହୋଇପାରେ।

**ତୁଳା** ସ୍ୱାସ୍ଥ୍ୟ ଉତ୍ତମ ହେବ। କାର୍ଯ୍ୟ କ୍ଷେତ୍ରରେ ସଫଳ ହେବେ। ପଦୋନ୍ନତି ହେବ। ନୂଆ ବନ୍ଧୁ ହୋଇପାରନ୍ତି। ନୂତନ ଦ୍ରବ୍ୟ କିଣିପାରନ୍ତି। ଛାତ୍ରମାନଙ୍କୁ ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ।

**ବିଛା** ଝଗଡାରୁ ଦୂରେଇ ରହନ୍ତୁ। କୌଣସି କାର୍ଯ୍ୟ ପାଇଁ ନିଜ ପରିବାରରେ ପ୍ରତିରୋଧର ଶିକାର ହୋଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଛାତ୍ରଙ୍କର ଏକାଗ୍ରତା ବୃଦ୍ଧି ହେବ। ଦମ୍ପତିଙ୍କ ମତାନ୍ତର ଯୋଗ ଅଛି।

**ଧନୁ** ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ବ୍ୟୟରେ ବୃଦ୍ଧି ହେବ। କାହାକୁ ଉଧାର ଦିଅନ୍ତୁ ନାହିଁ। ନୂଆ ଜିନିଷ କିଣାବିକାରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକର ସାମନା କରିବେ।

**ମକର** ଦୂରଯାତ୍ରା କରି ପାରନ୍ତି ଓ ସଫଳତା ପାଇବେ। ମନ ଅସ୍ଥିର ରହିବ। ପରିବାରର ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ଛାତ୍ର ଭଲ ଶିକ୍ଷାନୁଷ୍ଠାନରେ ପ୍ରବେଶ ପାଇବେ।

**କୁମ୍ଭ** କାର୍ଯ୍ୟକ୍ଷେତ୍ରରେ ବଦଳି ହୋଇପାରେ। ଅର୍ଥ ବିନିଯୋଗରୁ ଦୂରେଇ ରହନ୍ତୁ। ଶତ୍ରୁ ଭୟ ବଢ଼ିବ। ଛାତ୍ରମାନେ ପ୍ରତିଯୋଗିତାର ସମ୍ମୁଖୀନ ହେବେ। ପ୍ରେମୀମାନେ ଜଣେ ଅନ୍ୟର ସହାୟକ ହେବେ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** ପୁରୁଣା ରୋଗରୁ ମୁକ୍ତି ମିଳିପାରେ। କୌଣସି ଧାର୍ମିକ ବା ତୀର୍ଥଯାତ୍ରା କରିପାରନ୍ତି। ପରିବାରରେ ଶାନ୍ତି ରହିବ। ଯାତ୍ରା ଜନିତ ସଫଳତା ପାଇବେ। ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇବେ। ସମ୍ପର୍କ ମଧ୍ୟରେ ତୃତୀୟ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦିଅନ୍ତୁ ନାହିଁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବିଶ୍ୱ ବ୍ୟାଙ୍କ ରିପୋର୍ଟ

# ପ୍ରତି ପାକିସ୍ତାନୀଙ୍କ ଉପରେ ୨.୬୨ ଲକ୍ଷର କରଜ

**ଇସ୍‌ଲାମାବାଦ୍ :** ଦିନକୁ ଦିନ ପାକିସ୍ତାନରେ ଆର୍ଥିକ ପରିସ୍ଥିତି ଅଧିକ ଜଟିଳ ଆଡକୁ ଗତି କରୁଛି। ଦେଶ ଏବେ କାଙ୍ଗାଳ ହେବାକୁ ଯାଉଛି। ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ତୀବ୍ର ଗତିରେ ହ୍ରାସ ପାଇବାରେ ଲାଗିଛି। ଦେଶରେ ମହଜୁଦ ଥିବା ସୁନା ଭଣ୍ଡାରରେ ଦ୍ରୁତ ହ୍ରାସ ପାଉଛି। ସେଠାରେ ଅଟା କିଲୋ ୧୦୦୦ ଟଙ୍କାରେ ବିକ୍ରି ହେଉଛି। ପରିସ୍ଥିତି ଏପରି ଯେ ଆସନ୍ତା ଦୁଇରେ ପାକିସ୍ତାନକୁ ବାର୍ଷିକ ୨୦ ବିଲିୟନ ଡଲାରରୁ ଅଧିକ ଋଣ ପରିଶୋଧ କରିବାକୁ ପଡିବ। ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ପ୍ରତି ପାକିସ୍ତାନୀର ମୁଣ୍ଡ ଉପରେ ୨.୬୨ ଲକ୍ଷ ଟଙ୍କାର କରଜ ରହିଛି। ଏବେ ଦେଶ ପାଖରେ ମାତ୍ର ୮୫.୭୫ କୋଟି ଡଲାରର ମୁଦ୍ରା ଭଣ୍ଡାର ବାକି ରହିଛି। ପାକିସ୍ତାନର ମୋଟ ଋଣ ପରିମାଣ ଏବେ ୨୭୦ ବିଲିୟନ୍ ଡଲାରରେ ପହଞ୍ଚିଛି।ଏବେ ପ୍ରଶ୍ନ ଉଠିଛି ଯେ ଯେତେବେଳେ ଦେଶ ଏତେ ଋଣ ଭାରରେ ଖଚୁଛି ସେତେବେଳେ ନାଗରିକ ଏବଂ ଆଗକୁ ଜନ୍ମ ନେବାକୁ ଥିବା ପିଲାମାନଙ୍କର ଭବିଷ୍ୟତ କ'ଣ ହେବ। ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ପାକିସ୍ତାନର ବୈଦେଶିକ ମୁଦ୍ରା ସଂରକ୍ଷଣ ପାଖାପାଖି ୮୫.୭୫ ନିୟୁତ ଡ଼ଲାର ରହିଥିବାବେଳେ ଦେଶ ଉପରେ ୨୭୦ ବିଲିୟନ ଡ଼ଲାର ଋଣ ଭାର ରହିଛି। ପାକିସ୍ତାନ କରୁଥିବା ଆୟର ୭୫ ପ୍ରତିଶତ ଋଣ ପରିଶୋଧ କରିବାରେ ଖର୍ଚ୍ଚ ହେଉଛି। ଏହି ଅନୁଯାୟୀ,



ପାକିସ୍ତାନର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ଉପରେ ୨.୬୨ ଲକ୍ଷ ଟଙ୍କାର ଋଣ ଭାର ରହିଛି। ଏକ ପରିସଂଖ୍ୟାନ ଅନୁଯାୟୀ, ପାକିସ୍ତାନ ମାତ୍ର ୩ ମାସ ମଧ୍ୟରେ ୫ବିଲିୟନ ଡଲାର ଋଣ ନେଇଛି। ଆସନ୍ତା ଦୁଇ ବର୍ଷରେ ମଧ୍ୟରେ ଦେଶକୁ ୨୦ ବିଲିୟନ ଡଲାରର ଋଣ ପରିଶୋଧ କରିବାକୁ ପଡିବ। ୨୦୨୪ ସୁଦ୍ଧା ଋଣ ହ୍ରାସ କରିବା ପରିବର୍ତ୍ତେ ପାକିସ୍ତାନ ୨୦ ବିଲିୟନ ଡଲାର ଋଣ କରିବାର ସମ୍ଭାବନା ରହିଛି। ଏଭଳି ସମୟରେ ଅଛି, ଗତବର୍ଷ କେବଳ ବନ୍ୟା ଯୋଗୁଁ ପାକିସ୍ତାନ ୩୦ ବିଲିୟନ ଡଲାରର କ୍ଷତି ସହିଛି। ୨୦୧୪ଠାରୁ ପାକିସ୍ତାନର ବୈଦେଶିକ ମୁଦ୍ରାଭଣ୍ଡାର ସର୍ବନିମ୍ନ ସ୍ତରରେ ରହିଛି, ଯାହା ମାତ୍ର ୪୩୦ ବିଲିୟନ ଡ଼ଲାରରେ ପହଞ୍ଚିଛି। ଗୋଟିଏ ପଟେ ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ, ଅନ୍ୟପଟେ ପାକିସ୍ତାନର ସ୍ୱର୍ଣ୍ଣ ମୁଦ୍ରା ସଂରକ୍ଷଣ ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ପାକିସ୍ତାନରେ ଏବେ ୧୦୦ ଗ୍ରାମ ସୁନା ପ୍ରାୟ ୧୫ ଲକ୍ଷ ଟଙ୍କାରେ ବିକ୍ରି ହେଉଛି। ଏହାପୂର୍ବରୁ ୨୦୨୦ରେ ଏହା ୪.୦୮୩ ବିଲିୟନ ଡ଼ଲାର ରହିଥିଲା। ଯଦି ପାକିସ୍ତାନକୁ ନାଗରିକ ଏବଂ ଭବିଷ୍ୟତ ପିଢ଼ିକୁ ବଞ୍ଚାଇବାକୁ ପଡିବ, ତେବେ ଏହାର ଅର୍ଥନୀତିକୁ ପୁନର୍ଜୀବିତ କରିବାକୁ ପଡିବ। ଅର୍ଥନୀତିର ମରାମତି ଏବଂ ଋଣ ପରିଶୋଧ କରିବାକୁ ପାକିସ୍ତାନକୁ ବୈଦେଶିକ ମୁଦ୍ରା ସଂରକ୍ଷଣ, ସୁନା ମୁଦ୍ରା ଭଣ୍ଡାର ଭଳି ଅର୍ଥନୈତିକ ସୂଚକାଙ୍କ ଉପରେ କାର୍ଯ୍ୟ କରିବାକୁ ପଡିବ।

# ବଦଳିବ କାଶ୍ମୀର ବିବାଦର ଦିଗ !

**ନୂଆଦିଲ୍ଲୀ:** କଥାରେ ଅଛି ଯେତେବେଳେ ବିପଦ ଆସେ ଏକା ଆସେ ନାହିଁ, ବରଂ ସାଙ୍ଗସାଥୀଙ୍କୁ ନେଇ ଆସେ। ଏ କଥାର ତାତ୍ପର୍ଯ୍ୟ ଏବେ ପାକିସ୍ତାନରେ ଦେଖିବାକୁ ମିଳିଛି। ନିଜକୁ ଏକମାତ୍ର ଆଣବିକ ଇସଲାମିକ ରାଷ୍ଟ୍ର ଭାବେ ଗର୍ବ କରିଆସିଥିବା ପାକିସ୍ତାନର ମେରୁଦଣ୍ଡ ଏକପ୍ରକାର ଭାଙ୍ଗିବାକୁ ବସିଛି। କାଙ୍ଗାଳ ପ୍ରାୟ ଅବସ୍ଥାକୁ ଚାଲି ଆସିଥିବା ଏହି ରାଷ୍ଟ୍ରରେ ଲୋକମାନେ ଦିନକୁ ଦୁଇ ବେଳେ ଠିକ୍ ଭାବେ ଖାଇବାକୁ ଅସମର୍ଥ ହୋଇପଡ଼ିଥଲା ବେଳେ ଆଗକୁ ପାକିସ୍ତାନ ଏକ ବିଫଳ ରାଷ୍ଟ୍ର ଭାବେ ଆନ୍ତର୍ଜାତିକ ସମୁଦାୟ ଦ୍ୱାରା ଘୋଷିତ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇପାରୁ ନାହିଁ। ରାଜନୈତିକ କନ୍ଦଳ ଠାରୁ ଆରମ୍ଭ କରି ଆର୍ଥିକ ଦୁର୍ଗତି ଏବଂ ଆତଙ୍କବାଦର ଘୋର ସମସ୍ୟା ଭିତରେ ପାକିସ୍ତାନ ଏବେ ପେସି ହୋଇଯାଇଛି। କିନ୍ତୁ ଏସବୁ ବାଦ୍ ଆଉ ଏକ ସମସ୍ୟା ମଧ୍ୟ ପାକିସ୍ତାନ ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି। ତାହା ହେଉଛି ଗିଲଗିଟ୍ ବଲ୍ଟିସ୍ତାନ। ପାକ୍ ଅଧିକୃତ କାଶ୍ମୀର ବ୍ୟତୀତ ଗିଲଗିଟ୍ ବଲ୍ଟିସ୍ତାନକୁ ଭାରତ ନିଜର ଅଂଶ ଭାବେ ଦାବି କରିଆସୁଛି। ଏପରିକି ପିଓକେ ଏବଂ ଗିଲଗିଟ୍ ବଲ୍ଟିସ୍ତାନକୁ ଭାରତରେ ମିଶ୍ରଣ କରିବାକୁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ପାକିସ୍ତାନ ଏହାକୁ ନିଜର ପ୍ରଦେଶ ଭାବେ ମାନ୍ୟତା ଦେଇ ନଥିଲେ ହେଁ ଏକ ସ୍ୱତନ୍ତ୍ର ଅଞ୍ଚଳ ଭାବେ ଦଖଲ କରିଛି। ହେଲେ ସଂପ୍ରତି ଆର୍ଥିକ ଅନଟନକୁ ନେଇ ପାକିସ୍ତାନର ମୂଳ ଭୂଖଣ୍ଡରେ ହାହାକାର ପଡ଼ିଥିଲା ବେଳେ ଗିଲଗିଟ୍ ବଲ୍ଟିସ୍ତାନ ଭଳି ସ୍ୱତନ୍ତ୍ର ଅଞ୍ଚଳକୁ ସରକାର ସୁବିଧା ଦେବାକୁ ଅକ୍ଷମ। ଯାହାକୁ ନେଇ ଏହି ଅଞ୍ଚଳରେ ବିଗତ କିଛି ଦିନ ହେଲା ବିକ୍ଷୋଭ ଜାରି ରହିଛି। ପାକିସ୍ତାନ ସରକାର ଏହି ଅଞ୍ଚଳକୁ କୌଣସି ସୁବିଧା ଯୋଗାଇ ଦେଉ ନାହାନ୍ତି ବରଂ ଏଠାରେ ଲୋକଙ୍କ ଉପରେ ଅତ୍ୟାଚାର ଚାଲିଛି ବୋଲି ଗିଲଗିଟ୍ ବଲ୍ଟିସ୍ତାନ ନେତାମାନେ ଦାବି କରିଛନ୍ତି। ଯାହାକୁ ନେଇ ଭାରତ ସହ ମିଶିବାକୁ ଏହି ନେତାମାନେ ଆହ୍ୱାନ ଦେଇଛନ୍ତି।ପୂର୍ବରୁ କେବଳ ପଞ୍ଜାବ ବ୍ୟତୀତ ପାକିସ୍ତାନର ଅନ୍ୟ ପ୍ରଦେଶ ପାକିସ୍ତାନ ଠାରୁ ଅଲଗା ହେବାକୁ ଦାବି କରିଆସିଥିଲା ବେଳେ ଭାରତ ସହ ମିଶିବାକୁ କୌଣସି ପ୍ରଦେଶ ଇଛା ପ୍ରକାଶ କରିନଥିଲେ। ହେଲେ ପ୍ରଥମ ଥର ପାଇଁ ଗିଲଗିଟ୍ ବଲ୍ଟିସ୍ତାନ ଭାରତ ସହ ମିଶିବାକୁ ଖୋଲାଖୋଲି ଭାବେ ଦାବି କରିଛି। ଏହି ଅଞ୍ଚଳର ଲୋକମାନେ ତୁରନ୍ତ ଲଦାଖର କାରଗିଲ ରାସ୍ତାକୁ ଗିଲଗିଟ୍ ସହ ଯୋଡି ଦେବାକୁ ଦାବି କରିଛନ୍ତି।

### କେନ୍ଦ୍ରର ଆପତ୍ତି ସତ୍ତ୍ୱେ ସୁପ୍ରିମ୍‌କୋର୍ଟ କଲେଜିୟମର ପୁନର୍ବାର ସୁପାରିଶ

# ସମଲିଙ୍ଗୀ ଆଇନଜୀବୀ ବିଚାରପତି ହେବା ଉଚିତ୍

**ନୂଆଦିଲ୍ଲୀ :** ପ୍ରଥମଥର ପାଇଁ ସୁପ୍ରିମକୋର୍ଟ ସମଲିଙ୍ଗୀ ଆଇନଜୀବୀଙ୍କୁ ପଦୋନ୍ନତି ଦେବାକୁ କେନ୍ଦ୍ର କରୁଥିବା ଆପତ୍ତି ଓ ନିଜର ମତ ସାର୍ବଜନୀନ କରିଛନ୍ତି। ସୁପ୍ରିମକୋର୍ଟ କଲେଜିୟମ ୫ ବର୍ଷ ହେଲାଣି ସମଲିଙ୍ଗୀ ଆଇନଜୀବୀ ସୌରଭ କ୍ରିପାଲଙ୍କୁ ବିଚାରପତି ଭାବେ ପ୍ରମୋସନ ଦେବାକୁ ସୁପାରିସ କରିଛନ୍ତି। ହେଲେ ତାଙ୍କୁ ପଦୋନ୍ନତି ମିଳିନି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ତୃତୀୟ ଥର ପାଇଁ ସୌରଭ କ୍ରିପାଲଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଏ ସଂକ୍ରାନ୍ତ ଫାଇଲ ମଧ୍ୟ ସୁପ୍ରିମକୋର୍ଟ ଆଇନ ମନ୍ତ୍ରଣାଳୟ ପାଖକୁ ପଠାଇ ଦେଇଛନ୍ତି। ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ସରକାର ବାରମ୍ବାର ସ୍ୱଚ୍ଛତା କଥା କହୁଥିଲେ। ଏଥିସହ କଲେଜିୟମ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଏହି ବିବାଦ ଭିତରେ ହିଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଅସଲ ଚେହେରାର ପର୍ଦ୍ଦାଫାସ କରିଛନ୍ତି। ସୌରଭଙ୍କୁ ବିଚାରପତି ଭାବେ ପଦୋନ୍ନତି ନ ଦେବା ପଛର ଦୁଇଟି କାରଣ କେନ୍ଦ୍ର ସରକାର କହିଥିଲେ। ଗୋଟିଏ ହେଲା ସେ ସମଲିଙ୍ଗୀ ଓ ଦ୍ୱିତୀୟ କାରଣ ହେଲା, ତାଙ୍କ ସମଲିଙ୍ଗୀ



ପାର୍ଟନର ସ୍ୱିସ ନାଗରିକ। ତେଣୁ ତାଙ୍କୁ କୌଣସି ହାଇକୋର୍ଟର ବିଚାରପତି କରାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ହେଲେ ଏହାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି। କୋର୍ଟ ଲେଖିଥିବା ଚିଠିରେ କହିଛନ୍ତି, ଜାତୀୟ ସୁରକ୍ଷା ପ୍ରତି ସୌରଭ କ୍ରିପାଲଙ୍କ ପାର୍ଟନର କୌଣସି ବିପଦ ସୃଷ୍ଟି କରିଥିବା କିମ୍ବା କରୁଥିବା ଗୁଇନ୍ଦା ବିଭାଗ ସୂଚନା ଦେଇନାହିଁ। ସେ ଏପରି କୌଣସି ପ୍ରକାରର ବ୍ୟବହାର ମଧ୍ୟ କରି ନାହାନ୍ତି। ତେଣୁ ପଦୋନ୍ନତି ପାଇବାକୁ ଥିବା ବ୍ୟକ୍ତିଙ୍କ ପାର୍ଟନ ସ୍ୱିସ ନାଗରିକ ହୋଇଥିବାରୁ ସେ ପରବର୍ତ୍ତୀ ଅବସ୍ଥାରେ ଦେଶ ପାଇଁ ବିପଦ ସୃଷ୍ଟି କରିବେ ବୋଲି ଆକଳନ କରିବାର କୌଣସି କାରଣ ନାହିଁ। ଉକ୍ତ ବ୍ୟକ୍ତିଙ୍କ ଗୋଟିଏ ବନ୍ଧୁତ୍ୱ ଦେଶରୁ ଆସୁଛନ୍ତି। ଉକ୍ତ ଚିଠିରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଏସକେ କୌଲ ଓ ଜଷ୍ଟିସ କେଏମ ଯୋଶେଫଙ୍କ ଦସ୍ତଖତ ରହିଛି। ବିଚାରପତିମାନେ ଆହୁରି କହିଛନ୍ତି, ସାମ୍ବିଧାନିକ ସଂସ୍ଥାରେ ଥିବା ଅଧିକାରୀମାନଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ମଧ୍ୟ ବିଦେଶୀ ନାଗରିକ। ତେଣୁ କ୍ରିପାଲଙ୍କ ପାର୍ଥିତ୍ୱକୁ ଏହି କାରଣ ପାଇଁ ଖାରଜ କରାଯାଇ ପାରିବ ନାହିଁ। ସୌରଭ କ୍ରିପାଲ ସମଲିଙ୍ଗୀ ବୋଲି ଖୋଲା ଖୋଲିଭାବେ ସ୍ୱୀକାର କରିଛନ୍ତି। ସମ୍ବିଧାନରେ ତାଙ୍କର ମଧ୍ୟ ଅଧିକାର ରହିଛି। ସୌରଭ କ୍ରିପାଲ ଜଣେ ଦକ୍ଷ, ବୁଦ୍ଧିମତ ଓ ନିଷ୍ଠାପର ବ୍ୟକ୍ତି। ବିଚାରପତି ଭାବେ ତାଙ୍କର ନିଯୁକ୍ତି ଦିଲ୍ଲୀ ହାଇକୋର୍ଟ ବେଞ୍ଚର ମୂଲ୍ୟକୁ ଆହୁରି ବୃଦ୍ଧି କରିପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

### ଜଳବାୟୁ ପରିବର୍ତ୍ତନର ପ୍ରଭାବ

# ପୃଥିବୀର ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି

**ନୂଆଦିଲ୍ଲୀ :** ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ ପୃଥିବୀ ଉପରେ ପଡ଼ିବାରେ ଲାଗିଲାଣି। ୧୯୦୦ ମସିହା ପରଠାରୁ ପୃଥିବୀର ତାପମାତ୍ରା ୧.୧ ଡିଗ୍ରୀ ସେଲସିୟସ ବଢ଼ିଲାଣି। ଏହା ବର୍ତ୍ତମାନ ସମଗ୍ର ବିଶ୍ୱର ଚିନ୍ତା ବଢ଼ାଇ ଦେଇଛି। ନାସାରେ ଥିବା ବୈଜ୍ଞାନିମାନେ ବର୍ତ୍ତମାନ ସ୍ଥିତିକୁ ତର୍ଜମା କରି ପୃଥିବୀ କେମିତି ତାର ଶୀତତଳା ହରାଉଛି ଓ ଗରମ ହୋଇ ଚାଲୁଛି, ତା'ର ତଥ୍ୟ ଦେଇଛନ୍ତି। ଗୋଟିଏ ନୂଆ ତଥ୍ୟ ଜାରି କରି ପୃଥିବୀ କେମିତି ଦୁଇ ଶତାବ୍ଦୀ ଧରି ଜଳବାୟୁ ପରିବର୍ତ୍ତନ ଯୋଗୁ ଗରମ ହୋଇ ଚାଲିଛି, ସେକଥା କହିଛନ୍ତି। ଏହି ଉତ୍ତାପ ବିଂଶ ଶିତାବ୍ଦୀର ଶେଷ ଭାଗରେ କେମିତି ଦ୍ରୁତଗତିରେ ବୃଦ୍ଧି ପାଇଥିଲା,ସେକଥା ମଧ୍ୟ ଦର୍ଶାଇଛନ୍ତି। ଏକବିଂଶ ଶତାବ୍ଦୀରେ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ୨୦୨୨କୁ ନାସା ୫ମ ସର୍ବାଧିକ ଉତ୍ତପ୍ତ ବର୍ଷ ଭାବେ ଘୋଷଣା କରିଛି। ବିଶ୍ୱର ହାରାହାରି ତାପମାତ୍ରାକୁ ହ୍ରାସ କରୁଥିବା ଲା ନିନାର ଉପସ୍ଥିତି



ସତ୍ତ୍ୱେ ଉତ୍ତାପ ଉପରେ କୌଣସି ପ୍ରଭାବ ପଡ଼ିନି। ଆମେରିକା ନ୍ୟାଶନାଲ ଓସେନିକ ଓ ଆଟମୋସ୍ପିୟରିକ ଆଡମିନଷ୍ଟ୍ରେନ କହିଛି ଯେ ୨୦୨୨ରେ ବିଶ୍ୱର ହାରାହାରି ତାପମାତ୍ରା ୧୪.୭୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ଉତ୍ତପ୍ତ ତାଲିକାର ଏହା ୬ଷ୍ଠ ସର୍ବାଧିକ। ଗୋଟିଏ ସଂସ୍ଥା କହିଛି ଯେ ୨୦୨୨ ହେଉଛି ୫ମ ସର୍ବାଧିକ ଉତ୍ତପ୍ତ ବର୍ଷ। ୨୮ଟି ଦେଶରେ ସବୁଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ଏହି ଦେଶ ଗୁଡ଼ିକ ମଧ୍ୟରେ ଚାଇନା, ବ୍ରିଟେନ, ସ୍ପେନ, ଫ୍ରାନ୍ସ, ଜର୍ମାନୀ ଓ ନ୍ୟୁଜିଲ୍ୟାଣ୍ଡ ରହିଛନ୍ତି। ଦୀର୍ଘ ୯ ବର୍ଷ ହେଲାଣି ବିଶ୍ୱର ତାପମାତ୍ରା ଏପରି ବଢ଼ି ଚାଲିଛି। ଏପରି କି ୨୦୨୨ ସୁଦ୍ଧା ବିଶ୍ୱର ତାପମାତ୍ରା ୧.୧ ଡିଗ୍ରୀ ସେଲସିୟସ ବଢ଼ି ଯାଇଛି। ବୈଜ୍ଞାନିକମାନେ କହିଛନ୍ତି ଯେ ୨୦୨୩ରେ ତାପମାତ୍ରା ଆହୁରି ଅଧିକ ରହିବ। ଲା ନିନାର ପ୍ରଭାବ ହ୍ରାସ ପାଇବ ଓ ଏଲ ନିନୋର ପ୍ରଭାବ ବଢ଼ିବ। ତେଣୁ ୨୦୨୨ ତୁଳନାରେ ୨୦୨୩ରେ ଅଧିକ ଗରମ ଅନୁଭୂତ ହେବ। ତାପମାତ୍ରା ବୃଦ୍ଧି ଲୋକଙ୍କ ସେତେଟା ପ୍ରଭାବିତ କରୁନି। କିନ୍ତୁ ଅତ୍ୟଧିକ ଉତ୍ତାପର ପ୍ରଭାବ ପରିବେଶ ଉପରେ ପଡୁଛି। ଏଥିଯୋଗୁ ସୃଷ୍ଟି ହେଉଥିବା ବନ୍ୟା, ବାତ୍ୟା ଓ ମରୁଡ଼ି ଲୋକଙ୍କୁ ପ୍ରଭାବିତ କରୁଛି। ୨୦୨୨ରେ ଆମେ ସମସ୍ତେ ଜଙ୍ଗଲ ଜଳିବା ଠାରୁ ଆରମ୍ଭ କରି ତୁଷାରପାତର ସାଂଘାତିକ ସ୍ଥିତିର ମୁକସାଖୀ ରହିଥିଲୁ। ତେଣୁ ଏଥିପ୍ରତି ସତର୍କ ରହିବାକୁ ବୈଜ୍ଞାନିକମାନେ କହିଛନ୍ତି।


## ପ୍ରଯୁକ୍ତି ଶିଳ୍ପରେ ସାଂଘାତିକ ସ୍ଥିତି, ପ୍ରତିଦିନ ୧୬୦୦ କର୍ମଚାରୀ ଛଟେଇ

**ନୂଆଦିଲ୍ଲୀ:** ସମଗ୍ର ବିଶ୍ୱର ପ୍ରଯୁକ୍ତି ସ୍ଥିତି ଗମ୍ଭୀର ସମସ୍ୟା ଦେଇ ଗତି କରୁଛି। ମାନ୍ଦାବସ୍ଥା ଭୟ ଦେଖାଦେଇଥିବା ବେଳେ କଂପାନିଗୁଡ଼ିକ ଖର୍ଚ୍ଚ କାଟ କରିବା ସହ ତିଷ୍ଠି ରହିବା ପାଇଁ ସଂଘର୍ଷ କରୁଛନ୍ତି। ସେଥିପାଇଁ ସେମାନେ କର୍ମଚାରୀ ଛଟେଇ ଭଳି କଠୋର ନିଷ୍ପତ୍ତି ନେଉଛନ୍ତି। ୨୦୨୩ ଜାନୁଆରିରେ ବିଶ୍ୱବ୍ୟାପୀ ପ୍ରତିଦିନ ହାରାହାରି ଭାବେ ୧୬୦୦ କର୍ମଚାରୀ ଛଟେଇର ଶିକାର ହୋଇଛନ୍ତି। ୨୦୨୨ରେ ୧୦୦୦ରୁ ଅଧିକ କଂପାନି ୧ ଲକ୍ଷ ୫୪ ହଜାର ୩୩୬ କର୍ମଚାରୀଙ୍କୁ ଛଟେଇ କରିଥିଲେ ବୋଲି ଲେଅଫ୍ସ ୱେବସାଇଟ୍ ତଥ୍ୟରୁ ଜଣାପଡ଼ିଛି। ଗତବର୍ଷରୁ ଆରମ୍ଭ ହୋଇଥିବା ଗଣ ଛଟେଇ ୨୦୨୩ରେ ମଧ୍ୟ ଜାରି ରହିଛି। ଭାରତରେ ଛଟେଇ ସମସ୍ୟା ଷ୍ଟାର୍ଟଅପ୍ ଶିଳ୍ପରେ ଅଧିକ ଦେଖିବାକୁ ମିଳିଛି। ବଜାର ସ୍ଥିତି ଭଲ ନଥିବାରୁ ସେୟାରଚାଟ୍ ଏହାର ୫୦୦ କର୍ମଚାରୀଙ୍କୁ ବିଦା କରିଛି। ବିଶ୍ୱସ୍ତରରେ ଟ୍ୱିଟର, ମେଟା, ସ୍ନାପ୍ଚାଟ୍, ମାଇକ୍ରୋସଫ୍ଟ, ଏଚ୍ପି, ଆମାଜନ ଭଳି ସଂସ୍ଥା କର୍ମଚାରୀ ଛଟେଇ କରିବାକୁ ବାଧ୍ୟ ହୋଇଛନ୍ତି। ଭାରତରେ ଚଳିତ ମାସରେ ଓଲା ଏହାର ୨୦୦ କର୍ମଚାରୀଙ୍କୁ ବିଦା କରିଛି। ସେମାନେ ଏକ ସ୍ୱତନ୍ତ୍ର ପ୍ରକଳ୍ପରେ କାମ କରୁଥିଲେ। ଡୁଞ୍ଜୋ ନାମକ ସଂସ୍ଥା ମଧ୍ୟ ଏହାର ୩ ପ୍ରତିଶତ କର୍ମଚାରୀଙ୍କୁ ବିଦା କରିଛି। ୨୦୨୩ରେ ବର୍ତ୍ତମାନ ସୁଦ୍ଧା ବିଶ୍ୱବ୍ୟାପୀ ୯୧ଟି କଂପାନି ୨୪ ହଜାରରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ଆମାଜନ ଏହାର ୧୮ ହଜାର କର୍ମଚାରୀଙ୍କୁ ଛଟେଇ କରିଥିବା ବେଳେ ସେଥିରେ ଭାରତରେ କାମ କରୁଥିବା ୧୦୦୦ କର୍ମଚାରୀ ଥିଲେ। ଛଟେଇ ସଂଖ୍ୟା ବୃଦ୍ଧି ପାଇବା ପରେ ଚାକିରି ଖୋଜିବାର ପ୍ରମୁଖ ମାଧ୍ୟମ ପାଲଟିଥିବା ପ୍ରଫେସନାଲ୍‌ଙ୍କ ସୋସିଆଲ ମିଡିଆ ଆପ୍ ଲିଙ୍କଡ଼୍‌ଇନ୍ ଡାଉନ୍ଲୋଡ୍ ବଢ଼ିଯାଇଛି। ୨୦୨୧ ତୁଳନାରେ ୨୦୨୨ରେ ଲିଙ୍କଡ଼୍‌ଇନ୍ ଆପ୍ ଡାଉନ୍‌ଲୋଡ୍ ୧୦% ବୃଦ୍ଧି ପାଇଛି। ୨୦୨୨ରେ ଭାରତରେ ବାଇଜୁସ୍, ଓଲା, ଓୟୋ, ମିଶୋ, ଅନଏକାଡେମି ଓ ବେଦାନ୍ତୁ ଭଳି ଷ୍ଟାର୍ଟଅପ୍ ସଂସ୍ଥା ନିଜର ବହୁ କର୍ମଚାରୀଙ୍କୁ ଛଟେଇ କରିଥିଲେ। ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ମିଳିତ ଭାବେ ୨୦ ହଜାର କର୍ମଚାରୀଙ୍କୁ ବିଦା କରିଛନ୍ତି। ବଜାର ସ୍ଥିତି ଖରାପ ଥିବାରୁ କର୍ମଚାରୀ ଛଟେଇ ଭଳି କଠୋର ପଦକ୍ଷେପ ଗ୍ରହଣ କରାଯାଇଥିବା ଏହି କଂପାନିଗୁଡ଼ିକ ଦାବି କରିଛନ୍ତି। ଭାରତରେ ଷ୍ଟାର୍ଟଅପ୍ ଗୁଡ଼ିକୁ ଆଉ ପୂର୍ବଭଳି ବଡ଼ ଧରଣର ପାଣ୍ଠି ମିଳୁନାହିଁ। ୨୦୨୨ରେ ଷ୍ଟାର୍ଟଅପ୍‌ଙ୍କୁ ମିଳୁଥିବା ପାଣ୍ଠିରେ ୨୨ ପ୍ରତିଶତ ହ୍ରାସ ହୋଇଛି।


### ଭାରତରେ ଧନୀ-ଗରିବ ମଧ୍ୟରେ ବଢୁଛି ଦୂରତା

# ୧% ଧନୀଙ୍କ ପାଖରେ ଦେଶର ୪୦% ସମ୍ପତ୍ତି

**ନୂଆଦିଲ୍ଲୀ :** ଦେଶରେ ଧୀନ ଏବଂ ଗରିବଙ୍କ ମଧ୍ୟରେ ତାରତମ୍ୟ ବଢ଼ିଛି ? ଦେଶରେ ଧନିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଏହାର ପ୍ରମାଣ ହେଉଛି ଦୁନିଆର ଧନୀ ବ୍ୟକ୍ତିଙ୍କ ତାଲିକାରେ ଭାରତୀୟଙ୍କ ବଢୁଥିବା ସଂଖ୍ୟା। ତେବେ ଏହାରି ଭିତରେ ଦେଶର ଅର୍ଥନୀତିକୁ ନେଇ ଚକିତା କଲା ଭଳି ରିପୋର୍ଟ ସାମ୍ନାକୁ ଆସିଛି। ରିପୋର୍ଟରୁ ଜଣାପଡିଛି ଯେ, ଭାରତର ୧% ଧନୀ ବ୍ୟକ୍ତିଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ୪୦%ରୁ ଅଧିକ ଅଂଶ ରହିଛି। ଅନ୍ୟପଟେ ଜନସଂଖ୍ୟାର ପ୍ରାୟ ଅଧା ମାତ୍ର ୩% ସମ୍ପତ୍ତିରେ ଜୀବନ ବିତାଉଛନ୍ତି। ଅକ୍ସଫମ ଇଣ୍ଟରନ୍ୟାସନାଲ ବିଶ୍ୱ ଆର୍ଥିକ ମଞ୍ଚର ବାର୍ଷିକ ବୈଠକର ଗୋଟିଏ ଦିନ ପୂର୍ବରୁ ନିଜର ବାର୍ଷିକ ଓ ଅସମାନତା ରିପୋର୍ଟ ଜାରି କରିଛି। ଏଥିରେ କୁହାଯାଉଛି ଯେ, ଭାରତର ୧୦ ସବୁଠୁ ଧନୀ ବ୍ୟକ୍ତିଙ୍କ ଉପରେ ୫% ଟିକସ ଲଗାଇଲେ ପିଲାଙ୍କୁ ପୁଣି ଥରେ ସ୍କୁଲକୁ ଆଣିବା ପାଇଁ ଧନରାଶି ମିଳିପାରିବ। ଏହି ରିପୋର୍ଟକୁ ସର୍ଭାଇଭଲ ଅଫ୍ ଦ ରିଚେଷ୍ଟ ଶୀର୍ଷକରେ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଦେଶର ଶୀର୍ଷ ବିଲେନିୟରଙ୍କ ମଧ୍ୟରେ ସାମିଲ ଗୌତମ ଅଦାନୀଙ୍କ ୨୦୧୭-୨୦୨୧ ମଧ୍ୟରେ ଆୟ ଉପରେ ଥରେ ଟିକସ ଲଗାଇ ୧.୭୯ ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇପାରିବ। ଏହି ରାଶିରେ



ଗୋଟିଏ ବର୍ଷ ପାଇଁ ପାଞ୍ଚ ମିଲିୟନରୁ ଅଧିକ ଭାରତୀୟ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ରୋଜଗାର ମିଳିପାରିବ। ଅକ୍ସଫମ ରିପୋର୍ଟ ଅନୁସାରେ, ଯଦି ଭାରତୀୟ ବିଲେନିୟରଙ୍କ ମୋଟ ସମ୍ପତ୍ତି ଉପରେ ୨% ହାରରେ ଟ୍ୟାକ୍ସ ଲଗାଯାଏ ତେବେ ଆସନ୍ତା ତିନି ବର୍ଷରେ ଦେଶରେ କୁପୋଷଣ ଦୂର କରିବା ପାଇଁ ୪୦,୪୨୩ କୋଟି ଟଙ୍କା ସଂଗ୍ରହ କରାଯାଇ ପାରିବ। ଦେଶର ସବୁଠୁ ଧନୀ ୧୦ ବିଲେନିୟରଙ୍କ ଉପରେ ୫% ଗୋଟିଏ ଥର ଟ୍ୟାକ୍ସ (୧.୩୭ ଲକ୍ଷ କୋଟି ଟଙ୍କା) ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ (୮୬,୨୦୦ କୋଟି ଟଙ୍କା) ଏବଂ ଆୟୁଷ ମନ୍ତ୍ରାଳୟର (୩,୦୫୦ କୋଟି ଟଙ୍କା) ଠାରୁ ୧.୫ ଗୁଣା ଅଧିକ ଅଟେ। ଲିଙ୍ଗଗତ ଅସମାନତାର ଉଲ୍ଲେଖ କରି ରିପୋର୍ଟ କୁହାଯାଇଛି ଯେ, ମହିଳା ଶ୍ରମିକଙ୍କୁ ପୁରୁଷ କର୍ମୀଙ୍କ ୧ ଟଙ୍କା ତୁଳନାରେ ୬୩ ପଇସା ମିଳୁଛି। ଅକ୍ସଫମ ନିଜ ରିପୋର୍ଟରେ କହିଛି ଯେ, କରୋନା ମହାମାରୀ ଆରମ୍ଭ ହେବା ପରଠୁ ୨୦୨୨ ନଭେମ୍ବର ସୁଦ୍ଧା ଭାରତରେ ବିଲେନିୟରମାନେ ନିଜ ସମ୍ପତ୍ତିରେ ୧୨୧% ଅର୍ଥାତ ୩,୬୦୮ କୋଟି ଟଙ୍କା ବୃଦ୍ଧି କରିଛନ୍ତି। ଅକ୍ସଫମ ନିଜ ରିପୋର୍ଟରେ କହିଛି ଯେ, ଭାରତରେ ବିଲେନିୟରଙ୍କ ମୋଟ ସଂଖ୍ୟା ୨୦୨୦ ମସିହାର ୧୦୨ରୁ ବଢ଼ି ୨୦୨୨ରେ ୧୬୬ ହୋଇଛି। ଭାରତର ୧୦୦ ସବୁଠୁ ଧନୀ ବ୍ୟକ୍ତିଙ୍କ ମିଳିତ ସମ୍ପତ୍ତି ୬୬୦ ବିଲିୟନ ଆମେରିକୀୟ ଡଲାର (୫୪.୧୨ଲକ୍ଷ କୋଟି ଟଙ୍କା) ହୋଇଛି।



# ୯ ବୃହତ୍ ପ୍ରକଳ୍ପକୁ ମଞ୍ଜୁରୀ

## ଓଡ଼ିଶାରେ ସୃଷ୍ଟି ହେବ ୨୭ ହଜାରରୁ ଅଧିକ ନିଯୁକ୍ତି

**ଭୁବନେଶ୍ୱର :** ରାଜ୍ୟରେ ଆଉ ୯ଟି ବଡ଼ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ହାଇ ଲେବଲ୍ କ୍ଲିୟରାନ୍ସ ଅଥରିଟିରେ ଏହି ସବୁ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ୯ ପ୍ରକଳ୍ପ ଦ୍ୱାରା ୨୭ ହଜାରରୁ ଅଧିକ ଚାକିରି ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହାଇଲେଭଲ କ୍ଲିଅରାନ୍ସ ଅଥରିଟି(ଏଚଏଲସିଏ) ବୈଠକରେ ଗ୍ରୀନ୍ ଏନର୍ଜି ଓ ଉପକରଣ କ୍ଷେତ୍ରର ୪ଟି ପ୍ରକଳ୍ପ, ପେପର ଶିଳ୍ପର ୨ଟି ପ୍ରକଳ୍ପ, ମେଟାଲ ଓ ମିନେରାଲ କ୍ଷେତ୍ରର ୨ଟି ଓ ଗୋଟିଏ ଆଇଟି କ୍ଷେତ୍ରର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ଢେଙ୍କାନାଳ, ଜଗତସିଂହପୁର, ଗଞ୍ଜାମ, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ ଓ ମୟୂରଭଞ୍ଜ ଜିଲ୍ଲାରେ ସ୍ଥାପିତ ହେବ। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ୩୮ହଜାର କୋଟି ଟଙ୍କା ବ୍ୟୟରେ ପାରାଦୀପରେ ବାର୍ଷିକ ୭ନିୟୁତ ଟନ୍ ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ କରିବ। ଏହା ଦ୍ୱାରା ୧୧୪୯୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ରୁଙ୍ଗଟା ମେଟାଲସ ପ୍ରାଃ ଲିମିଟେଡ୍ ୧୧୪୦କୋଟି ଟଙ୍କା ବ୍ୟୟରେ ମୟୂରଭଞ୍ଜରେ ନିଜର ଷ୍ଟିଲ ପ୍ଲାଣ୍ଟକୁ ବାର୍ଷିକ ୦.୫ ନିୟୁତ ଟନରୁ ଏକ ନିୟୁତ ଟନ କ୍ଷମତାକୁ ସମ୍ପ୍ରସାରଣ କରିବ। ଏହାଦ୍ୱାରା ଅଧିକ ୧୦୧୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଏସିଏମଇ କ୍ଲିନ୍ ଏନର୍ଜି ପ୍ରାଃ ଲିମିଟେଡର ୫୮୨୦୯.୧୩କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ସାମିଲ ଅଛି। କମ୍ପାନୀ ୧.୧ ମିଲିୟନ କ୍ଷମତା ବିଶିଷ୍ଟ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ ଓ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଜଗତସିଂହପୁର ଜିଲ୍ଲାର କୁଜଙ୍ଗଠାରେ ସ୍ଥାପନ ହେବ। ସେହିପରି ୪୫୦୦ ମେଗାୱାଟ ସୋଲାର ପାୱାର ପ୍ଲାଣ୍ଟ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ସ୍ଥାପନ କରିବ। ଏହାଦ୍ୱାରା ମୋଟ ୩୪୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି।

**ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣରେ ଓଡିଶା ଦେଶରେ ଏକ ନମ୍ବର ରାଜ୍ୟ**

# ଦେଶର ୭୫ ଜିଲ୍ଲା ମଧ୍ୟରେ ଓଡ଼ିଶାରୁ ୧୯

**ଭୁବନେଶ୍ୱର :** ରାଜ୍ୟରେ ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଓଡ଼ିଶାର ୧୯ ଟି ଜିଲ୍ଲା ଜାତୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡିଶା ଲ୍ୟାଣ୍ଡ ରେକର୍ଡ୍ସ ମର୍ଡନାଇଜେସନ ସୋସାଇଟି (ଓଏଲଆରଏମଏସ)ର ଗଭର୍ଣ୍ଣିଂ ବଡି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଲୋକ ସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ଦେଶରେ ଡିଆଇଏଲ୍ଆରଏମ୍ପି ଅନ୍ତର୍ଗତ ଛଅଗୋଟି ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଟ ୭୫ ଟି ଜିଲ୍ଲାକୁ ପ୍ଲାଟିନମ ପୁରସ୍କାର ନିମନ୍ତେ ଚୟନ କରାଯାଇଛି। ଏଥି ମଧ୍ୟରୁ ଓଡିଶାର ୧୯ ଟି ଜିଲ୍ଲା ଅନ୍ତର୍ଗତ ହୋଇଥିବା ଏକ ବିଶେଷ ସଫଳତା। ଏହି ସବୁ ଜିଲ୍ଲା ଗୁଡିକର ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣରେ କାର୍ଯ୍ୟଦକ୍ଷତା ୯୯ ପ୍ରତିଶତରୁ ଅଧିକ ଥିଲା। ଆଗାମୀ ଦିନରେ ଏହିସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନୂଆଦିଲ୍ଲୀରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଉତ୍ସବରେ ସମ୍ମାନିତ କରାଯିବ। ପ୍ଲାଟିନମ ପୁରସ୍କାର ନିମନ୍ତେ ବିବେଚିତ ହୋଇଥିବା ଜିଲ୍ଲାଗୁଡ଼ିକ ହେଲେ ଅନୁଗୁଳ, ବୌଦ୍ଧ, ବରଗଡ, ଭଦ୍ରକ, ଦେଓଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା ଓ ସମ୍ବଲପୁର। ବର୍ତ୍ତମାନ ହାଇଟେକ ସର୍ଭେ ପାଞ୍ଚୋଟି ଜିଲ୍ଲା ଯଥା ଦେବଗଡ, ସୁନ୍ଦରଗଡ, ବଲାଙ୍ଗୀର, ସମ୍ବଲପୁର ଓ ସୁବର୍ଣ୍ଣପୁର ରେ କାର୍ଯ୍ୟକାରୀ ହେଉଛି। ଦେବଗଡ ଜିଲ୍ଲାରେ ସର୍ଭେ କାର୍ଯ୍ୟ ଶେଷ ହୋଇଥିଲା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ଏହି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁନ୍ଦରଗଡ ଜିଲ୍ଲାରେ ସର୍ଭେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ଶ୍ରୀ ସାହୁ ସୂଚନା ଦେଇଥିଲେ। ହାଇଟେକ ସର୍ଭେକୁ ବାକିଥିବା ଜିଲ୍ଲା ଗୁଡିକରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ବାବଦରେ ଓରସାକ ଏକ ସବିଶେଷ ପ୍ରସ୍ତାବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପଠାଇବାପରେ ଏହା ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ। ଲାଇସେନ୍ସ ପ୍ରାପ୍ତ ସର୍ଭେୟରମାନଙ୍କୁ ସରକାରୀ ଓ ବେସରକାରୀ ପଲିଟେକନିକ କଲେଜ ସହ ଅନୁବନ୍ଧିତ କରାଯିବା ପରେ ଏକ ତିନି ମାସିଆ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଇ ସାର୍ଟିଫିକେଟ ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକ ନିମନ୍ତେ ଧାର୍ଯ୍ୟ କାର୍ଯ୍ୟସୁଚୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଶଶଧର ନାୟକ ଉପସ୍ଥାପନ କରିଥିଲେ। ଗତଥର ଅନୁଷ୍ଠିତ ହୋଇଥିବା ବୈଠକରେ ସଭାର ନିଷ୍ପତ୍ତି ଗୁଡିକ ଉପରେ ନିଆ ଯାଇଥିବା ପଦକ୍ଷେପ ସବୁକୁ ଗ୍ରହଣ କରଯାଇଥିଲା। ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ,ବିଧି ବିଭାଗର ପ୍ରମୁଖ ଶାସନ ସଚିବ ଧନେଶ୍ୱର ମଲ୍ଲିକ, ଓରସାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ, ଓକାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ବିଏସଏନଲର ଡିଜିଏମ ଓ ଏନଆଇସିର ବରିଷ୍ଠ ପଦାଧିକାରୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଭୂ-ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଶାଶୁ-ବୋହୂ ସମ୍ମିଳନୀ’ କରିବେ ଓଡ଼ିଶା ସରକାର

**ଭୁବନେଶ୍ୱର :** ପରିବାର ନିୟୋଜନ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ରାଜ୍ୟ ସରକାର ଖୁବଶୀଘ୍ର ‘ଶାଶୁ-ବୋହୂ ସମ୍ମିଳନୀ’ର ଆୟୋଜନ କରିବେ ବୋଲି ଜଣାପଡ଼ିଛି। ଏହି ସମ୍ମିଳନୀ ବର୍ଷକୁ ଦୁଇଥର ହେବ। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ଚଳିତମାସ ଶେଷ ଆଡ଼କୁ ଏହି ‘ଶାଶୁ-ବୋହୂ ସମ୍ମିଳନୀ’ର ଆୟୋଜନ କରାଯିବ। ଆଶାକର୍ମୀମାନଙ୍କୁ ଏହି ସମ୍ମିଳନୀ ଆୟୋଜନ କରିବା ଦାୟିତ୍ୱ ନ୍ୟସ୍ତ ହୋଇଛି ତଥା ଏହି ସମ୍ମିଳନୀରେ ଶାଶୁ-ବୋହୂମାନଙ୍କୁ ପରିବାର ନିୟୋଜନ ସଂକ୍ରାନ୍ତରେ ସଚେତନ କରାଯିବ। ଏହି ସମ୍ମିଳନୀରେ ନୂଆ ବିବାହିତା ମହିଳା, ଗର୍ଭବତୀ ମହିଳା, ପରିବାର ନିୟୋଜନ ଶୈଳୀ ଆପଣାଇ ପିଲା ଜନ୍ମ କରୁଥିବା ମହିଳାମାନେ ଯୋଗ ଦେବେ। ନୂଆ ବିବାହିତା ମହିଳାଙ୍କୁ ବିବାହ ଉପହାର ଭାବେ କଣ୍ଡୋମ ଓ ଗର୍ଭନିରୋଧକ ବଟିକା ଦିଆଯିବ। କେନ୍ଦ୍ର ସରକାରଙ୍କ ୨୦୧୭ ମସିହାର ସମ୍ମିଳନୀ ଢାଂଚାରେ ଏହି ଆୟୋଜନ କରାଯିବ ବୋଲି ଜଣାପଡ଼ିଛି। ଜନସଂଖ୍ୟା ସ୍ଥିରତା ଆଣିବା ପାଇଁ ଦୁଇଟି ପିଲା ଜନ୍ମର ଅବଧି ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ମହିଳାମାନଙ୍କୁ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପରାମର୍ଶ ଦିଆଯିବ। କେନ୍ଦ୍ର ସରକାର ୨୦୧୭ ମସିହାରେ ଦେଶର ୧୪୬ଟି ଜିଲ୍ଲାରେ ଜନ୍ମହାରକୁ ନିୟନ୍ତ୍ରଣ କରିବା ନିମନ୍ତେ ‘ମିଶନ ପରିବାର ବିକାଶ’ କାର୍ଯ୍ୟକ୍ରମ କରିଥିଲେ। ଓଡ଼ିଶାରେ ଜନ୍ମହାର ଜାତୀୟ ହାର ୨ରୁ କମ୍ ରହିଥିଲେ ମଧ୍ୟ ଆଧୁନିକ ଗର୍ଭନିରୋଧକ ଶୈଳୀର ଉପଯୋଗ, ଅବାଂଞ୍ଛିତ ମାତୃତ୍ୱ ଓ ଗର୍ଭପାତ ଆଦିରେ ସୁଧାର ଆସିପାରିନି। ରାଜ୍ୟ ପରିବାର ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି ଯେ, ଏହି ‘ଶାଶୁ-ବୋହୂ ସମ୍ମିଳନୀ’ ଦ୍ୱାରା ଶାଶୁ ଓ ବୋହୂଙ୍କ ମଧ୍ୟରେ ଭାବଗତ ଆଦାନପ୍ରଦାନରେ ସୁଧାର ଆସିବ ଓ ପରିବାର ନିୟୋଜନରେ ସୁଧାର ଆସିପାରିବ। ମହିଳାମାନଙ୍କର ଏହି ସମାବେଶ ଦ୍ୱାରା ଶାଶୁ ଓ ବୋହୂଙ୍କୁ ଗୋଟିଏ ପ୍ଲାଟଫର୍ମ ମିଳିବ, ଯେଉଁଠି ମହିଳା ସଦସ୍ୟମାନେ ନିଜ ନିଜର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିବାର ସୁଯୋଗ ପାଇପାରିବେ। ଏହି କାର୍ଯ୍ୟକ୍ରମକୁ ଅଧିକ ରୁଚିପୂର୍ଣ୍ଣ ଢଙ୍ଗରେ କରିବା ନିମନ୍ତେ ପ୍ରୟାସ କରାଯାଉଛି ବୋଲି ଡାକ୍ତର ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନଏଫଏଚଏସ-୫) ଅନୁସାରେ ଓଡ଼ିଶାରେ ପ୍ରତି ମହିଳା ପିଛା ଶିଶୁ ଜନ୍ମ ହାର ୨୦୨୦-୨୧ରେ ୧.୮ ରହିଛି। ଓଡ଼ିଶାରେ ଗର୍ଭନିରୋଧକ ଶୈଳୀ ଭାବେ ବଟିକା ଉପଯୋଗ ୧୨%ରୁ ୧୦.୮ ପ୍ରତିଶତକୁ ହ୍ରାସ ପାଇଛି। ଯଦିଓ କଣ୍ଡୋମ ଉପଯୋଗ ୩.୪%ରୁ ୫.୫%କୁ ବୃଦ୍ଧି ପାଇଛି। ରାଜ୍ୟରେ ୨୦୧୧ରୁ ୨୦୨୦ ମସିହା ମଧ୍ୟରେ ସରକାରୀ ଭାବେ କଣ୍ଡୋମ ଯୋଗାଣ ହାର ହ୍ରାସ ପାଇଛି।

# ମୋବାଇଲ ଗେମ୍ ମାୟା ଜାଲରେ ଫସୁଛନ୍ତି ଶିଶୁ ଓ ଯୁବପିଢ଼ି




**ଭୁବନେଶ୍ୱର :** ଓଡ଼ିଶାରେ ହୁ ହୁ ହୋଇ ବ୍ୟାପୁଛି ମୋବାଇଲ ଗେମ୍ ମାୟା ଜାଲ। ଟାଣି ହୋଇ ଯାଉଛନ୍ତି ଶିଶୁ ଓ ଯୁବ ପିଢ଼ି। ମୋବାଇଲ ପ୍ରିମିୟର ଲିଗ(ଏମ୍ପିଏଲ୍) ନାମକ ଏକ ଗେମିଂ ପ୍ଲାଟଫର୍ମ ପକ୍ଷରୁ ପ୍ରକାଶିତ ଇଣ୍ଡିଆ ମୋବାଇଲ ଗେମିଂ ରିପୋର୍ଟ ୨୦୨୨ରୁ ଆସିଛି ଏମିତି ଚିନ୍ତାଜନକ ତଥ୍ୟ।ରିପୋର୍ଟ ଅନୁସାରେ ବର୍ଷକ ଭିତରେ ଓଡ଼ିଶାରେ ମୋବାଇଲ ଗେମ୍ ୟୁଜରଙ୍କ ସଂଖ୍ୟା ବଢିଛି ପ୍ରାୟ ୫୫ ପ୍ରତିଶତ। ଯାହାକି ସାରା ଦେଶରେ ଏକ ନମ୍ବର। ତା’ତଳକୁ ପଞ୍ଜାବ, ତାମିଲନାଡୁ, ପୁଡୁଚେରୀ ଓ ହିମାଚଳ ପ୍ରଦେଶ ଅଛନ୍ତି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ରାଜଧାନୀ ଭୁବନେଶ୍ୱରରେ ମୋବାଇଲ ଗେମ୍ ୟୁଜରଙ୍କ ସଂଖ୍ୟା ବଢିଛି ୧୬ ଶହ ୫୨ ପ୍ରତିଶତ। ସର୍ବାଧିକ ଖେଳା ଯାଉଥିବା ଗେମ୍ ଗୁଡିକ ହେଲା- ଲୁଡୋ, ସାପ, କ୍ୟାରମ, ଫ୍ଲଟ ଡାର୍ଟ ଓ ପଜଲ ପୋକର। ଯାହାର ମୁଖ୍ୟ ୟୁଜର୍ସ ହେଉଛନ୍ତି ଶିଶୁ ଓ ସ୍କୁଲ ପିଲା। ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଉଭୟ ଚାଇଲ୍ଡ ଲାଇନ୍ ଓ ଶିଶୁ ସୁରକ୍ଷା ଆୟୋଗ। ଅଭିଭାବକଙ୍କ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିବାବେଳେ ଆଗକୁ ମୋବାଇଲର ନକରାତ୍ମକ ପ୍ରଭାବକୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ। ରିପୋର୍ଟରେ ଆହୁରି କୁହାଯାଇଛି, ସର୍ବାଧିକ ମୋବାଇଲ ଗେମରଙ୍କ ସଂଖ୍ୟାରେ ଆଗରେ ରହିଛି ଉତ୍ତର ପ୍ରଦେଶ। ତା’ତଳକୁ ମହାରାଷ୍ଟ୍ର, ରାଜସ୍ଥାନ, ବିହାର ଓ ପଶ୍ଚିମବଙ୍ଗ ରହିଛି। ତେବେ ଆଶ୍ଚର୍ଯ୍ୟର କଥା ମେଟ୍ରୋ ସିଟି ତୁଳନାରେ ଛୋଟ ସହର ଗୁଡିକରେ ଅଧିକ ବଢୁଛି ମୋବାଇଲ ଗେମ୍ ଡେଭଲପ୍ରଙ୍କ ସଂଖ୍ୟା। ଯାହାକୁ ନେଇ ଅଭିଭାବକ ମଧ୍ୟ ଟେନସନରେ। କେମିତି ମୋବାଇଲଠୁ ପିଲାଙ୍କୁ ଦୂରଇବେ ଓ କେମିତି ସେମାନଙ୍କୁ ସଚେତନ କରାଇବେ, ସେ ନେଇ ଚିନ୍ତାରେ। ଆଇଟି ବିଶେଷଜ୍ଞଙ୍କ ମତରେ ସ୍ପିଡ ଇଣ୍ଟରନେଟ କମ୍ ଦାମରେ ମିଳିବା ସହ ଆଧୁନିକ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଆକର୍ଷଣୀୟ ଖେଳ ଆଡକୁ ଆକର୍ଷିତ ହୋଇ ଅଭ୍ୟାସରେ ପଡୁଛନ୍ତି ପିଲା। ଯଦ୍ୱାରା ସାଇବର ଠକେଇରେ ଶିକାର ହୋଇ ଅର୍ଥ ମଧ୍ୟ ହରାଉଛନ୍ତି।

**ସଂରକ୍ଷଣ ହେବ କାରୁକାର୍ଯ୍ୟପୂର୍ଣ୍ଣ ପୁରାତନ ଗୁମ୍ଫା**

# ଏଏସ୍ଆଇ ତାଲିକାରେ ରାଜ୍ୟର ୧୪୦ ଐତିହ୍ୟ ଗୁମ୍ଫା

**ଭୁବନେଶ୍ୱର :** ଓଡ଼ିଶାର କାରୁକାର୍ଯ୍ୟ ସମ୍ପର୍ଣ୍ଣ ପୁରାତନ ଗୁମ୍ଫାଗୁଡ଼ିକର ସଂରକ୍ଷଣ ଦିଗରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ନୀତିଗତ ନିଷ୍ପତ୍ତି ନେଉଛି। ରାଜ୍ୟରେ ଏଭଳି ୧୪୦ଟି ଗୁମ୍ଫାର ରହିଥିବା ବେଳେ ସେଗୁଡ଼ିକର ସଂରକ୍ଷଣ କରିବା ନେଇ ବିଭାଗ ଯୋଜନା କରୁଛି। ଯାହାଫଳରେ ରାଜ୍ୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ସ୍ମାରକର ସଂଖ୍ୟା ବଢ଼ିବା ନେଇ ଆଶା ଉଜ୍ଜୀବିତ ହୋଇଛି। ଏଏସଆଇ ଭୁବନେଶ୍ୱର ସର୍କଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଥିବା ଅନେକ ଶୀଳା ଓ ଗୁମ୍ଫା କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଏସବୁକୁ ସଂରକ୍ଷିତ କରିବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସବୁର ସଂରକ୍ଷଣ ଦିଗରେ ଏଏସଆଇ ଧ୍ୟାନ କେନ୍ଦ୍ରୀଭୂତ କରୁଛି। ରାଜ୍ୟରେ କାରୁକାର୍ଯ୍ୟପୂର୍ଣ୍ଣ ୧୪୦ଟି ଗୁମ୍ଫା ରହିଛି। ତନ୍ମଧ୍ୟରୁ କେବଳ



ଝାରସୁଗୁଡ଼ାର ବେଲହାପାଡ଼ସ୍ଥିତ ବିକ୍ରମଖୋଲ ଗୁମ୍ଫା ଏଏସଆଇ ସ୍ମାରକର ମାନ୍ୟତା ପାଇଛି। ଏପରିକି ସମ୍ପ୍ରତି ବିକ୍ରମଖୋଲ ଗୁମ୍ଫା କାରୁକାର୍ଯ୍ୟର ସିଂହଭାଗ ନଷ୍ଟ ହୋଇସାରିଲାଣି। ପଶ୍ଚିମ ଓଡ଼ିଶାରେ ଏଭଳି ୫୦ରୁ ଉର୍ଦ୍ଧ୍ୱ ଗୁମ୍ଫା ରହିଛି। ଏସବୁ ଗୁମ୍ଫାର କାରୁକାର୍ଯ୍ୟ କ୍ରମଶଃ ନଷ୍ଟ ହେବାରେ ଲାଗିଛି। ଜଳବାୟୁ ଓ ମାନବକୃତ କାର୍ଯ୍ୟକଳାପ ଯୋଗୁଁ ପୁରାତନ କାରୁକାର୍ଯ୍ୟକୁ ବହନ କରୁଥିବା ଗୁମ୍ଫାଗୁଡ଼ିକ ନିଜର ଗୁରୁତ୍ୱ ହରାଉଛନ୍ତି। ସମ୍ବଲପୁର ସ୍ଥିତ ଅମ୍ବାଝୋଲ ଓ ଭୀମ ମଣ୍ଡଳୀ ଗୁମ୍ଫାକୁ ଉଦାହାରଣ ଭାବେ ନିଆଯାଇପାରିବ। ଏସବୁ ଗୁମ୍ଫା ୧୦ ବର୍ଷ ତଳେ ଯେଉଁ ଅବସ୍ଥାରେ ଥିଲା ସମ୍ପ୍ରତି ସେଭଳି ନାହିଁ। ଏହାର କାରୁକାର୍ଯ୍ୟ କ୍ରମଶଃ ନଷ୍ଟ ହେବାରେ ଲାଗିଛି। ଏପରକି ଅମ୍ବାଝୋଲ୍ ଗୁମ୍ଫାରେ ଥିବା ୩ଟି ହାତୀ ମୂର୍ତ୍ତି ମଧ୍ୟରୁ ଗୋଟିଏକୁ ଦେଖିବାକୁ ମିଳୁନାହିଁ। ତାହା କୁଆଡ଼େ ଗଲା ସେନେଇ କୌଣସି ସୂଚନା ନାହିଁ। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ କଳା ଓ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଗୁମ୍ଫାଗୁଡ଼ିକର ସଂରକ୍ଷଣ ଆବଶ୍ୟକ ହେଉଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅନୁଭବ କରୁଛି। ଏଥିପାଇଁ ଏଏସଆଇ ସର୍ଭେ ଆରମ୍ଭ କରିବାକୁ ଯାଉଛି। ସର୍ଭେ କରି ପ୍ରଥମେ ଗୁମ୍ଫାଗୁଡ଼ିକୁ ଚିହ୍ନଟ କରାଯିବା ସହ ଶିଳାର ମାନ ଓ ସାମ୍ପ୍ରତିକ ସ୍ଥିତି ଯାଞ୍ଚ କରାଯିବ। ତେବେ କେଉଁ ଗୁମ୍ଫାଗୁଡ଼ିକ ସଂରକ୍ଷଣ ସ୍ମାରକ ଭାବେ ସାମିଲ ହେବ ସେନେଇ ଏକ ବିସ୍ତୃତ ରିପୋର୍ଟ ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିକଟରେ ଭୁବନେଶ୍ୱର ସର୍କଲ ପକ୍ଷରୁ ଦାଖଲ ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି ଯେ ଏଏସଆଇ ଯେଉଁ ଢ଼ଙ୍ଗରେ ସଂରକ୍ଷଣ କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ। କୌଣସି କୀର୍ତ୍ତିରାଜି କେବଳ ଏଏସଆଇ ମାନ୍ୟତା ପାଇଗଲେ ତାହାର ପୁନରୁଦ୍ଧାର କିମ୍ବା ରକ୍ଷଣାବେକ୍ଷଣ ହୋଇଯିବ ନାହିଁ। ଏଏସଆଇ ସଂରକ୍ଷଣର ମାନ ବଢ଼ାଇବା ଦରକାର। ସଂରକ୍ଷଣ ପ୍ରକ୍ରିୟାକୁ ସୁଦୃଢ଼ କରିବା ଦରକାର। ଅନେକ ଏଏସଆଇ ସଂରକ୍ଷିତ ସ୍ମାରକ ଏଯାବତ୍ ସଠିକ ରୂପେ ସଂରକ୍ଷିତ ହୋଇପାରିନାହାଁନ୍ତି। ତେବେ ରାଜ୍ୟର ଐତିହ୍ୟସମ୍ପର୍ଣ୍ଣ ଗୁମ୍ଫାକୁ ସଂରକ୍ଷଣ କରିବା ଭଳି ନିଷ୍ପତ୍ତି ନିହାତି ପକ୍ଷେ ସ୍ୱାଗତଯୋଗ୍ୟ।

# ରାଜ୍ୟରେ ଆରମ୍ଭ ହେବ ସରୋଗାସି

## ଆଇଭିଏଫ୍ ପାଇଁ ୧୨ ସଂସ୍ଥାକୁ ଅନୁମୋଦନ

**ଭୁବନେଶ୍ୱର :** ନିଃସନ୍ତାନମାନଙ୍କୁ ସରୋଗାସି ପାଇଁ ଓଡ଼ିଶାର ଲୋକଙ୍କୁ କୋଲକାତା କିମ୍ବା ଛତିଶଗଡ଼ ଭଳି ସହର ଉପରେ ନିର୍ଭର କରିବାକୁ ପଡୁଥିଲା। ଆଗକୁ ଓଡ଼ିଶାରେ ଏହି ସୁବିଧା ମିଳିବ। ରାଜ୍ୟରେ ଖୁବ୍ ଶୀଘ୍ର ସରୋଗାସି(ଭଡ଼ାରେ ଗର୍ଭଧାରଣ) ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ୩ଟି ସଂସ୍ଥା ଆବେଦନ କରିଛନ୍ତି। ଗତବର୍ଷ ଜୁନ୍ ମାସରେ ରାଜ୍ୟ ସରକାର ଷ୍ଟେଟ୍ ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲୋଜି ଏଣ୍ଡ ସରୋଗାସି ବୋର୍ଡ ଗଠନ କରିଥିଲେ। ଏହାପରେ ରାଜ୍ୟରେ ଉଭୟ ସରୋଗାସି ଓ ଆଇଭିଏଫ୍ ଖୋଲିବା ନେଇ ଆବେଦନପତ୍ର ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆଇଭିଏଫ୍ ଓ ସରୋଗାସି କେନ୍ଦ୍ର ଖୋଲିବା ପାଇଁ ସଂସ୍ଥାମାନଙ୍କୁ କେନ୍ଦ୍ର ସରକାରଙ୍କୁ ଅନ୍ଲାଇନ୍ରେ ଏଆରଟି(ଆର୍ଟିଫିସିଆଲ ଇନସେମିନେସନ୍) ରେଜିଷ୍ଟ୍ରିରେ ଆବେଦନ କରିବାକୁ ପଡ଼ିଥାଏ। ପରବର୍ତ୍ତୀ ସମୟରେ ରାଜ୍ୟ ଅନୁସାରେ ଆବେଦନପତ୍ରକୁ ସେହି ରାଜ୍ୟକୁ ପଠାଯାଉଛି। ଓଡ଼ିଶାରେ ଏଆରଟି ଓ ସରୋଗାସି କେନ୍ଦ୍ର ଖୋଲିବା ପାଇଁ ୪୭ଟି ଆବେଦନପତ୍ର ଆସିଛି। ଏଥିରେ ଏଆରଟି କେନ୍ଦ୍ର ପାଇଁ ୩୫ଟି, ସରୋଗାସି ପାଇଁ ୭ ଓ ଏଆରଟି ବ୍ୟାଙ୍କ ପାଇଁ ୫ଟି ଆବେଦନ ହୋଇଛି। ତହିଁରୁ ୧୬ଟି ଆବେଦନର କାଗଜପତ୍ର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ପହଞ୍ଚିଛି। ଆବେଦନ କରିଥିବା ୩୫ଟି ଏଆରଟି ମଧ୍ୟରୁ ୧୨ଟି ସଂସ୍ଥାକୁ ଅନୁମୋଦନ ଦିଆଯାଇଛି। ରାଜ୍ୟରେ ପୂର୍ବରୁ କାର୍ଯ୍ୟ କରୁଥିବା ଏଆରଟିଗୁଡ଼ିକ ପିସି ଏଣ୍ଡ ପିଏନ୍ଡିଟି ଆଇନ ଅଧୀନରେ ରହିଥିଲେ। ମାତ୍ର ଏବେ ବୋର୍ଡ ଗଠନ ପରେ ସେମାନଙ୍କୁ ନୂତନ ଆଇନରେ ଅନୁମୋଦନ ଦିଆଯାଇଛି। ସେହିଭଳି ସରୋଗାସି ଓ ଏଆରଟି ବ୍ୟାଙ୍କ୍ ପାଇଁ ଆବେଦନ କରିଥିବା ସଂସ୍ଥାର କାଗଜପତ୍ର ଠିକ୍ ଥିଲେ ସରକାରୀ ଅନୁମୋଦନ ମିଳିବ।


**‘ମୋ ସରକାର’ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

# ସ୍ୱାସ୍ଥ୍ୟ ବିଭାଗର ଫିଡ୍ବ୍ୟାକ ସର୍ବୋତ୍ତମ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା କରି ଜିଲ୍ଲାସ୍ତରରେ ଅଧିକ ଫିଡବ୍ୟାକ ସଂଗ୍ରହ କରିବାପାଇଁ ନିର୍ଦ୍ଦେଶ ଦେବା ସହିତ ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ସମୀକ୍ଷା କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିଭିନ୍ନ ବିଭାଗ ସେମାନଙ୍କ ଡାଟାବେସ୍କୁ ସୁଦୃଢ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୋ ସରକାର କାର୍ଯ୍ୟକ୍ରମରେ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଫୋନକଲ୍ ଜରିଆରେ ସେମାନେ କିଭଳି ବ୍ୟବହାର ପାଇଲେ ବା ତାଙ୍କ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି କି ନାହିଁ, ସେ ସଂପର୍କରେ ଜାଣିବା ପାଇଁ ବ୍ୟବସ୍ଥା ରହିଛି। ୨୦୧୯ ଅକ୍ଟୋବର ୨ ତାରିଖରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗତ ବର୍ଷ ମଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ଏହାର ସମୀକ୍ଷା କରିଥିଲେ। ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମିଶନ ଶକ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା କରାଯାଇଥିଲା। ବୈଠକରେ ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ୩୧ଟି ବିଭାଗର ୨୬୩ଟି ସେବା ମୋ ସରକାର ଅଧୀନକୁ ଆସିଛି। ଆଜି ପର୍ଯ୍ୟନ୍ତ ସମୁଦାୟ ୩.୭୭ କୋଟି ଫିଡବ୍ୟାକ ସଂଗ୍ରହ କରାଯାଇଛି। ମୋ ସରକାରର ୧୧ଟି ପାରାମିଟରରୁ ୯ଟି ପାରାମିଟରରେ ଉନ୍ନତି ଆସିଛି। ସମସ୍ତ ବିଭାଗର ସାମଗ୍ରିକ ପ୍ରଦର୍ଶନ ଦୃଷ୍ଟିରୁ ୯୪.୯ ପ୍ରତିଶତ ଫିଡବ୍ୟାକ ଆଉଟଷ୍ଟାଣ୍ଡିଂଙ୍ଗ ବା ସର୍ବୋତ୍ତମ ରହିଛି। ସମୀକ୍ଷାରୁ ଜଣାଯାଇଥିଲା ଯେ ସ୍ୱାସ୍ଥ୍ୟ ବିଭାଗର ପ୍ରଦର୍ଶନ ସର୍ବୋତ୍ତମ ରହିଛି। ବିଶେଷକରି ସରକାରୀ ଡାକ୍ତରଖାନା ମାନଙ୍କରେ ମିଳୁଥିବା ସେବା ସଂପର୍କରେ ଜନସାଧାରଣଙ୍କ ଫିଡବ୍ୟାକ ବହୁତ ଭଲ ରହିଛି। ୯୯ ପ୍ରତିଶତରୁ ଅଧିକ ମତ ଉତ୍ତମ ବୋଲି ଜଣାଯାଇଛି। ସେହିପରି ବେସରକାରୀ ଡାକ୍ତରଖାନା ଗୁଡିକରେ ୯୮ ପ୍ରତିଶତ ଫିଡବ୍ୟାକ ଉତ୍ତମ ରହିଛି। ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ଫିଡବ୍ୟାକ ନିଆଯାଇଛି। ଗୃହ ନିର୍ମାଣ ଓ ନିଗର ଉନ୍ନୟନ ବିଭାଗ କାମରେ ମଧ୍ୟ ଉନ୍ନତି ଆସିଛି ବୋଲି ଜଣାଯାଇଛି। ସମୀକ୍ଷାରୁ ଜଣାଯାଇଛି ଯେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୯୬ ପ୍ରତିଶତ, ରାଜସ୍ୱ ବିଭାଗର ୯୮ ପ୍ରତିଶତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୯୨ ପ୍ରତିଶତ ଫିଡବ୍ୟାକ ଅତି ଉତ୍ତମ ରହିଛି। ମିଶନ ଶକ୍ତି ବିଭାଗ ଅପେକ୍ଷାକୃତ ନୂତନ ବିଭାଗ ହୋଇଥିବାରୁ ଏହାର ଫିଡବ୍ୟାକ ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ସମୀକ୍ଷାରୁ ଜଣାଯାଇଥିଲା ଯେ ସବ୍ରେଜିଷ୍ଟର ଅଫିସ, ବିଲ୍ଡିଂ ପ୍ଲାନ ଅନୁମୋଦନ, ବିଲ୍ ପ୍ରଦାନ, ଜାତିଗତ



ପ୍ରମାଣପତ୍ର ଆଦି ପ୍ରଦାନ କ୍ଷେତ୍ରରେ ସମସ୍ୟା ରହୁଛି ବୋଲି ଫିଡବ୍ୟାକରୁ ଜଣାଯାଇଛି। ଏସବୁ କ୍ଷେତ୍ରରେ ଅଧିକ ପାରଦର୍ଶିତାର ସହ କାମ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତ ବିଭାଗ ନିଜ ନିଜର ସେବା ପ୍ରଦାନ କାର୍ଯ୍ୟକ୍ରମ ଗୁଡିକୁ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇବାର ଆବଶ୍ୟକତା ରହିଛି। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଲେ ଯେ ଗତ ସମୀକ୍ଷା ଠାରୁ ବର୍ତ୍ତମାନ ମଧ୍ୟରେ ଫିଡବ୍ୟାକ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଆସିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ ଜିଲ୍ଲାସ୍ତରରେ ଉତ୍ତମ ଫିଡବ୍ୟାକ ସଂଗ୍ରହ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଉନ୍ନୟନ କମିଶନର ପି.କେ. ଜେନା କହିଲେ ଯେ ମୋ ସରକାର କାର୍ଯ୍ୟକ୍ରମ ଯୋଗୁ ବିଭିନ୍ନ ବିଭାଗର କ୍ଷେତ୍ରସ୍ତରୀୟ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆସିଛି। ସେଥିପାଇଁ ଅଭିଯୋଗର ପରିମାଣ ମଧ୍ୟ କମିଛି ବୋଲି ସେ କହିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କହିଲେ ଯେ ସରକାରୀ ସେବା ପାଉଥିବା ବିଭିନ୍ନ ଲୋକଙ୍କ ଠାରୁ ମତାମତ ଗ୍ରହଣ କରି ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ବ୍ୟବସ୍ଥା ସଂପର୍କରେ ଜାଣିବା ଏବଂ ତଦନୁଯାୟୀ ପଦକ୍ଷେପ ନେବା ହେଉଛି ମୋ ସରକାରର ଲକ୍ଷ୍ୟ। ଏଥିରେ ଫିଡବ୍ୟାକ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଉଦାହରଣ ଦେଇ ସେ କହିଲେ ଯେ ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ପେନ୍ସନ କ୍ଷେତ୍ରରେ ବ୍ୟବସ୍ଥାଗତ ସମସ୍ୟା ରହିଛି। ତେଣୁ ଏହାର ନିରାକରଣ ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆଗକୁ ଏ ସଂପର୍କରେ ଅଧିକ ଆଲୋଚନା କରାଯାଇ ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯିବ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ, ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ପ୍ରମୁଖ ସଚିବ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ନିଜ ନିଜ ବିଭାଗର ମୋ ସରକାର ତଥ୍ୟ ଉପସ୍ଥାପନ କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ମୋ ସରକାର କାର୍ଯ୍ୟକ୍ରମର ସାମଗ୍ରିକ ତଥ୍ୟ ଉପସ୍ଥାପନ କରିଥିଲେ।




ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ଜାନୁଆରୀ, ୨୦୨୩


# ବାସ୍ତବ ଚିତ୍ର କିନ୍ତୁ ଭିନ୍ନ



ସମ୍ପାଦକୀୟ
ତାରକ ମହାନ୍ତି

କରୋନା କାଳରେ ସାଧାରଣ ଜୀବନ ଆଉ ସାଧାରଣ ହୋଇ ରହିନାହିଁ।ପ୍ରତି ମଣିଷ କିଛିନା ସମସ୍ୟାକୁ ନେଇ ଜୁଝୁଛି। ସରକାର ଗରିବ କଲ୍ୟାଣ ପାଇଁ ଅନେକ ଯୋଜନା କରୁଥିଲେ ବି ସବୁ ବର୍ଗର ଲୋକ ଏହାର ପାଇପାରୁନାହାନ୍ତି। ଏହାର ବଡ଼ କାରଣ ହେଲା ସରକାର ଯେଉଁ ବର୍ଗିକରଣ କରାଯାଇଛି, ସେଥିରେ ରାଜନୈତିକ ଅଭିସନ୍ଧି ରହିଥିବାର ଅଭିଯୋଗ ମଧ୍ୟ ଉଠୁଛି। ଏତଦବ୍ୟତୀତ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରାଯାଇଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଯେଉଁମାନଙ୍କୁ ଗରିବ ଦର୍ଶାଯାଇଛି, ବାସ୍ତବରେ ସିଏ ଗରିବ କି ନାହିଁ ଏହାର ସଠିକ ମାନ କିପରି ଓ କିଏ ନିର୍ଦ୍ଧାରଣ କରିଛି ତାହା ମଧ୍ୟ ବିତର୍କିତ। କାରଣ ଭୋଟ ଲୋଭରେ ଥିଲାବାଲା ଲୋକଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯାଇଥିବା ଜଣାପଡିଛି। ଏଥିରେ ଦଳୀୟ ନେତାଙ୍କ ଭୂମିକା ରହିଥିବା ଜଣାଯାଏ।ବସ୍ତିରେ ରହୁଥିବା ସବୁ ଲୋକ ଯେ ଗରିବ ଏହା ବିଶ୍ୱାସଯୋଗ୍ୟ ନୁହେଁ।କିନ୍ତୁ ସରକାର ତାଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଦେଇଚାଲିଛନ୍ତି।କିନ୍ତୁ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ମଣିଷ କି ପ୍ରକାର ସମସ୍ୟା ଦେଇ ଗତି କରୁଛନ୍ତି ଏହାର ସର୍ଭେ ହେଉଛି କି?

ଏହି ବର୍ଗରେ ଅନ୍ତର୍ଭୁକ୍ତ ସବୁ ପରିବାର ନିକଟରେ ସରକାରୀ ଚାକିରୀ ନାହିଁ।ସେଭଳି ପରିବାର ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ବେସରକାରୀ ସଂସ୍ଥାରେ ମୁଣ୍ଡ ବିକିଛନ୍ତି ତ ଆଉକେହି ଛୋଟମୋଟ ବ୍ୟବସାୟ କରି ଚଳୁଛନ୍ତି। ଋଣ ଆଣି ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିଥିଲେ ମଧ୍ୟ ସମସ୍ତଙ୍କୁ ନିଯୁକ୍ତି ସୁଯୋଗ ମିଳୁନାହିଁ। ସରକାରୀ ଚାକିରୀ ଖଣ୍ଡେ ଭାଗ୍ୟରେ ଥିଲେ ମିଳୁଛି ଅଥବା ଗଳା ବାଟରେ ମିଳିପାରୁଛି। କିନ୍ତୁ ଏଥିପାଇଁ ଯେଉଁ ସ୍ତର ଦେଇ ଯିବାକୁ ହୁଏ ତାହା ସମସ୍ତଙ୍କୁ ଜଣାନାହିଁ। ଏଥିରେ ମଧ୍ୟ ବ୍ୟାପକ ଦୁର୍ନୀତି ହେଉଥିବା ଖବର ପ୍ରକାଶ ପାଉଛି।ଉଚ୍ଚ ଶିକ୍ଷା ଲାଭ କରି ଯୋଗ୍ୟ ପିଲା ଫୁଟପାଥ ଉପରେ ବେପାର କରିବାକୁ ଉଚିତ ମଣୁନାହାନ୍ତି। ଏପରି ଅନେକ କାରଣ ରହିଛି, ଯାହା ଅନୁଭବୀ ହିଁ ଅନୁମାନ ଲଗାଇପାରିବେ। ହେଲେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ଦୁଃଖ ବୁଝିବାକୁ ଶାସନ ବା ପ୍ରଶାସନ କେହି ଆଗେଇ ନଆସିବା ଦୁର୍ଭାଗ୍ୟର ବିଷୟ। ଗଣତନ୍ତ୍ରରେ ସମସ୍ତଙ୍କୁ ସମାନ ଅଧିକାର କଥା କୁହାଯାଉଥିଲେ ବି ବାସ୍ତବ ଚିତ୍ର ଭିନ୍ନ। କାରଣ ଉପଯୁକ୍ତ ଓ ନିରପେକ୍ଷ ସର୍ଭେ ନହେଲେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ସହଜ ହୁଏ କି? ତେଣୁ ସରକାରୀ ସ୍ତରରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ନହେଲେ ଗରିବ ଖାତାରେ ନାଁ ନଥିବା ଅବହେଳିତ ପରିବାର ଏଭଳି ନିର୍ଯାତନା ଭୋଗି ଚାଲୁଥିବେ। ସେମାନଙ୍କ ସ୍ୱର ବାହାରକୁ ଶୁଭୁନଥିଲେ ମଧ୍ୟ ଅନ୍ତରର କ୍ଷୋଭ ବଢୁଥିବ। ସେମାନେ ମେଳିବାନ୍ଧି ସରକାରଙ୍କୁ ଘେରୁନଥିବାରୁ ସରକାର ଏହି ବର୍ଗ ପାଇଁ ଉଦାସୀନ ରହିବା କେତେ ଯଥାର୍ଥ,ତାହା ସାମ୍ପ୍ରତିକ ସମୟରେ ଆଲୋଚନା କରାଯିବା ଆବଶ୍ୟକ। କାରଣ ସମାନତା ଓ ସମାନ ଅଧିକାର ସମ୍ବିଧାନ ଆମକୁ ଦେଇଛି। ହେଲେ ଏହାକୁ କାର୍ଯ୍ୟକାରୀ କରିବା ଶାସନ ବା ପ୍ରଶାସନର ଦାୟିତ୍ୱ।ତାହା ନିର୍ବାଚିତ ସରକାର ହୁଅନ୍ତୁ ଅଥବା ଲୋକଙ୍କ ଟିକସ ଅର୍ଥରେ ବେତନ ନେଉଥିବା ସରକାରୀ ବାବୁ,କର୍ମଚାରୀ ଯିଏ ବି ହୁଅନ୍ତୁ ଏଥିପାଇଁ ପଦକ୍ଷେପ ନେବା ଦରକାର। ସଂରକ୍ଷଣ ନାଁରେ ସୁବିଧା ହାସଲ କରିସାରିଥିବା ବର୍ଗ ବିଶେଷ ଏବେ ଏହା ଆଉ ପାଇବା ଦରକାର କି ନାହିଁ ତାହା ମଧ୍ୟ ଅନୁଧ୍ୟାନ ହେବା ଉଚିତ। କାରଣ ସ୍ୱାଧୀନତାର ଦୀର୍ଘବର୍ଷ ପରେ ଏହି ବର୍ଗର ବ୍ୟକ୍ତିଙ୍କ ପରିବାର ଏବେ ଧନୀ କିମ୍ବା ଗରିବ ତାହାର ତଦନ୍ତ ମଧ୍ୟ ଆବଶ୍ୟକ। କାରଣ ଯେଉଁ ସମୟ ପାଇଁ ଏମାନଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଥିଲା, ତାହା ସେହି ସମୟ ପାଇଁ ଉଚିତ ହୋଇପାରେ। ମାତ୍ର ତାହା ପରମ୍ପରାରେ ପରିଣତ ହେବା ଦ୍ୱାରା ସେମାନେ ଅଧିକରୁ ଅଧିକ ସ୍ୱଚ୍ଛଳ ଓ ଧନୀ ହୋଇଚାଲିବେ। କିନ୍ତୁ ଯେଉଁମାନେ ସଂରକ୍ଷଣ ଓ ସରକାରୀ ସୁବିଧାରୁ ବଞ୍ଚିତ ସେମାନଙ୍କ ପାଇଁ ସରକାରଙ୍କ ଦାୟିତ୍ୱ ରହିଛି କି ନାହିଁ ତାହାର ମଧ୍ୟ ତର୍ଜମା ହେଉ। ଯେପର୍ଯ୍ୟନ୍ତ ଭୋଟ ଲୋଭରେ ଅବହେଳିତଙ୍କୁ ସୁବିଧାରୁ ବଞ୍ଚିତ କରି ମାଗଣଆଖିଆଙ୍କୁ ଗୁରୁତ୍ୱ ଦିଆଯାଉଥିବ ସେଥିରେ ହୁଏତ ନିର୍ଦ୍ଦିଷ୍ଟ ଦଳ ପାଇଁ ଫାଇଦା ହୋଇପାରେ, ହେଲେ ସମାନ ଅଧିକାର ମିଳୁନି ବୋଲି କହିହେବ।

ସମାନତା ନରହିଲେ ସମାଜରେ ନାନାଦି ବିଶୃଙ୍ଖଳା ଦେଖାଦିଏ। ନିରାକରଣ ସେତେବେଳେ ହିଁ ଖୋଜିବାକୁ ପଡେ। ତେଣୁ ଯେଉଁ ଦାୟିତ୍ୱ ପୂର୍ବରୁ କରାଯିବା ନିତାନ୍ତ ଆବଶ୍ୟକ ତାହାକୁ ଅବହେଳା କଲେ ଦିନେନାଦିନେ ଏହାର ପ୍ରଭାବ ସରକାରଙ୍କ ଉପରେ ହିଁ ପଡିବ। ସବୁବେଳେ ସମାନ ସମୟ ନଥାଏ, ପରିବର୍ତ୍ତନ ଆସେ। ପରିବର୍ତ୍ତିତ ପରିସ୍ଥିତି କିଛି ବି ଘଟଣା ପୁଣି ଲୋକଲୋଚନକୁ ଆସିଥାଏ। ଯେପରିକି କୌଣସି ପାପକୁ ସବୁଦିନ ପାଇଁ ଗୋପନ ରଖିହୁଏନି, ସେଭଳି ସବୁଦିନ କୌଣସି ସରକାର କାହାକୁ ଦମନ କରିପାରିବନାହିଁ। କେବଳ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ରାଜନୀତି କଲେ ଏହାର ପରିଣାମ ଆଜି ନହେଲେ ଆସନ୍ତାକାଲି ଭୋଗିବାକୁ ହେବ। କ୍ଷମତା ବଳରେ ଆଜି ଯେଉଁମାନଙ୍କୁ ନିର୍ଯାତନା ଦିଆଯାଉଛି, ଆସନ୍ତାକାଲି ସେମାନେ ସଂଗଠିତ ହୋଇ ସ୍ୱର ଉଠାଇବେ। ଆର୍ତ୍ତ ସ୍ୱର ଆଜି ହୁଏତ କାହା କର୍ଣ୍ଣଗହ୍ୱରକୁ ପ୍ରବେଶ କରିପାରୁନି, ଆସନ୍ତାକାଲି ନିଶ୍ଚୟ ଛୁଇଁବ। ଯେଉଁ ଧାରାରେ ସମାଜର ବିକାଶ ସହ ସମସ୍ତଙ୍କ ବିକାଶ ହୁଏ ତାହା ନିର୍ଦ୍ଧାରଣ କରିବା ସରକାରଙ୍କ ଦାୟିତ୍ୱ। କିନ୍ତୁ ଏବେ ଯାହା ଚାଲିଛି, ସେଥିରୁ ଏତିକି ଦେଖିବାକୁ ମିଳୁଛି ଯେ, ଗୋଟିଏ ବର୍ଗଙ୍କୁ ଖୁସି ରଖିବା ପାଇଁ ସରକାର ଅଧିକ ତତ୍ପର। ସରକାରଙ୍କ ଦିଗ ଦେଖି ଅଫିସର ମଧ୍ୟ ସମାନ ମାର୍ଗ ଆପଣାଉଥିବା ଜଣାପଡୁଛି।ଏହା ଆଦୌ ଠିକ ନୁହେଁ। କାରଣ ଚାପର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା ଦ୍ୱାରା ନିଜ ଆଚରଣ ସଂହିତା ବିରୋଧରେ ଯାଉଛନ୍ତି ବୋଲି ବୁଝିବାକୁ ହେବ। ନିନ୍ଦା ଓ ପ୍ରଶଂସା ଭଳି ଦୁଇଟି ଶବ୍ଦ ମଧ୍ୟରୁ କେଉଁଟା ନିଜ ପାଇଁ ପ୍ରଯୁଜ୍ୟ ବୁଝିନପାରିଲେ ଏହାର କୁଫଳ ନିଶ୍ଚୟ ମିଳିବ। ଅନୁକୂଳ ପରିସ୍ଥିତିରୁ ଅଧିକ ସ୍ୱାର୍ଥ ହାସଲ କରିବା ପାପ ସଦୃଶ। ତେଣୁ କୌଣସି ପାପ କାହାକୁ ଅଧିକ ଦିନ ସୁରକ୍ଷା ଦିଏନାହିଁ। ଯେଉଁମାନେ ଲୋଭରେ ପଡି ଅନ୍ୟ ଉପରେ ଅତ୍ୟାଚାର ଚଳାଇଛନ୍ତି ସେମାନେ ବୁଝିବା ଉଚିତ ଯେ, ତାଙ୍କ ଉପରେ ଆଉ କେହି ଅଛି। ନିଜେ ନିଜକୁ ମହାଜ୍ଞାନୀ ଭାବୁଥିବା ବା ନିଜକୁ ସର୍ବୋଚ୍ଚ ଅଧିକାରୀ ମନେ କରୁଥିବା ମଣିଷମାନେ କେଉଁଠି ନାଁ କେଉଁଠି ଅଦିନରେ ଝୁଣ୍ଟି ପଡିବେ ତାହାକୁ ନଜର ଅନ୍ଦାଜ କରିବା ଅନୁଚିତ। ଶ୍ରେୟ ନେବା ଦୌଡରେ ସବୁଦିନ ରହିଲେ ଏହା କେବେକେବେ ଅକଳରେ ପକାଇବା ଅସମ୍ଭବ ନୁହେଁ। ତେଣୁ କର୍ମ କରିଚାଲ ଏବଂ ଫଳ ଆପେ ମିଳିବ ଏଭଳି ବିଶ୍ୱାସ ନଥିଲେ କୌଣସି କାମରେ ସଫଳତା ମିଳେ ନାହିଁ। କର୍ତ୍ତବ୍ୟ ପଥରୁ ଓହରି ଅନ୍ୟାୟ ଓ ଦୁର୍ନୀତିକୁ ଆଶ୍ରା କରି କେହି କେବେ ଅଧିକ ଦିନ ତିଷ୍ଠି ରହିପାରିନାହିଁ। ଯଥାସାଧ୍ୟ ନିଜର ଭୂମିକାକୁ ତୁଲାଇ ନିରନ୍ତର ଭାବେ ସମାଜ ପାଇଁ କାମ କରିଚାଲିଲେ ଏଥିରେ ନିଜର ହିତ ସହିତ ସମାଜର ମଧ୍ୟ ହିତସାଧନ ହୋଇଥାଏ। ଯେଉଁମାନେ ବିବେକହୀନ ଭାବେ ଅନ୍ୟର ଦୁର୍ଦ୍ଦଶା ପ୍ରତି ଧ୍ୟାନ ନଦେଇ କେବଳ ନିଜ କଥା ଚିନ୍ତା କରୁଛନ୍ତି ସେମାନେ କେବେ ସମାଜର ମଙ୍ଗଳ ଚିନ୍ତା କରିପାରିବେ ନାହିଁ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ପାକିସ୍ତାନରେ ଆର୍ଥିକ ସଙ୍କଟର କାରଣ ଏବଂ ସେଥିରୁ ଶିକ୍ଷା

**ଅସିତ ମହାନ୍ତି**

ଗତ ବର୍ଷ ଠାରୁ ପାକିସ୍ତାନ ଏକ କଠିନ ସମୟ ଦେଇ ଗତି କରୁଛି। ପ୍ରଥମେ ପ୍ରବଳ ବନ୍ୟା, ପରେ ଦୀର୍ଘକାଳୀନ ମହାମାରୀ ମଧ୍ୟରେ ଅର୍ଥନୀତି ଦୁର୍ବଳ ହେଲା। ଇନ୍ଧନ ଅଭାବକୁ ନେଇ ପାକିସ୍ତାନ ନଗଦ ଅର୍ଥ ହରାଇଛି। ଏହା ଉପରେ, ରାଜନୈତିକ ଅସ୍ଥିରତା -ଇମ୍ରାନ ଖାନ ବିରୋଧୀ ଦଳ ହିସାବରେ ଶାହବାଜ ସରିଫଙ୍କ ବିରୋଧରେ - ଉଭୟେ ଭାବ ବିନିମୟରେ ବ୍ୟସ୍ତ। ଏହି ସମୟରେ ପାକିସ୍ତାନର ଲୋକମାନେ ସାହାଯ୍ୟ ପାଇଁ ନିବେଦନ କରୁଛନ୍ତି। ସର୍ବପ୍ରଥମେ, ପାକିସ୍ତାନର ବର୍ତ୍ତମାନର ଅବସ୍ଥା କ'ଣ? ପାକିସ୍ତାନ ଫୋରେକ୍ସ (ବୈଦେଶିକ ମୁଦ୍ରା ଭଣ୍ଡାର)୧୦ ବିଲିୟନ ଡ଼ଲାରକୁ ହ୍ରାସ ପାଇଛି ଏବଂ ପାକିସ୍ତାନ ଋଣ ଭାରରେ ପଙ୍ଗୁ ହୋଇପଡିଛି। ଜିଡିପି ଅଭିବୃଦ୍ଧି ଆକଳନ ମାତ୍ର ୨% ଅଟେ। ଜେନେଭାରେ ସହାୟତା ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଆବେଦନ କରିଥିଲେ। ପୁରୁଣା ବନ୍ଧୁତ୍ୱକୁ ମନେ ପକାଇ ୟୁନାଇଟେଡ଼ ଆରବ ଏମିରେଟ ପାକିସ୍ତାନକୁ ୩ ବିଲିଅନ ଡ଼ଲାର ର ସହାୟତା ଦେଇଛି। ପାକିସ୍ତାନ ରେକର୍ଡକୁ ଦେଖି ଆଇଏମ୍ଏଫ୍ ସମର୍ଥନର ଅଭାବ ରହିଛି। ପାକିସ୍ତାନରେ ମୁଦ୍ରାସ୍ଫୀତି ଆକାଶଛୁଆଁ ହେଉଛି - ୨୪.୫%। ଇନ୍ଧନ ଅଭାବ ହେତୁ ପାକିସ୍ତାନ ଶକ୍ତି ସଞ୍ଚୟ ଯୋଜନାରେ ରାତି ୮ ଟାରେ ବଜାର ଏବଂ ରେଷ୍ଟୁରାଣ୍ଟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ବାସ୍ତବରେ ଏହା ବର୍ତ୍ତମାନର ପରିସ୍ଥିତିର ଏକ ସଂକ୍ଷିପ୍ତ ସାରାଂଶ ଥିଲା କିନ୍ତୁ ଏହା କିପରି ହେଲା? ଏହା କଣ ଅଚାନକ ହୋଇଛି, ନା ଏହା ପଛରେ କୌଣସି କାରଣ ନିହିତ ଅଛି? ପାକିସ୍ତାନର ବର୍ତ୍ତମାନର ସ୍ଥିତିର କାରଣ ଜାଣିବା ପାଇଁ ଆମକୁ ୭୦ ବର୍ଷ ପଛକୁ ଫେରିବାକୁ ପଡିବ ଯେଉଁଠାରେ ଜିନ୍ନା ଏକ ଭୁଲ କରିଥିଲେ। ଅର୍ଥ ହେଉଛି ଆମେରିକା ସହିତ ଷ୍ଟ୍ରାଟେଜିକ୍ ଆଲାଏନ୍ସ। ପାକିସ୍ତାନ ସୃଷ୍ଟି ହେବାର ତୁରନ୍ତ, ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଗଲା ଯେ ସେ ଆମେରିକା ସହିତ ଯିବା ଉଚିତ୍। ଶେଷରେ ପାକିସ୍ତାନ ଶୀତଳ ଯୁଦ୍ଧ ସମୟରେ ଆମେରିକାର ମୋହରା ହୋଇଯାଇଥିଲା। ଅନ୍ୟ କେତେକ ଦେଶ ଥିଲେ ଯେଉଁମାନେ କହିଥିଲେ ଯେ ଆମେ କାହା ସହିତ ରହିବୁ ନାହିଁ। ନା ଋଷ ସହିତ କିମ୍ବା ଆମେରିକା - କିନ୍ତୁ ପାକିସ୍ତାନ ଆମେରିକା ପକ୍ଷରେ କାର୍ଯ୍ୟ କଲା। ଫଳସ୍ୱରୂପ, ଆମେରିକା ପାକିସ୍ତାନ ବ୍ୟବହାର କରିଥିଲା ଏବଂ ପାକିସ୍ତାନ ମଧ୍ୟ ଆମେରିକାରୁ ବହୁତ ସାହାଯ୍ୟ ନେଇଥିଲା। ଏକ ଆତ୍ମନିର୍ଭରଶୀଳ ଦେଶ ହେବା ପରିବର୍ତ୍ତେ ପାକିସ୍ତାନ ନିଜେ ଏକ ଅର୍ଥନୈତିକ ଭାଗିଦାରୀ ଆମେରିକା ସହିତ ହେଲା। ଅର୍ଥାତ୍ ଆମେରିକା ପାକିସ୍ତାନକୁ ସାମରିକ, ନାଗରିକ ଏବଂ ଅର୍ଥନୈତିକ ସହାୟତା ଯୋଗାଇବା ଆରମ୍ଭ କଲା। ଆମେରିକାର ଦୟାରେ ପାକିସ୍ତାନ ବାସ କରିବା ଆରମ୍ଭ କଲା। ଫଳସ୍ୱରୂପ, ସାମରିକ କର୍ମଚାରୀ ବ୍ୟବସ୍ଥା ବହୁତ ଶକ୍ତିଶାଳୀ ହେଲା, କାରଣ ଆମେରିକାରୁ ସାହାଯ୍ୟ ଆସିବା ଆରମ୍ଭ କଲା। ଏହି କାରଣରୁ ପାକିସ୍ତାନରେ ସାମରିକ ସାଶନ ଆରମ୍ଭ ହୋଇଥିଲା ଯେଉଁଥିରେ ଆମେରିକାର ହାତ ଥିଲା। ଗଣତନ୍ତ୍ର ବିଷୟରେ ଅଧିକ କଥାବାର୍ତ୍ତା କରୁଥିବା ଆମେରିକାର ସେତେବେଳେ କୌଣସି ଅସୁବିଧା ନଥିଲା। କାହିଁକି? କାରଣ ଏକଛତ୍ରବାଦୀ ଶାସକମାନେ ଆମେରିକାର ବନ୍ଧୁ ଥିଲେ ଏବଂ ସାମରିକ ଯନ୍ତ୍ରପାତିର ବ୍ୟାପାର ମାଧ୍ୟମରେ ମୁନାଫା ମଧ୍ୟ ହେଲା। ଆମେରିକା ସମ୍ମୁଖରେ ପାକିସ୍ତାନର ସୁପ୍ରିମକୋର୍ଟ ହାର ମାନିଗଲେ। ୧୯୫୪ ମସିହାରେ, ଗଭର୍ଣ୍ଣର ଜେନେରାଲ୍ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ଏବଂ ବିଧାନସଭା ବିଲୋପ ହେଲା। ବିଧାନସଭା ଭଙ୍ଗ ନିଷ୍ପତ୍ତି ବିରୋଧରେ ସିନ୍ଧ ହାଇକୋର୍ଟ କହିଥିଲେ, ଯେ ଆପଣ ଏଭଳି ନିର୍ଣ୍ଣୟ ନେଇପାରିବେ ନାହିଁ। ଅବଶ୍ୟ, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏହା ଆବଶ୍ୟକତା ଅନୁଯାୟୀ ରାଜ୍ୟପାଳ ଜେନେରାଲଙ୍କ ସଠିକ୍ ପଦକ୍ଷେପ ବୋଲି ବିବେଚନା କରିଥିଲେ। ଆବଶ୍ୟକତା ଅନୁଯାୟୀ ଏହି ଅତିରିକ୍ତ ସାମ୍ବିଧାନିକ କାର୍ଯ୍ୟ ଏକଛତ୍ରବାଦୀ ଶାସକଙ୍କୁ ଆଇନଗତ କଭର ପ୍ରଦାନ କରିଛି - ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଅନୁମତି ଦେଇଥିଲେ। ୭୦ ବର୍ଷ ପରେ - ଆବଶ୍ୟକତାର ତତ୍ତ୍ୱ ପୋତିହୋଇଛି - କିନ୍ତୁ ଏହା ବହୁ ବିଳମ୍ବ ହୋଇସାରିଛି ଯେହେତୁ ଗଣତନ୍ତ୍ର ଏହା ଯେପରି ଉଦ୍ଦିଷ୍ଟ ନୁହେଁ। ତୃତୀୟ ଭୁଲ ହେଉଛି ଗୋଟିଏ ରାଷ୍ଟ୍ର, ଗୋଟିଏ ନିୟମ-ପଶ୍ଚିମ ପାକିସ୍ଥାନର ନିଷ୍ପତ୍ତି (ପୂର୍ବ ପାକିସ୍ଥାନ ପରେ ବାଂଲାଦେଶ ହେଲା)। ଆୟୁବ ଖାନ ନିୟମକୁ କଡାକଡି କରିଥିଲେ ଏବଂ ଗୋଟିଏ ଭାଷା ଲାଗୁ କରାଯାଇଥିଲା। ୟୁନିଟାରୀ ସିଷ୍ଟମ ଲାଗୁ ହେତୁ ବୋଲୋଚିସ୍ତାନରେ ଲୋକମାନେ ବିରକ୍ତ ହେଲେ, ଯେତେବେଳେ ଆଶା କରାଯାଉଥିଲା ଯେ ଫେଡେରାଲ୍ ଢାଞ୍ଚାରେ ଅଧିକାର ଦିଆଯିବ। ଗୋଟିଏ ରାଷ୍ଟ୍ର ଗୋଟିଏ ୟୁନିଟ୍ ସ୍ଥାପତ୍ୟ ପାକିସ୍ତାନରେ ଆଭ୍ୟନ୍ତରୀଣ ସଙ୍କଟ ଏବଂ ଅସନ୍ତୁଳନ ଘଟାଇଲା। ପରବର୍ତ୍ତୀ ହେଉଛି ପାକିସ୍ତାନର ବିଭାଜନ - ଯେହେତୁ ଯେତେବେଳେ ପାକିସ୍ତାନ ଏକ ରାଷ୍ଟ୍ର ଭାବରେ ଆତ୍ମବିଶ୍ୱାସରେ ପୁନରୁଦ୍ଧାର କରିପାରିବ ନାହିଁ। ଯେତେବେଳେ ସାମରିକ ଶାସକ ନିୟନ୍ତ୍ରଣ ନିଅନ୍ତି, ସେମାନେ ସବୁକିଛି ଉପରେ ଆଦେଶ ଦିଅନ୍ତି ଏବଂ ଅନ୍ୟ ଜଣକୁ ମୂକ ବୋଲି ଅନୁମାନ କରନ୍ତି। ପାକିସ୍ତାନ (ବର୍ତ୍ତମାନ ବାଂଲାଦେଶ) ନିର୍ବାଚନରେ ଶେଖ ମୁଜିବୁର ରହମାନ ଜିତିଥିଲେ କିନ୍ତୁ ପଶ୍ଚିମ ପାକିସ୍ଥାନ ପାଇଁ ଏହା ଗ୍ରହଣୀୟ ନଥିଲା। ଏହାଦ୍ୱାରା କ୍ରୋଧ, ବିରୋଧ ଏବଂ ପୂର୍ବ ପାକିସ୍ତାନ ରେ ଯୁଦ୍ଧ - ଏହି ଯୁଦ୍ଧରେ ଭାରତ ପ୍ରବେଶ କରିଥିଲା ଏବଂ ଶେଷରେ ବଙ୍ଗଳାଦେଶ ଗଠନ ହେଲା। ଏହାକୁ ନେଇ ପାକିସ୍ତାନ ଏବେ ବି ଅସନ୍ତୋଷ ପ୍ରକାଶ କରିଛି। ବାଂଲାଦେଶ ପରେ ଆଫଗାନିସ୍ତାନରେ ରଣନୀତି ଗଭୀରତା ରକ୍ଷା କରି ପଡୋଶୀ ଦେଶରେ ଏହାର ପ୍ରସାର କରିବା ପାକିସ୍ତାନର ଉଦ୍ଦେଶ୍ୟ। ଆଫଗାନିସ୍ତାନ ନିଜେ ଏକ ଭିନ୍ନ କାହାଣୀ - ଆମେରିକା ସେଠାରେ ପ୍ରବେଶ କରି ପାକିସ୍ତାନ ର ସାହାଯ୍ୟ ଲୋଡିଥିଲା ଏବଂ ପାକିସ୍ତାନ ବାଧ୍ୟ ହୋଇ ଆଫଗାନିସ୍ତାନରେ ପ୍ରବେଶ କରିଥିଲା। ୧୯୪୮ ପରେ ପାକ୍ ଆମେରିକାରୁ ୩୦ ବିଲିୟନ ଡଲାର ପାଇଥିଲେ-ପାକ୍ ପ୍ରତିବଦଳରେ ଆମେରିକାକୁ ଯୁଦ୍ଧ କରିବାରେ ସାହାଯ୍ୟ କରି ଖୁସି ହୋଇଥିଲେ। କ୍ଷମତାରେ ରହିବା ପାଇଁ ଜିହାଦ ଜୁମଲା ଫିଙ୍ଗି ଦିଆଯାଇଥିଲା - ଏପରିକି ବନ୍ଧୁକଧାରୀ ପିଲାମାନେ ମଧ୍ୟ ଆଫଗାନିସ୍ତାନ ଉପରେ ରଣନୀତିକ ଗଡ଼ ହାସଲ କରିଥିଲେ। ଏଥିରୁ ପାକିସ୍ତାନ କ'ଣ ପାଇଲା? ଆଫଗାନିସ୍ତାନରେ ତଲିବାନ ବର୍ତ୍ତମାନ କ୍ଷମତାରେ ଅଛି। ପାକିସ୍ତାନ ମଧ୍ୟ ଭାରତରେ ରଣନୀତିକ ଗଭୀରତା ରଖିବାକୁ ଚାହୁଁଥିଲା- କାର୍ଗିଲ ଆଡକୁ ଗତି କରି। ନୱାଜ ସରିଫ-ଆଲୋଚନା ଏବଂ ବିନିମୟ ସମୟରେ ଜିନିଷଗୁଡିକ ସ୍ୱାଭାବିକ ହେବାକୁ ଲାଗିଲା। ଅନ୍ୟପକ୍ଷରେ, ପରଭେଜ ମୁଶରଫ ନିଜେ କାର୍ଗିଲ ଦୁଃସାହସିକ କାର୍ଯ୍ୟକୁ ଆଗେଇ ନେଇଥିଲେ - ଉଭୟ ପକ୍ଷ ପ୍ରାଣ ହରାଇଥିଲେ, କିନ୍ତୁ ପାକିସ୍ତାନକୁ ହସ୍ତକ୍ଷେପ ପାଇଁ ଆମେରିକାକୁ ନିବେଦନ କରିବାକୁ ପଡିଲା। ପରଭେଜ ମୁଶରଫ ଏକ ସମୟରେ ଏକ ଗାଦିଚ୍ୟୁତ ଚକ୍ରାନ୍ତ ଆରମ୍ଭ କରିଥିଲେ ଏବଂ ନୱାଜ ସରିଫଙ୍କୁ କ୍ଷମତାରୁ ବହିଷ୍କାର କରାଯାଇଥିଲା। ୯/୧୧ ପରେ ପାକିସ୍ତାନ ତାଲିବାନ ସହିତ ଆଫଗାନିସ୍ତାନରେ ପ୍ରବେଶ କଲା, ଅଲ-କାଏଦା-ଓସାମାକୁ ଆଶ୍ରୟ ଦେଇ ଶେଷରେ ପାକିସ୍ତାନରେ ଓସମା କୁ ଠାବ କରାଯାଇଥିଲା। ପାକିସ୍ତାନକୁ ଏକ ଆତଙ୍କବାଦୀ ରାଷ୍ଟ୍ର ଭାବେ ନାମିତ କରାଯାଇଛି ଏବଂ ଏଫ୍ଏଟିଏ ସମସ୍ତ ବୈଦେଶିକ ବିନିମୟ ଏବଂ କାରବାରକୁ ଟ୍ରାକ୍ କରୁଛି - ଏହାହିଁ ହେଉଛି କାରଣ ପାକିସ୍ତାନରେ ପାଣ୍ଠି ର ଅଭାବ ଦେଖାଯାଉଛି। ଶେଷ ବିନ୍ଦୁ ହେଉଛି ଯାହା ପାକିସ୍ତାନରେ ବର୍ତ୍ତମାନ ପରିସ୍ଥିତି ସୃଷ୍ଟି କରିଛି। ତେହେରିକ-ଏ - ତାଲିବାନ, ଲଶ୍କର-ଇସଲାମବାଦୀ ଗୋଷ୍ଠୀ ପାକିସ୍ତାନରେ ଜିହାଦ ନାମରେ ପଠାଯାଇଥିଲା ଯେଉଁଠାରେ ସେମାନଙ୍କୁ ତାଲିମ ଦିଆଯାଇଥିଲା ଏହି ଗୋଷ୍ଠୀମାନେ ଇସଲାମର ଗୌରବ ଦିନକୁ ପାକିସ୍ତାନକୁ ଫେରାଇ ଆଣିବାକୁ ଚାହାଁନ୍ତି - ସେମାନଙ୍କର ଲକ୍ଷ୍ୟ ହେଉଛି ପ୍ରଥମେ ଆଫଗାନିସ୍ତାନ ପ୍ରକାରର ଶରିଆକୁ ପ୍ରଥମେ ଏଫ୍ଏଟିଏରେ, ପରେ ପୁରା ପକିସ୍ତାନରେ ଲାଗୁ କରିବା। ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ମୁସଲମାନମାନେ ଟାର୍ଗେଟରେ ରହିଛନ୍ତି। ବିପଦପୂର୍ଣ୍ଣ ଇସଲାମକୁ ସୁରକ୍ଷା ଦେଉଥିବାବେଳେ ସେମାନେ ଦେଶର ପ୍ରାସଙ୍ଗିକ ସମସ୍ୟାକୁ ଅଣଦେଖା କରିଥିଲେ। ଯେଉଁମାନଙ୍କ ପାଖରେ ପଇସା ଅଧିକ ଥିଲା ସେମାନେ ପାକିସ୍ତାନ ଛାଡି ବିଦେଶ ଚାଲିଗଲେ - ଅନ୍ୟ କେହି ଏହା ବିଷୟରେ ଚିନ୍ତା କଲେ ନାହିଁ। ଧର୍ମ ନାମରେ ସେମାନଙ୍କ ବ୍ୟବହାର ଉପରେ ଆଉ କେହି ପ୍ରଶ୍ନ କଲେନାହିଁ। ଆର୍ଥିକ ସମସ୍ୟାର ସମାଧାନ ହୋଇପାରିଲା ନାହିଁ --- ପାକିସ୍ତାନ ବଡ଼ ଆକାରରେ କ'ଣ ଉତ୍ପାଦନ କରେ? ଯଦିଓ ପାକିସ୍ତାନକୁ ସହାୟତା ଯୋଗାଇ ଦିଆଯାଏ, ତେବେ କ'ଣ କରାଯାଇପାରିବ? ପାକିସ୍ତାନରେ ଅର୍ଥର ସୁବିଧାଜନକ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଉତ୍ପାଦନ ଏବଂ ଭିତ୍ତିଭୂମି ଅଭାବ ରହିଛି - ଏହା ଉପରେ ଜଳବାୟୁ ପରିବର୍ତ୍ତନ। ପାକିସ୍ତାନରେ ୭୦୦୦ ରୁ ଅଧିକ ଗ୍ଲେସିୟର୍ ଅଛି ଏବଂ ଜଳବାୟୁ ପରିବର୍ତ୍ତନ ହେତୁ ସେମାନେ ଶୀଘ୍ର ତରଳି ଯାଉଛନ୍ତି- ୧/୩ ଦେଶ ଜଳ ଅଧୀନରେ ଅଛି - ଏଥିପାଇଁ କେହି ଯଥେଷ୍ଟ ଯତ୍ନବାନ କି? ରାଜନୈତିକ କ୍ଷମତାକୁ କିଏ ଧରିଛି ଏବଂ ଏହାର ସମାଧାନ କିଏ ଦିଏ ତାହା ଦେଖିବାକୁ ବାକି ରହିଲା। ବିଶ୍ୱ ପାକିସ୍ଥାନରୁ ଶିଖିପାରିବ ଯେ ଦେଶ ଧାର୍ମିକ କର୍ତ୍ତୃପକ୍ଷଙ୍କ ଉପରେ ଚାଲିପାରିବ ନାହିଁ - ୮୦ ଦଶକରେ କ୍ରମାଗତ ଭାବରେ ବୃଦ୍ଧି କରୁଥିବା ଦେଶ ଆଜି ଭିକ ମାଗୁଛି - ବାସ୍ତବରେ ଏହା ଏକ ଶିକ୍ଷା ଅଟେ। ଶେଷରେ ଏହା ଭୁଲି ଯିବା ଉଚିତ ନୁହେଁ ଯେ ସେଠାରେ ଲୋକତନ୍ତ୍ର ଅଛି କିଛି ଦ୍ୱିନା ପୂର୍ବେ ପୁରା ବିଶ୍ୱ ଶ୍ରୀଲଙ୍କାକୁ ମଧ୍ୟ ଦେଖିଛି।


*ସୁଜନପୁର, ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*


# ଲକ୍ଷ୍ୟ ସମୃଦ୍ଧ ଓଡ଼ିଶା ଗଠନ



**ବାଦଲ ଭୂୟାଁ**

ଓଡ଼ିଶାବାସୀଙ୍କ ବିଶ୍ୱାସ ଆମର ଶକ୍ତି, ଓଡ଼ିଶାର ସ୍ୱାର୍ଥ ପାଇଁ ଆମର ଲଢ଼େଇ ଜାରି ରହିବ। ଓଡ଼ିଶାର ଉନ୍ନତି ହିଁ ଆମର ଏକମାତ୍ର ସ୍ୱାର୍ଥ। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସ୍ୱର ହିଁ ବିଜେଡ଼ିର ପରିଚୟ। ବିଜୁ ବାବୁଙ୍କ ଆଦର୍ଶରେ ଦଳ ଅନୁପ୍ରାଣୀତ। ବିଜୁ ବାବୁ କେବଳ ଜଣେ ନେତା ନଥିଲେ ସେ ଥିଲେ ଅସାଧାରଣ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ। ବିଜୁବାବୁଙ୍କ ପ୍ରତିଟି ରକ୍ତ ବିନ୍ଦୁରେ ଓଡ଼ିଶାର ଉନ୍ନତି ଓ ଓଡ଼ିଶାର ସ୍ୱାଭିମାନ ଭରି ରହିଥିଲା। ସେ ଯେଉଁ ରାସ୍ତା ଦେଖାଇଛନ୍ତି ସେହି ରାସ୍ତାରେ ତାଙ୍କ ନାମରେ ଗଠିତ ଦଳ କାମ କରୁଛି ଓ ଆଗକୁ ମଧ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଦଳର ରଜତ ଜୟନ୍ତୀରେ ଦେଇଥିବା ମନ୍ତବ୍ୟ ଅନେକ ଦିଗକୁ ଇଙ୍ଗିତ କରୁଛି। ଅତୀତ-ବର୍ତ୍ତମାନ-ଭବିଷ୍ୟତ ମଧ୍ୟରେ ନବୀନ ଯେଉଁ ସମନ୍ୱୟ ଆଣିଛନ୍ତି ତାହା ହିଁ ବିଜୁ ଲିଗାସୀ ବା ବିଜୁ ବିଚାରଧାରାର ପ୍ରତୀକ, ନବୀନବାଦର ନବଉନ୍ମେଷ।

ବିଜୁଙ୍କ ସ୍ୱାଭିମାନୀ ଓଡ଼ିଶା ଗଠନ ସଙ୍କଳ୍ପରୁ ନବୀନଙ୍କ ରୂପାନ୍ତରିତ ଓଡ଼ିଶା ଗଠନର ଯାତ୍ରା ବେଶ ସଂଘର୍ଷପୂର୍ଣ୍ଣ। ମାତ୍ର ଏହି ଯାତ୍ରା ଓଡ଼ିଶାକୁ ଦେଇଛି ଏକ ନୂଆ ପରିଚିତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଶା ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ। ନିଜର ସୀମିତ ଶାସନକାଳ ମଧ୍ୟରେ ଅନେକ କାର୍ଯ୍ୟ କରିବାକୁ ଉଦ୍ୟମ କରିଥିଲେ ମାତ୍ର ସମୟର ସ୍ୱଳ୍ପତା ଏହାର କାର୍ଯ୍ୟାନ୍ୱୟନରେ ସାଜିଥିଲା ବାଧକ। ବିଜୁଙ୍କ ଦାୟକୁ ନିଜର ଦାୟିତ୍ୱ ଭାବରେ ଗ୍ରହଣ କରିଥିବା ନବୀନ ସେହି ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ପୂରଣ କରିବାକୁ କରିଛନ୍ତି ଅବିଶ୍ରାନ୍ତ ଉଦ୍ୟମ। ପରିଣତି ସ୍ୱରୂପ ଓଡ଼ିଶା ଆଜି ସାରା ଦେଶରେ ପାଇଛି ଭିନ୍ନ ପରିଚୟ। ବିଜୁ ବିଚାରଧାରାରୁ ନୀବନବାଦର ରୂପାନ୍ତର ଯାତ୍ରା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସୃଷ୍ଟି କରିଛି ପ୍ରତିଶ୍ରୁତିସମ୍ପନ୍ନ ସମ୍ଭାବନା। ଦଳ ପ୍ରତିଷ୍ଠାର ୨୬ତମ ବାର୍ଷିକ ଉତ୍ସବ ତଥା ରଜତ ଜୟନ୍ତୀ ସମାରୋହ ପାଳନ ବିଜେଡ଼ିର ୨୫ ବର୍ଷ ରାଜନୈତିକ ଯାତ୍ରାର ଏକ ବିରାଟ ଉପଲବ୍ଧି। ୧୯୯୭ରେ ବିଜୁଙ୍କ ନାମରେ ଏକ ଆଞ୍ଚଳିକ ଦଳ ଭାବେ ପ୍ରତିଷ୍ଠିତ ବିଜୁ ଜନତା ଦଳ ବିଜୁ ଆଦର୍ଶକୁ ପାଥେୟ କରି ଜନସେବାରେ ବ୍ରତୀ ହୋଇଛି, ଯାହାକି ସମ୍ପ୍ରତି ଭାରତୀୟ ରାଜନୀତିରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନାମ ଓ ତାଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଦଳର ଆଧାରଶାଳା ପାଲଟିଥିବାବେଳେ ତାଙ୍କ ରାଜନୈତିକ ବିଚାରଧାରାକୁ ଆଦର୍ଶ କରି ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିକାଶର ନୂଆ ପରିଭାଷା। ସେ ପରିଭାଷା ସମାଜର ସବୁଠୁ ତଳସ୍ତରରେ ଥିବା ମଣିଷର ଉନ୍ନତି, ଘରର ଚାରିକାନ୍ଥ ଭିତରେ ଆବଦ୍ଧ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ, ଦିନରାତି କ୍ଷେତରେ ମେହେନତ କରୁଥିବା ଗରିବ ଚାଷୀର ଆର୍ଥିକ ଅଭିବୃଦ୍ଧି, ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୋର ଗ୍ୟାରେଣ୍ଟିରେ କେବଳ ସୀମାବଦ୍ଧ ନାହିଁ ତାହା ସୁଦୂରପ୍ରସାରୀ ହୋଇଛି, ଏକ ସମୃଦ୍ଧ ଓ ପ୍ରଗତିଶୀଳ ଓଡ଼ିଶା ନିମନ୍ତେ ପଥ ପ୍ରସ୍ତୁତ କରିଛି। ଦଳର ନେତୃତ୍ୱ ନେବା ପରେ ପ୍ରଥମ ପାଳିର ରାଜ୍ୟ ଶାସନ ଭାର ଗ୍ରହଣ କରି ମୁଖ୍ୟମନ୍ତ୍ରୀ ନବୀନ ନିଜର ବିଧାୟକ ଓ ଜନପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ଆପଣମାନେ ପଞ୍ଚାୟତ ସମ୍ଭାଳନ୍ତୁ, ମୁଁ ରାଜ୍ୟ ପ୍ରଶାସନ ଓ ସଚିବାଳୟ ସମ୍ଭାଳୁଛି। ଏହି ଉକ୍ତିର ବାସ୍ତବତା ପରବର୍ତ୍ତୀ ଦୁଇ ଦଶନ୍ଧି ଧରି ନବୀନଙ୍କ ଶାସନରେ ପ୍ରତିଫଳିତ ହୋଇଆସିଛି। ଲୋକଙ୍କ ସହ ଯୋଡ଼ି ହେବା ଓ ଲୋକାଭିମୁଖୀ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ସମାଜର ଶେଷ ଧାଡ଼ିର ଲୋକଟି ପାଖରେ ପହଞ୍ଚାଇବାର ନିରନ୍ତର ପ୍ରୟାସ ନବୀନଙ୍କୁ ଜଣେ ଜନନେତାର ଆଖ୍ୟା ଦେଇଛି। ସ୍ୱାଭିମାନୀ ଓଡ଼ିଆ ଓ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସାମାଜିକ ଓ ଆର୍ଥିକ ବିକାଶର ଧ୍ୱଜାଧାରୀ ହୋଇଛି ନବୀନଙ୍କ ବିଜେଡ଼ି। ଏହି ବିକାଶ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଫଳିତ ହୋଇଛି। ସହରୀ ମଣିଷ ଠାରୁ ଗାଁ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପର୍ଯ୍ୟନ୍ତ ସମସ୍ତେ ବିକାଶରେ ଭାଗିଦାର ହୋଇଛନ୍ତି, ହିତାଧିକାରୀ ପାଲଟିଛନ୍ତି। ଓଡ଼ିଶାର କୌଣସି ବ୍ୟକ୍ତି ଯେପରି ସାମାଜିକ ନ୍ୟାୟରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ବିଜେଡ଼ି ସରକାର ପ୍ରଣୟନ କରିଛି ଶତାଧିକ ଯୋଜନା। ଦଳ ଓ ସରକାର ମଧ୍ୟରେ ଉପଯୁକ୍ତ ସମନ୍ୱୟ ଏହି ଯୋଜନାକୁ ଅଧିକ ଲକ୍ଷ୍ୟଭେଦୀ କରିଛି ଏବଂ ଏହାର ପ୍ରଭାବ ସୁଦୂରପ୍ରସାରୀ ହୋଇପାରିଛି। ପରିଣତିସ୍ୱରୂପ ବିଜୁ ବିଚାରଧାରା ଆଧାରରେ ପ୍ରତିଷ୍ଠିତ ହୋଇଥିବା ବିଜୁ ଜନତା ଦଳ ଏକ ଆନ୍ଦୋଳନର ରୂପ ନେଇଛି ଏବଂ ଏକ ପ୍ରବାହିତ ବିକାଶ ପ୍ରକ୍ରିୟାର ସଂଜ୍ଞା ପାଲଟିଛି। ବିଜୁ ବିଚାରଧାରା ଏବେ ନବୀନବାଦ ବା ନବୀନିଜିମ୍‌ରେ ରୂପାନ୍ତରିତ ହୋଇଛି, ଯାହା ଓଡ଼ିଆ ଅସ୍ମିତାର ପ୍ରତିବିମ୍ବକୁ ଫଳଶ୍ରୁତିରେ ପରିଣତ କରିବାକୁ ସକ୍ଷମ ହୋଇଛି। କୌଣସି ରାଜନୀତି ବିଜ୍ଞାନରେ କ୍ୱଚିତ ଦେଖାଯାଇଥାଏ। ନବୀନିଜିମର ବ୍ୟାଖ୍ୟା ଏହି ଦୃଷ୍ଟିରୁ ରାଜନୀତି ଗବେଷକଙ୍କ ପାଇଁ ଏକ ପ୍ରସଙ୍ଗ ପାଲଟିଛି।


*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*


# ସ୍ୱାମୀ ବିବେକାନନ୍ଦ ଏବଂ ତାଙ୍କର ଆଦର୍ଶ

**ସସ୍ମିତା ପାତ୍ର**

ସ୍ୱାମୀ ବିବେକାନନ୍ଦ ଥିଲେ ଆଧାତ୍ମିକ ଜୀବନର ମୂର୍ତ୍ତିମନ୍ତ ରୂପ। ସେ ମନୁଷ୍ୟ ଏବଂ ମାନବ ଜାତିର ସର୍ବଶ୍ରେଷ୍ଠ ସମର୍ଥକ ଥିଲେ। ତାଙ୍କର ସଂକ୍ଷିପ୍ତ ଅଥଚ ବର୍ଣ୍ଣାଢ୍ୟ ଜୀବନ ତାଙ୍କର ମହାନ ମାନବତ୍ୱର ପରିଚୟ ଦିଏ। ସେ ଥିଲେ ବେଦାନ୍ତର ଏକ ବିଶ୍ୱପ୍ରସିଦ୍ଧ ଅଦ୍ୟାତ୍ମିକ ଧର୍ମଗୁରୁ। ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଇଥିଲା କିନ୍ତୁ ଭାରତର ଜନସାଧାରଣଙ୍କର ଦ୍ରାରିଦ୍ୟ ଓ ଅଶିକ୍ଷା ତାଙ୍କୁ ବ୍ୟଥିତ କରିଥିଲା। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ନ୍ୟାସୀ ହୋଇଥିଲେ ଓ ତା ପରେ ପାଶ୍ଚାତ୍ୟ ଭ୍ରମଣ କରି ସଂପୂର୍ଣ୍ଣ ବିଶ୍ୱରେ ହିନ୍ଦୁ ଧର୍ମ ଓ ବେଦାନ୍ତର ପ୍ରଚାର ଓ ପ୍ରସାର କରିଥିଲେ।

ସ୍ୱାମୀଜୀଙ୍କର ମତରେ ମନୁଷ୍ୟ ହେଉଛି ସେହି ବ୍ୟକ୍ତି ଯାହା ସମ୍ମୁଖରେ କିଛି ଆଦର୍ଶ ଥାଏ ଏବଂ ସେହି ଆଦର୍ଶକୁ ଅପେକ୍ଷାକୃତନୁଭୁତି ପାଇଁ ସେହି କାର୍ଯ୍ୟ କଳ୍ପନା ଓ ପ୍ରେରଣାକୁ ନିର୍ଦ୍ଦେଶ କରେ ଓ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରେ। ଯଦି କୌଣସି ବ୍ୟକ୍ତି ପାଖରେ ଆଦର୍ଶ ନଥାଏ ସେ ସଦାବେଳେ ନିଜ ସ୍ୱାର୍ଥ ସିଦ୍ଧି ନିମନ୍ତେ ଚେଷ୍ଟା କରି ଥାଏ। ଏଥିପାଇଁ ସେ ଅନ୍ୟର ଅନିଷ୍ଟ କରିବାପାଇ ପଛଘୁଞ୍ଚା ହୋଇଥାଏ।

ସ୍ୱାମୀଜୀଙ୍କର ଆଦର୍ଶ ତିନିଗୋଟି ଉପାଦାନ ଉପରେ ଆଧାରିତ ପ୍ରଥମତଃ ସମସ୍ତ ପ୍ରକାର ଉତ୍ତମ ଶକ୍ତି ଉପରେ ବିଶ୍ୱାସ, ଦ୍ୱିତୀୟରେ ସନ୍ଦେହ ଓ ଇର୍ଷା ଭାବରୁ ମୁକ୍ତ ତୃତୀୟରେ ଯେଉଁମାନେ ଅନ୍ୟର ଭଲ କରୁଛନ୍ତି ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିବା ଉଚିତ। ମନୁଷ୍ୟକୁ ବୁଝିବା ଉଚିତ ଯେ ତା ମଧ୍ୟରେ ଅଫୁରନ୍ତ ଶକ୍ତିର ରହିଅଛି। ଏହି ଶକ୍ତିର ସଦୁପଯୋଗ କଲେ ମନୁଷ୍ୟ ବହୁତ ମହାନ କାର୍ଯ୍ୟ କରିପାରେ। ଏହା ମନୁଷ୍ୟର ମୌଳିକ ବା ପ୍ରାଥମିକ ଶକ୍ତି। ଅଳସୁଆ ହୋଇ କିମ୍ବା ଭୀରୁ ହୋଇ ରହିବା ମନୁଷ୍ୟର ଲକ୍ଷଣ ନୁହେଁ। ମନୁଷ୍ୟ ସାହସୀ, ଶକ୍ତିଶାଳୀ ଏବଂ ନିଜର ଶକ୍ତି ପ୍ରୟୋଗ କରିପାରେ। ଶକ୍ତିର ପ୍ରେମରେ ସେ ସମସ୍ତଙ୍କୁ ଜୟ କରିପାରେ।

ତାଙ୍କ ଅନୁସାରେ କୌଣସି ମନୁଷ୍ୟ ପୁରୁଷ ବା ନାରୀ ଯେତେ ଘୃଣ୍ୟ ହେଲେ ମଧ୍ୟ ତା ମଧ୍ୟରେ ଥିବା ଦେବତ୍ୱ ମୃତ୍ୟୁ କରେନାହିଁ। କେବଳ ସେଠାରେ କିପରି ପହଞ୍ଚିବାକୁ ହେବ ତାହା ସେ ଜଣେ ନାହିଁ। ଦୁଷ୍ଟ ଲୋକମାନେ ତାକୁ ମିଥ୍ୟା କହି ଠକିଥାନ୍ତି। ସ୍ୱାମୀଜୀ ବାରମ୍ବାର ବେଦାନ୍ତ ଉପରେ ଗୁରୁତ୍ୱ ଦେଇଛନ୍ତି ଯାହା ମନୁଷ୍ୟ ର ଜ୍ଞାନଲୋକ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାରିକ ଜ୍ଞାନ ଉପରେ ବିଶ୍ୱାସ କରେ। ବେଦାନ୍ତ ମନୁଷ୍ୟ ମଧ୍ୟରେ ଅଜ୍ଞାତରୁ ମୁକ୍ତ ହେବାର କର୍ଷଣ କରେ ଏବଂ କ୍ଷୁଦ୍ରତ୍ୱ, ଭୟ ଓ ଅନ୍ଧବିଶ୍ୱାସରୁ ମୁକ୍ତ ହେବାର ବାଟ ବଡାଏ। ମନୁଷ୍ୟ ନିଜର ଗଭୀର ବ୍ୟାପକ ଅନୁଭୂତି ମଧ୍ୟରେ ନିଜର ମଣିଷପଣିଆ ନିଜର ମନୁଷ୍ୟତ୍ୱକୁ ବୁଝିପାରେ, ସେ ତା ନିକଟରୁ ସମସ୍ତ ସଂସାରିକତାରୁ ଦୁରହୋଇ ଯାଏ। ମନୁଷ୍ୟ ର ସାଂସାରିକତା ହେଉଛି ସ୍ୱାର୍ଥପରତା, ଅହଂକେନ୍ଦ୍ରିକ ଭାବନା। ମନୁଷ୍ୟ ନିଜର ଦେବତ୍ୱକୁ ବୁଝିପାରେ ଏବଂ ନିଜର ଭବିଷ୍ୟତ ନିଜେ ନିଜେ ସୃଷ୍ଟି କରେ। ଏହା ତା'ର ଗଭୀର ଅନୁଭୂତି ଯୋଗୁଁ ହୋଇଥାଏ। ଏହା ମନୁଷ୍ୟକୁ ସ୍ୱାଧୀନତାର ମାର୍ଗ ଉନ୍ମୋଚନ କରେ ଏବଂ ମନୁଷ୍ୟ ନିଜ ଭିତରେ ଥିବା ଦେବତ୍ୱକୁ ବୁଝିପାରେ।

'ଦୁର୍ବଳତା ହିଁ ପାପର, ଦୁର୍ବଳତା ହିଁ ମୃତ୍ୟୁ। ଶକ୍ତି ହିଁ ଜୀବନ'। ଏହା ଉପରେ ସ୍ୱାମୀଜୀ ଖୁବ ଗୁରୁତ୍ୱ ଦେଇକହିଛନ୍ତି। ସ୍ୱାମୀଜୀ ମନୁଷ୍ୟ ସମାଜକୁ ସଦାସର୍ବଦା ଶକ୍ତିର ମହାନତା ଦେଇ ମନୁଷ୍ୟ ହେବାକୁ ଆହ୍ୱାନ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ। ତାଙ୍କରି ଜନ୍ମ ଦିବସ ଜାନୁଆରୀ ୧୨ତାରିଖକୁ 'ଯୁବ ଦିବସ' ଭାବରେ ପାଳିତ ହେଉଛି। ଏହି ନିଷ୍ପତ୍ତି ୧୯୮୬ ରେ ନିଆ ଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶରେ ଆମେ ଅନୁପ୍ରାଣିତ ହୋଇ ଏକ ସୁନ୍ଦର, ଶକ୍ତିଶାଳୀ ଭାରତ ଗଢ଼ିବା ଦିଗରେ ଆଗେଇଯିବା।


**ଜାମସେଦପୁର**
**ଦୂରଭାଷ : ୯୦୩୧୮୧୬୫୨୮**

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୩




*(ପୂର୍ବପ୍ରକାଶ ଉତ୍ତାରୁ)*

ନହେଲେ କାହିଁକି ଏତେବଡ ବାତ୍ୟା ଏ ଘରେ, କାହିଁକି ଏତେ ଅବାସ୍ତବ ନୀରବତା..? ଯଦିଓ କୌଣସି ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟର ଅଭାବ ନାହିଁ! ଜେଜେ ମା'ର ଅସନ୍ତୋଷ କଣ ଏ ଘରର ମୂଳଦୂଆକୁ ଭାଙ୍ଗିଦେଇଛି? ତା ନିଃଶ୍ୱାସରେ କଣ ଦୋହଲି ଯାଇଛି ଏ ଘରର ଛାତ? ହେଲେ ସେ କଣ ସାନବାବୁଙ୍କୁ ଅଭିଶାପ ଦେଇପାରିବ? ସେ କଣ ଅଶୁଭ ମନାସି ପାରିବ ତା ଅତି ଆଦରର ନୟନପିତୁଳାଙ୍କର?

ନା ହୁଏତ ତା ଜୀବନବ୍ୟାପି ଅସନ୍ତୋଷର ଜ୍ୱାଳା ମାଲିକ ଓ ମାଲିକାଣୀଙ୍କୁ ସ୍ପର୍ଶ କରିଯାଇଥିବ କୁହୁଡି ଭଳି? ଯେଉଁଥିରେ ନିଜ ଅଜାଣତରେ ଆକ୍ରାନ୍ତ ହୋଇପଡିଥିବେ ସାନବାବୁ। ସେ ଯେପରି ଏକାଟିଆ ଜୀବନକୁ ବିତାଇ ଦେଇଥିଲା, ଆଜି ସାନବାବୁ ବି ସେମିତି ଏକାଟିଆ ତାଙ୍କ ଜୀବନ ରାସ୍ତାରେ। ମାଲିକ ଓ ମାଲିକାଣୀଙ୍କ ଜୀବନଦୀପ ବି ସେଇଭଳି ଏକାଟିଆ ହୋଇ ଜଳିଜଳି ଲିଭିଯାଇଥିଲା। ସଂସାର ଥାଇ ବି ଏକାକୀ ଜୀବନକୁ ବିତାଇଥିଲେ ସେମାନେ। ହସଖୁସି ତାଙ୍କପାଇଁ ସାତ ସ୍ୱପ୍ନ ପାଲଟି ଯାଇଥିଲା। କଥା କହିବାର ଓ ଶୁଣିବାର ସମସ୍ତ ଶକ୍ତିଥାଇ ବି ସେମାନେ ମୂକ ଓ ବଧିର ପାଲଟିଯାଇଥିଲେ।

ଲୀନା ଭାବେ ବେଳେବେଳେ କାହିଁକି ଏମିତି ହେଲା? ଏପରି ନହୋଇଥିଲେ କେତେ ଭଲ ହୋଇଥାନ୍ତା? ଜୀବନଟା ଆଉରି ଭଲଭାବେ ଜୀଇଁ ହୋଇଥାନ୍ତା! ସାନବାବୁ ତାଙ୍କ ସଂସାରରେ ସୁଖୀ ଥାନ୍ତେ। ମାଲିକ ଓ ମାଲିକାଣୀ, ଜେଜେମାଆ ବି ସେହି ସୁଖରେ ଆଉରି କିଛି ଦିନ ବଂଚିପାରିଥାନ୍ତେ। ବିଧିର ନିର୍ଦ୍ଦେଶ କଣ ତାହେଲେ ଏଇଆ ଥିଲା? ସମସ୍ତଂକୁ କ୍ରୁର ଭାବରେ ଏକାକୀ କରିଦେଇ କି ସୁଖ ପାଇଲେ ଈଶ୍ୱର? ବେଳେବେଳେ ଦୁଃଖ ଓ ଯନ୍ତ୍ରଣାରେ ଧନ୍ଦିହୁଏ ସେ। ଉଚିତ୍ ଓ ଅନୁଚିତ୍ ଭିତରେ ସନ୍ତୁଳିହୁଏ। ଖୁବ୍ ରାଗହୁଏ ଭାଗ୍ୟ ଓ ଭଗବାନଙ୍କ ଉପରେ।

ମନିଷା ଜାଣିସାରିଥିଲା- ନା ଆଉ ନୁହେଁ। ଅନିମେଶ୍ ଭଳି ମଣିଷମାନଂକୁ ବଦଳାଇ ହୁଏନି ଏମିତି ଭାବରେ। ଯଥାସାଧ୍ୟ ଚେଷ୍ଟା କରିଥିଲା ସେ। ତାଙ୍କୁ ପ୍ରାଣ ପଣେ ଆପଣାର କରିବାକୁ ଓ ନିଜ ଢାଞ୍ଚାରେ ତିଆରି କରିବାକୁ ଲାଗିପଡିଥିଲା। ହେଲେ ନା..! ଏଭଳି ମଣିଷମାନେ ନିଜର ପ୍ରକୃତିକୁ ସଂପୂର୍ଣ୍ଣରୁପେ ବଦଳାଇ ପାରନ୍ତି ନାହିଁ। ଏମାନେ ନିଜର ମୌଳିକତାକୁ ପ୍ରାଧାନ୍ୟ ଦିଅନ୍ତି। ପରଂପରା ଓ ସଂସ୍କୃତିପ୍ରାଣତା ଭରିରହିଥାଏ ଏମାନଙ୍କ ଭିତରେ। ନିଜର ମାଟି, ପାଣି ଓ ପବନକୁ ଏମାନେ ଢେର୍ ଭଲ ପାଆନ୍ତି। ଏମାନେ ଭଲପାଆନ୍ତି ସେମାନଙ୍କ ଗାଡିଆ ପୋଖରୀ ଓ ତା ଭିତରର କଇଁ, ପଦ୍ମମାନଙ୍କୁ। ସେମାନଙ୍କୁ ମନଭିତରେ ସେ ଆପଣାର କରିପାରନ୍ତି। ଏମିତିକି ଅଳିକ ସ୍ୱପ୍ନର ମୋହଭିତରେ ଆତ୍ମହରା ହୋଇ ନିଜର ଜୀବନ ଉତ୍ସର୍ଗ ବି କରିପାରନ୍ତି! ଶତଚେଷ୍ଟା କରି ବି ଏମାନେ ନିଜକୁ ପରିବର୍ତ୍ତିତ କରାଇ ପାରନ୍ତି ନାହିଁ କିମ୍ବା ଅତ୍ୟାଧୁନିକତାକୁ ମାନସିକ ସ୍ତରରେ ଗ୍ରହଣ କରିପାରନ୍ତି ନାହିଁ।

ଆଜିଯାଏଁ ବୃଥା ପ୍ରଚେଷ୍ଟା ଜାରିରଖି ସେ ନିଜକୁ ଓ ଅନିମେଶଙ୍କୁ ଦୁଃଖୀ କରିଆସିଥିଲା! ସେହି ମାନସିକ ଚାପରେ ପଡି ତାଙ୍କ ବାପାମାଆ ଇହଧାମ ତ୍ୟାଗ କଲେ। ତାଙ୍କ ପିଲାଦୁହିଁଙ୍କ ଯତ୍ନ ବି ସେ ଠିକ୍ ଭାବେ ନେଇ ପାରୁନାହିଁ। କେଉଁ ଅଧିକାର ବଳରେ ସେ ତାଙ୍କଠାରୁ ଅଧିକାର ମାଗି ଆସୁଛି! ଆଜି ପର୍ଯ୍ୟନ୍ତ ଆୟା ଦୁଇଜଣ ପାଳୁଛନ୍ତି ତା ପିଲାଦୁଇଟିଙ୍କୁ। ଯାହା ଅନିମେଶଙ୍କୁ ବ୍ୟଥିତ କରାଏ ବେଳ ଅବେଳରେ।

ସେ କହନ୍ତି- ସମସ୍ତେ ତାଙ୍କ ଧାଇମାଆଙ୍କ ଭଳି ଉତ୍ସର୍ଗୀକୃତ ନୁହଁନ୍ତି। ସେମାନେ ଟଙ୍କା ଲୋଭରେ ପଡି ପିଲାମାନଂକ ଦାୟିତ୍ୱ ନେଉଛନ୍ତି! କିନ୍ତୁ ସେମାନଙ୍କୁ ସ୍ନେହ, ଆଦର ଓ ଯତ୍ନ ଦରକାର। ପୁଣି ଦରକାର ସେମାନଙ୍କ ସହିତ ଭିନ୍ନଏକ ଭୂମିକା ସଂପାଦନ କରିବାକୁ! ଏସବୁ ଜେଜେବାପା ଓ ଜେଜେମାଆ ହିଁ କରିପାରନ୍ତି। ସେମାନେ ହିଁ ପିଲାମାନଙ୍କ ଅଭାବ ଅସୁବିଧାମାନଂକୁ ଠିକ୍ ସମୟରେ ଠଉରେଇନେଇ ପାରନ୍ତି। ଫେରିଚାଲ ମନିଷା! ଆମେ ଆମଘରକୁ ଫେରିଯିବା। ସେଠାରେ ସଂପୂର୍ଣ୍ଣ ଘର ଓ ଆତୁରତାର ସହିତ ଅନ୍ୟମାନେ ବି ଅପେକ୍ଷା କରିଛନ୍ତି ତୁମକୁ ଓ ପିଲାମାନଙ୍କୁ ସ୍ୱାଗତ କରିବାକୁ!


ହେଲେ ମନିଷା ପ୍ରତ୍ୟାଖ୍ୟାନ କରିଦେଇଥିଲା ଅନିମେଶଙ୍କ ଅନୁରୋଧକୁ। ସେ ଏମିତି ନିରସ ଜୀବନଟିଏ କଣ କେବେ ଜୀଇଁପାରିବ? ସେ ଆଜିଯାଏଁ ଛଳନା କରିଚାଲିଛି ଅନିମେଶ୍ ସହିତ। ପ୍ରକୃତରେ ସେ କଣ ମାଆଟିଏ ହୋଇ ପାରିଛି ଆଜିଯାଏଁ? ମାତୃତ୍ୱର ଆବେଗରେ କୋଳେଇ ନେଇଛି ସେ ପିଲାଦୁଇଟିଙ୍କୁ?

*(କ୍ରମଶଃ)*

---

# ନର ରାକ୍ଷସ

**ପୁଷ୍ପଲତା ମିଶ୍ର**





*(ପୂର୍ବପ୍ରକାଶ ଉତ୍ତାରୁ)*

ମାନୀ ଖୁଡିଙ୍କୁ କହି ଯାଇଥିଲା ତୁଷାର ଭାଇଙ୍କୁ କହିବ ମୋତେ ଟିକେ ଦେଖା କରି ଆସିବେ, କଣ ସେଥିରୁ ମିଳିବ ଯିବ କି ନାହିଁ... ଭାରି ମନେ ପଡୁଚି ମାନୀ! ଖାଇବା ଟେବୁଲ ରଘୁ ମଉସା ଖାଇବା ଥୋଇ ଡାକିଲେ ବାବୁ ଆସନ୍ତୁ ଖାଇବା ରଖିଲି ଆପଣ ଖାଇ ସାରିଲେ ମୁଁ ଟିକେ ବିଶ୍ରାମ ନେବି। ହଁ ହଁ ତୁମେ ଯାଅ ବିଶ୍ରାମ ନିଆ ମୁଁ ଖାଇ ନେବି କହି ତୁଷାର ପୁଣି ଭାବନା ଭିତରେ ବୁଡି ଗଲେ ଫୋନ ରିଂ ଶବ୍ଦରେ ଭାବନାରୁ ମାନୀ ଦୂରେଇ ଗଲା, ଅନ୍ୟ ମନସ୍କ ଭାବେ ଡାକ୍ତର ତୁଷାର କହିଲେ ହେଲୋ... ଫୋନର ଆର ପଟୁ ହସ୍ପିଟାଲ୍‌ର ଜଣେ କର୍ମଚାରୀ କହିଲେ ସାର କାଲି ଜଲଦି ଆସିବେ ପୋଷ୍ଟମର୍ଟମ ଅଛି ଗୋଟେ ସ୍ତ୍ରୀ ଲୋକ ସାର ତା ଗର୍ଭରେ ଛୁଆଟିଏ ଅଛି। ସାର ଗ୍ରାମ ଲୋକ ମାନେ ତାକୁ ଆଣିଛନ୍ତି ଆଉ ତା ସାଙ୍ଗରେ ତାଙ୍କ ପରିବାରର କେହି ଆସି ନାହାନ୍ତି। ତାର ସ୍ୱାମୀ ମଦ ପିଇ ତାକୁ ମାରି ଦେଇଛି। ସେ ଲୋକର ପ୍ରଥମ ସ୍ତ୍ରୀର ଗୋଟିଏ ପାଞ୍ଚବର୍ଷର ପୁଅଟି ଆସିଛି। ସେ ହସ୍ପିଟାଲ୍ ବାରଣ୍ଡା ରେ ବସିଛି ସାର ସେ ଲୋକର ପ୍ରଥମ ସ୍ତ୍ରୀ ଆତ୍ମହତ୍ୟା କରିଥିଲା। ଡାକ୍ତର କହିଲେ ହଉ ହଉ ଫୋନ ରଖ ମୁଁ ଯାଇ ପହଞ୍ଚିବି।

ଏମିତି କିଛି ଭାବନା ଭିତରେ ଡାକ୍ତର ତୁଷାରଙ୍କର ଆଖି ଲାଗିଯାଇଛି। କବାଟ ଠକ୍ ଠକ୍ ଶବ୍ଦରେ ତୁଷାର କବାଟ ଖୋଲି ଦେଖନ୍ତି ତ ମାନୀ ଠିଆ ହୋଇଛି ଆରେ ମାନୀ ତୁ? ଆସେ ଆସେ ଭିତରକୁ ଆସେ! ମାନୀ କହିଚାଲିଥିଲା ତୁଷାର ଭାଇ ତୁମେ ମତେ ଦେଖିବାକୁ ଆସିଲନି ନା! ମୁଁ ତୁମକୁ ଦେଖା କରିବାକୁ ଆସିଛି, ମୋ ସାନ ପୁଅକୁ ତ ରଖି ପାରିଲିନି ଆଉ ବଡ ପୁଅ ମିକୁର ଦାୟିତ୍ୱ ତୁମେ ହିଁ ନେବ ତାକୁ ତୁମେ ତୁମରି ପରି ଡାକ୍ତର କରି ଗଢି ତୋଳିବ ସେ ମେଡ଼ିକାଲ ବାରଣ୍ଡାରେ ବସିଛି। ମୁଁ ଯାଉଛି ତୁଷାର ଭାଇ! ମାନୀ...ମାନୀ...ତୁ ଶୁଣ ଏହି ଡାକରେ ଡାକ୍ତର ତୁଷାର ର ନିଦ ଭାଙ୍ଗି ଗଲା। ସ୍ୱପ୍ନ ଭାବି ତର ତର ହୋଇ ହସ୍ପିଟାଲ୍ ଚାଲିଗଲେ। ରଘୁ ମଉସା ଦେଖିଲେ ବାବୁ ରାତି ଖାଇବା ଖାଇ ନାହାଁନ୍ତି। ହଉ ଡାକ୍ତରୀଆ ଲୋକ....।

ତର ତର ହୋଇ ହସ୍ପିଟାଲ୍‌କୁ ଗଲା ବେଳକୁ ସବୁ କାଗଜ ପତ୍ର କାମ ସରିଯାଇଛି, ପ୍ରସ୍ତୁତ ହୋଇ ପୋଷ୍ଟମର୍ଟମ ରୁମ୍‌କୁ ବାହାରି ଗଲେ, କାହିଁକି କେଜାଣି ଆଜି ଦେହ ହାତ ଥରୁଛି, ପୋଷ୍ଟମର୍ଟମ କରିବାକୁ ମନ ଡାକୁଛି। ଏ ହତଭାଗିନୀ କିଏ? ଆଜି ମୁଁ ଏତେ ଦୁର୍ବଳ କାହିଁକି ଅନୁଭବ କରୁଛି। କମ୍ପାଉଣ୍ଡର ଡାକିଲେ ସାର ଭିତରକୁ ଆସନ୍ତୁ ହଁ ହଁ କହି ଛୋଟ ଛୁଆଟାର ମୁହଁକୁ ଚାହିଁ ମୁହଁରୁ ଝାଳ ପୋଛି ଭିତରକୁ ଗଲେ। ଧଳା ଚାଦର ଘୋଡା ହୋଇ ରହିଛି ମୃତ ଶରୀର! କମ୍ପାଉଣ୍ଡର ଧଳା ଚାଦରକୁ ଖୋଲି ଦେଲା, ଏ କଣ ମୁଁ ଦେଖୁଛି ...... ମାନୀ ତୁ? ତୋର ଏ କି ଅବସ୍ଥା ତୁ ରାତି ରେ ମତେ ଡାକି ଆଣି ଥିଲୁ ଏଠିକି ଶେଷରେ ମତେ ଏହାହିଁ କରିବାକୁ ଥିଲା? ତୋ କଥା ମୁଁ ରଖିବି ଲୋ ମାନୀ ମୁଁ ତୋ ପୁଅ ମିକୁକୁ ମୋ ଭଳି ଡାକ୍ତର ଟିଏ କରିବି ଆଉ ମନେ ରଖ ମାନୀ ତୋର ଏ ଅବସ୍ଥା ଯିଏ କରିଛି ତାକୁ ମୁଁ ଛାଡିବିନି ସେ ନର ରାକ୍ଷସକୁ ଫାଶୀ ଖୁଣ୍ଟରେ ଝୁଲାଇ ଦେବି! ମୁଁ ତାକୁ ଫାଶୀ ଖୁଣ୍ଟରେ ଝୁଲାଇ ଦେବି!

*ଭୁବନେଶ୍ୱର*

*ଦୂରଭାଷ: ୯୩୩୮୨୯୪୬୫୭*


---

# କବିତାର କଥା

(ଭାଗ-୧୦୪)



**ଉମାକାନ୍ତ ରାଉତ**



## ଶ୍ଳେଷ ସହ ଶାନ୍ତି ଓ ଆନନ୍ଦ ସହ କ୍ଳାନ୍ତିର କକଟେଲ୍

ଚିତ୍ରକଳ୍ପ, ରୂପକ, ପ୍ରତୀକ ଓ ମିଥ୍ ଆଦିର ସରଳ, ସଫଳ ଓ ବୋଧଗମ୍ୟ ପ୍ରୟୋଗ ଗୁରୁପ୍ରସାଦଙ୍କ କବିତାରେ ଏଭଳିଭାବେ ପ୍ରକୀର୍ତ୍ତିତ ଯାହା ତାଙ୍କର ଅନୁଭବର ତୀବ୍ରତାକୁ ସ୍ପଷ୍ଟଭାବେ ପ୍ରତିପାଦିତ କରିଥାଏ। ତାଙ୍କର ଅନେକ କବିତାରେ ଥାଏ ଜୀବନରେ ମୃତ୍ୟୁ ଚେତନା। ପୁଣି ଆଉ କିଛି କବିତାରେ ଠିକ୍ ଓଲଟା। ଅର୍ଥାତ୍ ମୃତ୍ୟୁର ପରିସରରେ ଜୀବନର ସବୁଜ ସଂଭାବନା। ଏଇ ଯେମିତି 'କାଳ ପୁରୁଷ' ର କେଇଟି ପଂକ୍ତିରେ ସେ କହନ୍ତି -

"ଆସ ଆଜି,ତମେ ଆସ, ମୁଁ ତୁମର ଅପେକ୍ଷାରେ
ଶ୍ରାବଣର ଛିନ୍ନଭିନ୍ନ,ଫୁଲ ଓ କବିତା
ମୁଁ ଯଦିବା ଏତେଦିନେ ତୁମକୁ ପାଇଛି ଖୋଜି
ମୋ' ଦେହରେ ଜଳିଯାଏ,ଆଜି କିନ୍ତୁ ଜୀବନର ଚିତା।"

ଅନ୍ୟ ଏକ ପଂକ୍ତିରେ ସେ କହନ୍ତି --

"ଏ ବର୍ଷାରେ ଆଶା ଅଛି , ଆଶିର୍ବାଦ ଅଛି
ସ୍ୱାସ୍ଥ୍ୟ ନିରୋଗ ବିଶ୍ରାମ ନିଘୋଡ଼ ଅନ୍ଧାର
ଅଛି ବୁଢ଼ୀ ଅସୁରୁଣୀ
ଭୂତକଥା ବାଘକଥା ଅଛି ବୁଢ଼ୀ ମାଆ
ଏ ବର୍ଷାର ଦେହ ତଳେ ଅଛି
ଅଛି ଧାନକ୍ଷେତ ଅଛି
ଅଛି ଆମ୍ବତୋଟା।"

ସତରେ ମୃତ୍ୟୁ ସମ୍ପର୍କରେ ଏକ ସ୍ପଷ୍ଟ ସଚେତନତାର ସ୍ଥୁଳ ପରିପ୍ରକାଶକୁ ସୁନ୍ଦରଭାବେ ପରିବେଷଣ କରିପାରନ୍ତି କବି ଗୁରୁପ୍ରସାଦ ।ନିଃସଙ୍ଗତା , ଅସ୍ଥିରତା , ଦ୍ୱନ୍ଦ୍ୱ ଆଦିର ବିଚାର ଓ ବିଶ୍ଳେଷଣ ମଧ୍ୟ ତାଙ୍କର ଅନେକ କବିତାର ବିଭବ। ଦୁଇଟି ପାରସ୍ପରିକ ବିରୋଧାଭାସର ଉପାଦାନକୁ କବିତାର ଚିତ୍ରମୟତାରେ ସେ ଏଭଳି ନିଖୁଣଭାବେ ଛନ୍ଦି ଦେଇପାରନ୍ତି ଯେ,ଉଭୟର ପାରସ୍ପରିକ ସଂହତିରେ ତାଙ୍କର କାବ୍ୟାନୁଭୂତି ଓ କାବ୍ୟଦୃଷ୍ଟି ଅତ୍ୟନ୍ତ ପ୍ରସାରିତ ଓ ରସୋତ୍‌ଛଳ। ସେ ଦୁଇଟି କଥା ହେଲା - ଗୋଟିଏ ପଟେ ସୌନ୍ଦର୍ଯ୍ୟ ପ୍ରତି ଖୁବ୍ ସଚେତନତା, ଅତ୍ୟାଗ୍ରହ, ଆନନ୍ଦ ଓ ପ୍ରଶାନ୍ତିର ଅନୁଭବ। ଅନ୍ୟପଟେ କ୍ଳାନ୍ତି, ଶ୍ଳେଷ,ବ୍ୟଥା , ନିଃସଙ୍ଗତା ଓ ଦ୍ୱନ୍ଦ୍ୱ ଆଦିର ନିର୍ମମ ଅନୁଭବ। ଉଭୟ କିନ୍ତୁ କବିତାର ଚିତ୍ରମୟତାରେ ଜୀବନ୍ତ ଓ ଅନନ୍ୟଭାବେ ଛନ୍ଦାୟିତ। ନିମ୍ନ ଉଦାହରଣରୁ ଏକଥାକୁ ସ୍ପଷ୍ଟ ବୁଝିହେବ।

"ଚକ୍ରବାକ କାନ୍ଦେ ବୋଲି ସମୁଦ୍ରରେ ଜହ୍ନରାତି ହେଲେ
କେତେଥର ଦେଖିଛି ମୁଁ କାଶଫୁଲ ଭାଙ୍ଗେ ଆସି ଢେଉ
ଏ ବାଲିରେ ବୁଲି ବୁଲି ମିଠା ମିଠା ଶାମୁକା ଗୋଟାଇ
କେତେଥର ଖୋଜିଛି ମୁଁ ଜହ୍ନରାତି ଦିନ ଥାଉଁ ଥାଉଁ।"

ଉପରୋକ୍ତ ପଂକ୍ତିଟି ସୌନ୍ଦର୍ଯ୍ୟ, ଆନନ୍ଦ ଓ ପ୍ରଶାନ୍ତିର ଅନୁଭବ ସାଉଁଟୁଥିଲାବେଳେ ଅନ୍ୟ ପଂକ୍ତିରେ ବ୍ୟଥା, କ୍ଳାନ୍ତି ଓ ଶ୍ଳେଷର ଅନୁଭବକୁ ଲକ୍ଷ୍ୟ କରିବା।

"ଚମ୍ପାଫୁଲ ମହକରେ ପଡ଼େ ସେ ଯେ ଦାରୁଣ କୁହୁକ
ରକ୍ତେ ଯାଏ ନିଆଁ ଲାଗି, ଛାତି ଆଉ ନିଃଶ୍ୱାସରେ ନିଆଁ
ଛାତି ଆଉ ନିଃଶ୍ୱାସରେ ନିଆଁ ସେ ଯେ ଦେହେ ଦେହେ ବିଜୁଳି ଚମକ
ବିଜୁଳି ଚମକ ସେ ଯେ ବଣନିଆଁ ,ସବୁଯାଏ ଛିନ୍ନଭିନ୍ନ ହୋଇ
ପୃଥିବୀ ଛାତିରେ ଲୋଟି ପୋଡିଯାଏ ଜଳିଯାଏ ସବୁ
ମାଂସ ଫୁଟେ ଫୁଲ ହୋଇ ମନ ପଡ଼େ ରୋମାଞ୍ଚରେ ଶୋଇ।"

୧୯୪୦ ମସିହା ପୂର୍ବରୁ ସେ ଲେଖିଥିବା 'ସଜଳ ଆଖିର ନୀରେ, ଅସ୍ତରାଗ, ଅଲାଜୁକୀ,ସପନତରୀ ଓ ଅପରାଜିତା ଆଦି କବିତାଗୁଡ଼ିକ ତାଙ୍କର ସଂକଳନରେ ମିଳେନାହିଁ। ଏଗୁଡ଼ିକ ହୁଏତ ଏବେ ଦୁର୍ଲ୍ଲଭ। ଯଦି କେହି ସହୃଦୟ ପାଠକ କୌଣସି ସୂତ୍ରରୁ ଏସବୁ ପାଆନ୍ତି, ତା'ହେଲେ ତାକୁ ପ୍ରକାଶ କଲେ କାବ୍ୟ ସାହିତ୍ୟ ପାଇଁ ମଙ୍ଗଳକର ହେବ। 'କାଳପୁରୁଷ' ଭଳି ସିଏ ଆଉ ଏକ ଦୀର୍ଘ କବିତାର ପରିକଳ୍ପନା କରିଥିଲେ, ଯାହାର ନାମ ଥିଲା 'ଯାତ୍ରା'। ବିଭିନ୍ନ ସମୟରେ ତାଙ୍କର ଟୀକାଟୀପ୍ପଣୀ,ବନ୍ଧୁମାନଙ୍କ ସହ ସେ ସମ୍ପର୍କିତ ଆଲୋଚନା ଏବଂ ଅନ୍ୟ କେଇଟି ସ୍ଥାନରେ ଏ ସମ୍ପର୍କିତ ସୂଚନାରୁ ଗବେଷକମାନେ ଦେଶାନ୍ତକରଣ ଓ ତାର ସମ୍ଭାବ୍ୟ ପରିଣତି, ସେସବୁର ଶାରିରୀକ,ମାନସିକ ଓ ଆଧ୍ୟାତ୍ମିକ ପ୍ରଭାବ, ଜାତି ବର୍ଣ୍ଣ ଗୋଷ୍ଠୀ ଏବଂ ପରିସ୍ଥିତି ସହ ଏହାର ସମ୍ପର୍କର ସ୍ଥୁଳ, ମାର୍ମିକ ଓ ତାତ୍ତ୍ୱିକ ବିଶ୍ଳେଷଣ ହିଁ 'ଯାତ୍ରା'ର ପ୍ରଧାନ ଉପଜୀବ୍ୟ ଥିଲା ବୋଲି ମତପୋଷଣ କରନ୍ତି। ତାହା ସମ୍ପୂର୍ଣ୍ଣ ହୋଇଥିଲେ ହୁଏତ ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟରେ ଆଉ ଏକ ଅସାମାନ୍ୟ କାବ୍ୟତାରାର ଉଦଭାସ ହୋଇପାରିଥାନ୍ତା। ହେଲେ 'ଯାତ୍ରା'ର ଯାତ୍ରା ପୂର୍ବରୁ ହୁଏତ କବିଙ୍କର ମହାଯାତ୍ରା ବିଧି ନିର୍ଦ୍ଦିଷ୍ଟ ଥିଲା। ସେଥିପାଇଁ ଅନ୍ତିମ ଯାତ୍ରାର ପୂର୍ବରୁ ବୋଧହୁଏ ଜୀବନର ଶେଷ ଗୀତ ଭାବେ ସେ ଲେଖିଦେଇଗଲେ 'ମୋର ସବୁ ସ୍ନେହ।'

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

---

## ନିଚ୍ଛୋଷ କବିତା



# ପୁନର୍ଜନ୍ମ

**ରବି କୁମାର ମହାନ୍ତି**



କାଲି ମୁଁ ପାଣିକୁ ନିରେଖିଲି
ସେଠି ଥିଲା ସାତ ତାଳ ପଙ୍କ
ତା ତଳେ ଦିଶିଗଲା
ଗୋଟେ ନଅର
ନଅର ଭିତରେ, ଫୁଲର ବିଛଣାରେ
ଧ୍ୟାନରତ ଥିଲା ଗୋଟେ ଦାନବ
ତା ଏକ ହାତରେ ପର୍ଶୁ
ଆନ ହାତରେ ଥିଲା
ନୁଖୁରା କଲମ
ବିଛାଡି ହୋଇ ପଡ଼ିଥିଲା ଏଠି ସେଠି
ଗଦା ଗଦା ରଦି କାଗଜ,
ଅଧା ଲେଖା କବିତା ମାନଙ୍କ
ପଞ୍ଚନାମା ଆଉ
କିଛି ପ୍ରଦୁଷିତ ପ୍ରେମର
ନିର୍ଲିପ୍ତ ବାହାନା
ଅତି ସନ୍ତର୍ପଣରେ ସେ ଦାନବ
ଆଖି ଖୋଲିଲା
ବୋଧେ ଭୋର୍ ହେଇଗଲା,
ମୋ ବେକରେ ହଠାତ୍ କେହି
ପଥଚାରୀ
ମାଳାଟେ ଝୁଲାଇ
କୃଶ କାଠକୁ ଯିବାପାଇଁ
ନିମନ୍ତ୍ରଣ ଦେଲା
ମୁଁ ଚୁପ୍ ଚାପ୍ ଖୁଣ୍ଟରେ ଚଢ଼ିଗଲି
ତାପରେ......
ପୁଣିଥରେ ପାଣିକୁ ଠେଲି,
ପଙ୍କକୁ ଆଡେଇ
ଏଥର ନିଆଁ ର ବିଛଣାରେ
ଘାଲେଇ ପଡ଼ି
ପୁଣି ଥରେ ଧ୍ୟାନସ୍ଥ ହୋଇଗଲି
ହାହାହାହାହା.....
କବିଟିଏରୁ କୋଟିଏ
ଅଭିଶାପ ମୁଣ୍ଡେଇ ଥିବା
ଅଘୋରୀ ବୋଲି
ସମୟର ମହାମଞ୍ଚରେ
ସମ୍ବର୍ଦ୍ଧିତ ହେଲି।

*ମାତୃନୀଡ*
*କମାରିଆ, ତିହିଡି, ଭଦ୍ରକ*
*ଦୂରଭାଷ : ୭୦୬୪୭୭୮୨୪୭*

# କୁରେହିଁ ଫୁଲ

**ବଟ କୃଷ୍ଣ ପଣ୍ଡା**



କୁରେହିଁ ଫୁଲ ବଣରେ ଫୁଟେ
ନାଁ ଆଉ ମନେ ପଡୁନି
ତାର ଅଲୋଡା
ଜୀବନ କାହାଣୀ ନା'
ସେଥି ଲାଗି ମନେ ପଡୁନି।
କିଛି ଫୁଲ ଫୁଟିବା ଆଗରୁ
ବିଧାତା ଲେଖି ଦେଇଛି
କାହା ସ୍ଥାନ କେଉଁଠି।
କିଏ ଦେବା ଦେବୀ ଗଳାରେ
କିଏ ଦେବା ଦେବି ମୁଣ୍ଡରେ
ଆଉ କିଏ ନେତାର ବେକରେ
ଆଉ କିଏ ଶବର ଦେହରେ।
ହେଲେ କୁରହିଁ ଫୁଲ?
ତାର କଣ ଫୁଟିବା ହସିବା ମନା।
କଣ କେବଳ ଅଲୋଡା ହୋଇ
ଝଡିଯିବାକୁ ପଡିବ।
କାହା ପାଦ ତଳେ
ଦଳି ମକଚି ନଷ୍ଟ ହୋଇଯିବ।
ସେ ତ ସୁନ୍ଦର
ବଣ ହିଁ ତା ଉପାସକ।
ସେ କଣ ବଣ ମଲ୍ଲୀଟିଏ?
ଅଜଣା ଅଶୁଣା ଅଖୋଜା
ଅଲୋଡା ହୋଇ ଝଡିବ।
ଏହା କଣ
କୁରେହିଁ ଫୁଲର ଭାଗ୍ୟ।

*ନୀଳାଦ୍ରି ବିହାର, ଭୁବନେଶ୍ୱର*

# ମାଆ

**ସବିତା ମିଶ୍ର**



ନାହିଁରେ ନାହିଁରେ ନାହିଁ
ଜଗତରେ କେହି ନାହିଁ
ତୁମପରି 'ମାଆ' ଟିଏ
କୋଟିଏରେ ଗୋଟେ ସେହି।
ବାର ବରଷରେ ମାଆ
ଶାଶୁ ଘର ଆସିଥିଲ
ଅଠାଅସି ବରଷରେ
ସ୍ୱର୍ଗକୁ ଯେ ଚାଲିଗଲ।
'ଯାଆ' ସଙ୍ଗେ ତୁମେ ମିଶି
ପରିବାର ଗଢ଼ିଥିଲ
ପୁଅ ପୁତୁରାଙ୍କୁ କେବେ
ପାତର କରୁନଥିଲ।
ଘରକୁ ମନ୍ଦିର ପରି
ଦେଇଥିଲ ଦୁହେଁ ଗଢ଼ି
ଲୋକେ ଜାଣୁନଥିଲେ ଗୋ
କିଏ 'ମାଆ' କିଏ 'ଖୁଡୀ'।
ନିରୋଗି ହୋଇ ଗୋ ମାଆ
ଜୀବନ ବିତେଇ ଥିଲ
ଶେଷ ସମୟରେ ତୁମେ
ହୃଦ୍‌ଘାତେ ପରାଣ ନେଲ।
ବାପାଙ୍କୁ ଆମର ତୁମେ
ଏକା କରି ଚାଲିଗଲ
ପୁଅ ଝିଅଙ୍କୁ ଗୋ ତୁମେ
'ମାଆ ଛେଉଣ୍ଡ' ଯେ କଲ।
କଥାରେ ଅଛି ଗୋ ମାଆ
ଯାହାର ଯେ ମାଆ ନାହିଁ
ଏ ଦୁନିଆ ରେ ଯେ ମାଆ
ତାହାର ତ ନାଆଁ ନାହିଁ।
ମାଆ ଡାକ ଆଜି ତୁମେ
କରିଦେଲ ଯେ ଗୋ ଶୂନ୍ୟ
ତୁମେ ନାହଁ ଆଜି ବୋଲି
ଲାଗୁଛି ଯେ ଅଭିମାନ।
ପାଞ୍ଚ ପୁତ୍ରର ଯେ ମାତା
କୃନ୍ତି ହୋଇ ତୁମେ ଥିଲ
ପୁଅ ଝିଅଙ୍କୁ ଗୋ ମାଆ
କେତେ ସ୍ନେହ କରୁଥିଲ।
'ଲକ୍ଷ୍ମୀ' 'ନାରାୟଣ' ପରି
ଯୋଡି ଯେ ତୁମର ଥିଲା
ସେ ଯୋଡି ଦେଖୁଲେ 'ମାଆ'
ଆଖୀ ଲାଖି ରହୁଥିଲା।
କେଡେ ଭାଗ୍ୟବତୀ ତୁମେ
ଲାଖ କାଚ ଧରି ଗଲ
ସୌଭାଗ୍ୟବତୀ ବୋଲିଣ
ଲୋକେ ପ୍ରମାଣିତ ହେଲ।
ସାତ ପୁଅ ଝିଅରେ ଯେ
ଚଉଦ ନାତି ନାତୁଣୀ
ପଣନାତି ନାତୁଣୀଙ୍କୁ
କିଏ ଯେ ପାରିବ ଗଣି।
ପଣନାତି ହାତେ ପାଣି
ପାଇ ଶେଷେ ଚାଲିଗଲ
ଶେଷରେ 'ମାଧବ' ବୋଲି
ସ୍ୱର୍ଗକୁ ଗମନ କଲ।
ବାରମାସେ ତେର ପର୍ବ
କରୁଥିଲ ଗୋ ମନ୍ଦିରେ
ବୃନ୍ଦାବନ ବିହାରୀଙ୍କୁ
ସ୍ମରଣ କଲ ଶେଷରେ।
ବୃନ୍ଦାବନ ବିହାରୀଙ୍କୁ
ସ୍ମରଣ କରିଯେ ଗଲ
ତାଙ୍କରି କୃପାରୁ 'ମାଆ'
ବୈକୁଣ୍ଠରେ ବାସ କଲ।
ଯାହାର ହୃଦୟ ଥିଲା
ପଦ୍ମରୁ ଅତି କୋମଳ
ସେ ମହାନୀୟା, ଅଟନ୍ତି
'ଶାଶୁ' ନୁହେଁ ମାଆ ମୋର।
ଯେତେ ଗୀତ ଲେଖିଲେବି
ଗୀତ ତ ସରୁ ଯେ ନାହିଁ
ତୁମ ସ୍ମୃତିକୁ ଗୋ ମାଆ
ଭୁଲି ଯେ ପାରିବୁ ନାହିଁ।
କି ଗୁଣ ଗାଇବି 'ମାଆ'
ଲୋତକ ପଡୁଛି ଝରି
ଏତିକି ମିନତି ମାଆ
ଆଶୀଷ ଥୁବ ଗୋ ଢାଳି।
ପାଞ୍ଚ ବୋହୁ ପାଞ୍ଚପୁଅ
ଦୁଇ ଜୋଇଁ ଦୁଇ ଝିଅ
ପାଦେ ପଡୁଛୁ ଗୋ ମାଆ
ଆଶିଷ ଯେ ଢାଳିଦିଅ।
ତୁମ ପରି ଏକ 'ମାଆ'
ଭାଗ୍ୟରେ ଥିଲେ ଯେ ମିଳେ
ତୁମ ବୋହୂ 'ସବିତା' ଯେ,
ପଡୁଛି ଗୋ ପାଦତଳେ।
ନାହିଁରେ ନାହିଁରେ......

*ସୋନପୁର*



# ଭବାନୀପାଟଣା ଠାରେ ଦ୍ୱିତୀୟ ଦିଶା କମିଟି ବୈଠକ

**ଭବାନୀପାଟଣା :** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ରେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦିଶା କମିଟି ଉପାଧ୍ୟକ୍ଷ ରାଜ୍ୟସଭା ସଭ୍ୟ ସୁଜିତ୍ କୁମାର,ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର,ଧର୍ମଗଡ ବିଧାୟକ ମୌଶଧି ବାଗ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହ ଦେଓ, ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଧିରା ମେହେର, ଅତିରିକ୍ତ ଜିଲ୍ଲାପାଳ ସୁଶାନ୍ତ ପଟେଲ, ସି ଡ଼ି ଓ ଜିଲ୍ଲା ପରିଷଦ ସଚିନ ପାୱାର, ସଦର ବିଧାୟକ ପ୍ରତିନିଧି ମନୋଜ ସାହୁ, ନର୍ଲା ବିଧାୟକ ପ୍ରତିନିଧି ସୁଧିର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ବୈଠକରେ ସମସ୍ତ ବ୍ଲକ୍ ଅଧ୍ୟକ୍ଷ,ସରପଞ୍ଚ, ଜୁନାଗଡ, କେସିଙ୍ଗା, ଧର୍ମଗଡ ଏନ୍ ଏ ସି ଅଧ୍ୟକ୍ଷ, ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା, ଏନ୍ ଜି ଓ କର୍ମକର୍ତ୍ତା ଓ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ ଦିଶା ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଯୋଜନା ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନ ପ୍ରତିନିଧିଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ସଠିକ୍ ମତ ରଖିବାକୁ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଦିଶା ଅଧ୍ୟକ୍ଷ ଶ୍ରୀ ପଣ୍ଡା କେନ୍ଦ୍ରୀୟ ଅନୁଦାନ ଓ ଖର୍ଚ୍ଚର ମୂଲ୍ୟାଙ୍କନ, ବିଭିନ୍ନ ସ୍କିମ୍‌ର ସଫଳତା ଓ ବିଫଳତା, ଲକ୍ଷ୍ୟ ଧାର୍ଯ୍ୟ ବିଫଳତା ର କାରଣ ଓ ତର୍ଜମା ଉପରେ ଆଲୋଚନା କରିବାପାଇଁ କହିବା ସହ ଏଜେଣ୍ଡା ପାଠ କରିବାକୁ ସଂପୃକ୍ତ ଅଧିକାରୀଙ୍କୁ କହିଥିଲେ। ବୈଠକରେ ସାଂସଦ ଶ୍ରୀ ପଣ୍ଡା କେନ୍ଦ୍ରୀୟ ସ୍କିମ୍ ମନରେଗା, ଦିନ ଦୟାଲ ଅନ୍ତୋଦୟ ଯୋଜନା, ଦିନ ଦୟାଲ ଉପା ଧ୍ୟାୟ ଗ୍ରାମୀଣ କୌଶଳ,ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଏନ୍ ଏସ୍ ଏ ପି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା( ଗ୍ରାମୀଣ ଓ ସହର), ଜାତୀୟ ପାନୀୟ ଜଳ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଦିନ୍ ଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଏନ୍ ଏଚ ଏମ, ଆଇ ସି ଡ଼ି ଏସ୍, ମଧ୍ୟାହ୍ନ ଭୋଜନ,ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, କୃଷି ସ୍ୱାସ୍ଥ୍ୟ କାର୍ଡ, କୌଶଳ ବିକାଶ ଯୋଜନା, ଜନ ସେବା କେନ୍ଦ୍ର,ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଟେଲିକମ ସମ୍ପର୍କିତ ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ଏହି ଉପରୋକ୍ତ ସ୍କିମ୍ ରେ ଲାଭ ପାଉଥିବା ହିତାଧିକାରୀ, ସ୍କିମ୍‌ର ଅଗ୍ରଗତି, ସଫଳତା, ଲକ୍ଷ୍ୟ ଧାର୍ଯ୍ୟ ପୂରଣ ନ ହେବା ଉପରେ ସମୀକ୍ଷା କରିଥିଲେ। ବିଧାୟକ ଜୁନାଗଡ ଶ୍ରୀ ମିଶ୍ର ଜିଲ୍ଲାରେ ଏହି ଯୋଜନା ର ସଫଳତା ହାସଲ ପାଇଁ ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସରପଞ୍ଚ ଓ ଜନ ପ୍ରତିନିଧି ନିଜ ଅଞ୍ଚଳର ବିକାଶ ପାଇଁ ଆଗଭର ହୋଇ ବିଭାଗୀୟ ଅଧିକାରୀଙ୍କୁ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ପାଇଁ ସମ୍ୟନ୍ନୟ ରଖିବାକୁ କହିଥିଲେ। ଜିଲ୍ଲାରେ ମନରେଗା ଯୋଜନାରେ ୧୩ ଟି ବ୍ଲକରେ ୭୭ଟି ଅମୃତ ସରୋବର ଖନନ ଲକ୍ଷ୍ୟ ଧାର୍ଯ୍ୟରୁ ଏପର୍ଯ୍ୟନ୍ତ ୧୨ ଟି ଶେଷ ଏବଂ ୫୬ଟି କାର୍ଯ୍ୟ ଆରମ୍ଭ ହୋଇଅଛି ଏବଂ ୩୫୦୨ ଟି ରାସ୍ତା ଅନୁମୋଦନ ହୋଇ ୧୩୮୯ଟିର କାର୍ଯ୍ୟ ଆରମ୍ଭ ହୋଇଛି। ସେଭଳି ଗ୍ରାମ୍ୟ ରାସ୍ତା ସଂଯୋଗିକରଣରେ ୧୪୫୩ଟି ଅନୁମୋଦିତ ହୋଇ ୧୫୬ ଟି ଶେଷ ହୋଇଛି। ସେଭଳି ଜାତୀୟ ସାମାଜିକ ସହାୟତା ଯୋଜନାରେ ଜିଲ୍ଲାରେ ବାର୍ଦ୍ଧକ୍ୟ ଭତ୍ତା ୫୪୨୯୫,ବିଧବା ଭତ୍ତା ୨୨୪୨୦,ଦିବ୍ୟାଙ୍ଗ ଭତ୍ତା ୩୬୮୦ ମୋଟ ୮୦୩୯୫ ହିତାଧିକାରୀଙ୍କୁ ଓ ଜାତୀୟ ପରିବାର ଭତ୍ତା ୭୯୨ ଜଣଙ୍କୁ ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା( ଗ୍ରାମୀଣ)ରେ ୧୦୧୯୭୧ ଲକ୍ଷ୍ୟ ଧାର୍ଯ୍ୟରୁ ୯୧୦୭୪ ଜଣ ଙ୍କୁ ଘର ଯୋଗାଇ ଦିଆଯାଇଛି।ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ରେ ଭବାନୀପାଟଣା, ଜୁନାଗଡ, ଧର୍ମଗଡ, କେସିଙ୍ଗା ଏନଏସି ଅଞ୍ଚଳରେ ୫୩୮୩ ଲକ୍ଷ୍ୟ ଧାର୍ଯ୍ୟ ରୁ ୨୯୩୫ ଜଣଙ୍କୁ ଘର ଆବଣ୍ଟନ କରାଯାଇଛି। ୭.୧୦.୨୦୨୨ ସୁଦ୍ଧା ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ରେ ୫୪୬ ଟି ଗ୍ରାମକୁ ପୂରଣ କରାଯାଇଛି। ୨୦୨୨ ସୁଦ୍ଧା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ୨୫୦୦୦ ଲକ୍ଷ୍ୟଧାର୍ଯ୍ୟ ରୁ ୧୧୮୩୦ ବଣ୍ଟନ କରାଯାଇଛି।ଜିଲ୍ଲାରେ ତଥ୍ୟ ଅନୁଯାୟୀ ଅନୁମୋଦିତ ଡାକ୍ତର ସଂଖ୍ୟା ୪୦୦ ରୁ ୧୬୬, ଆୟୁଷ ଡାକ୍ତର ୫୫ ରୁ ୨୬, ଷ୍ଟାଫ ନର୍ସ ୨୫୩ ରୁ ୧୬୦, ଫାର୍ମାସିଷ୍ଟ ୧୧୨ ରୁ ୮୭ ଏବଂ ବିଶେଷଜ୍ଞ ଡାକ୍ତର ୧୦୭ ରୁ ୩୭ ଜଣ କାମ କରୁଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳ ଯୋଜନା ରେ ୨୪୩୮୪୬ଙ୍କ ହିତାଧିକାରୀ ମଧ୍ୟରୁ ୨୨୬୮୫୦ ପ୍ରାୟ ୯୩ ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହୋଇଛି। ବୈଠକରେ ଦୁର୍ଗମ ଅଞ୍ଚଳ ରେ ମୋବାଇଲ ଓ ନେଟ୍ ଟାୱାର, ଥୁଆମୂଲ୍ ରାମପୁର ଅଞ୍ଚଳରେ ଅଧିକ ବ୍ୟାଙ୍କ୍ ଶାଖା, ଭବାନୀପାଟଣା ବାଇପାସ୍ ରୋଡ, ଟିଟିଲାଗଡ ବିଜୟନଗରମ ତୃତୀୟ ରେଳପଥ ପାଇଁ ଜମି ଅଧିଗ୍ରହଣ, ଧାନ ସଂଗ୍ରହ,ଫସଲ ବୀମା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ରାଜ୍ୟସଭା ସଦସ୍ୟ ତଥା ଉପାଧ୍ୟକ୍ଷ ଦିଶା କମିଟି ସୁଜିତ୍ କୁମାର ଧନ୍ୟବାଦ୍ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆସିନି ଗ୍ରୀଷ୍ମ ...

କମିବାରେ ଲାଗିଛି। ଗତବର୍ଷ ଆଜିର ଦିନରେ ଜଳଭଣ୍ଡାରକୁ ହାରାହାରି ୯ ହଜାର ୮୪୮ କ୍ୟୁସେକ ଜଳ ପ୍ରବେଶ କରୁଥିଲା। ସମାନ ପରିମାଣର ଜଳ ଡ୍ୟାମରୁ ନିଷ୍କାସିତ ମଧ୍ୟ ହେଉଥିଲା। ଆଜିର ଦିନରେ ଜଳଭଣ୍ଡାରକୁ ପ୍ରବେଶ କରୁଛି ମାତ୍ର ୫୮୫ କ୍ୟୁସେକ୍ ଜଳ। ଆଉ ନିଷ୍କାସିତ ହେଉଛି ୮ ହଜାର ୧୮୦ କ୍ୟୁସେକ୍ ପାଣି। ହୀରାକୁଦର କମିଥିବା ଜଳର ପରିମାଣ ସହ ଜଳପତ୍ତନ ମଧ୍ୟ ଚିନ୍ତା ବଢ଼ାଇଛି। ଓଏଚ୍‌ପିସିର ତଥ୍ୟ କହୁଛି, ଗତବର୍ଷ ଆଜିର ଦିନରେ ଡ୍ୟାମର ଜଳପତ୍ତନ ୬୨୭.୨୯ ଫୁଟ୍ ରହିଥିଲା। ଏବେ ଏହା ପ୍ରାୟ ୩ ଫୁଟ୍ ହ୍ରାସ ପାଇ ୬୨୪.୬୭ ଫୁଟ୍ ପହଁଚିଛି। ହୀରାକୁଦ ଜଳଭଣ୍ଡାର ମୁଖ୍ୟ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି, ଅକ୍ଟୋବର ୧୯ ତାରିଖରେ ଉପମୁଣ୍ଡରେ ମାତ୍ର ୩ ମିଲିମିଟର ବର୍ଷା ହୋଇଥିଲା। ତା'ପରଠାରୁ ଆଜି ପର୍ଯ୍ୟନ୍ତ ବର୍ଷା ହୋଇନାହିଁ। କିନ୍ତୁ ଜଳଭଣ୍ଡାରେ ଯେତିକି ଜଳ ଗଚ୍ଛିତ ରହିଛି, ତାହା ଆମର ଆବଶ୍ୟକତାକୁ ପୂରଣ କରି ପାରିବ ବୋଲି ଶ୍ରୀ ସାହୁ କହିଛନ୍ତି। ଏବେଠୁ ଡ୍ୟାମକୁ ଏତେ କମ୍ ପରିମାଣର ଜଳ ପ୍ରବେଶ କରୁଥିବାରୁ ଖରାଦିନେ ସ୍ଥିତି ସାଂଘାତିକ ହେବା ନେଇ ଆଶଙ୍କା କରାଯାଉଛି। ବିଶେଷ କରି ଜଳସେଚନ, ପିଇବା ପାଣି ଓ ଜଳ ବିଦ୍ୟୁତ ଉତ୍ପାଦନ ସମସ୍ୟା ଉପୁଜିପାରେ। ତେବେ ଏଠି ପ୍ରଶ୍ନ ଉଠୁଛି, ଉପର ମୁଣ୍ଡରେ ପାଣି ବନ୍ଦ କରିଦେଲାଣି କି ଛତିଶଗଡ ? ଖରାଦିନେ ପାଣି ନପାଇ ଶୁଖିଲା ପଡ଼ିବ କି ଜମି ?

### ଶ୍ରମିକ କଲ୍ୟାଣ ...

ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୩୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ଶୁଣାଣି ସମୟରେ ୨୦୨୨, ଡିସେମ୍ବର ୮ର ନିର୍ଦ୍ଦେଶ ପାଳନ କରି ସରକାରଙ୍କ ତରଫରୁ ଦାଖଲ ସତ୍ୟପାଠରୁ ସ୍ପଷ୍ଟ ହୋଇଥିଲା ଯେ କଲ୍ୟାଣକାରୀ ଯୋଜନାରେ ସାମିଲ ଶ୍ରମିକଙ୍କ ସଂଖ୍ୟା ଓ କଲ୍ୟାଣ ପାଣ୍ଠିରୁ ଶ୍ରମିକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହ୍ରାସ ପାଇଛି। ବୋର୍ଡ ପକ୍ଷରୁ ଶ୍ରମିକଙ୍କ ପାଇଁ ଅନ୍ ଲାଇନ ପଞ୍ଜୀକରଣ ବ୍ୟବସ୍ଥା ୨୦୨୨, ମେ ୧ରୁ ଲାଗୁ ହୋଇଥିବା ବେଳେ ଏଥିରେ ରହିଥିବା ସମସ୍ୟାକୁ ଏଭଳି ହ୍ରାସର କାରଣ ଭାବେ ଦର୍ଶାଯାଇଥିଲା। ୨୦୨୨, ଡିସେମ୍ବର ଶେଷ ସୁଦ୍ଧା ୧.୨୬ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକରଣ କରିଥିବା ବେଳେ ୨୦୨୨-୨୩ରେ ୧୫୪.୬୨ କୋଟି ଟଙ୍କା ଯୋଗ୍ୟ ହିତାଧିକାରୀଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହୋଇଛି। ୨୦୧୯ ପର୍ଯ୍ୟନ୍ତ ସେସ୍ ଓ ଶ୍ରମିକଙ୍କ ନିକଟରୁ ଆବେଦନ ଓ ବାର୍ଷିକ ଦେୟ ବାବଦରେ ଆଦାୟ କରାଯାଉଥିବା ଅର୍ଥ ପାଇଁ ଗୋଟିଏ ଖାତା ଥିଲା। ୨୦୧୯-୨୦ରୁ ଏଥି ପାଇଁ ପୃଥକ ଖାତା ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ଦର୍ଶାଇଥିଲେ ଯେ ସରକାରଙ୍କ ସତ୍ୟପାଠରୁ ୨୦୨୨, ଡିସେମ୍ବର ଶେଷ ସୁଦ୍ଧା ୫୭୯ କୋଟି ୪୯ ଲକ୍ଷ ୪୧ ହଜାର ୫୭୫ ଟଙ୍କା ଉପଯୋଗ ନ ହୋଇ ପଡି ରହିଛି। ଏଥି ସହିତ ରାଜ୍ୟ ଶ୍ରମ ବିଭାଗର ୨୦୦୮, ଡିସେମ୍ବର ୧୫ ବିଜ୍ଞପ୍ତିରେ ମଧ୍ୟ ଏହି ପାଣ୍ଠିର ସ୍ପେଶାଲ ଅଡିଟ ପ୍ରସଂଗରେ ଉଲ୍ଲେଖ କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଆଇନ, ୧୯୯୬ ଓ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ରେଗୁଲେସନ୍ ଆଣ୍ଡ କଣ୍ଡିସନ୍ସ ଅଫ୍ ସର୍ଭିସ୍) ଆଇନ କଡ଼ାକଡ଼ି କାର୍ଯ୍ୟକାରୀ ପ୍ରସଂଗ ନେଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଏହି ଦୁଇ ଆଇନ କାର୍ଯ୍ୟକାରୀ ପ୍ରସଂଗରେ କଣ ପଦକ୍ଷେପ ରାଜ୍ୟ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଛି ସେ ନେଇ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ।

### 'ଚାର୍ଜସିଟ୍ ସାର୍ବଜନୀନ ...

ଅପଲୋଡ କରିବା ପାଇଁ କୁହାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଜଷ୍ଟିସ୍ ଏମ୍‌ଆର ଶାହା ଏବଂ ଜଷ୍ଟିସ୍ ସିଟି ରବିକୁମାରଙ୍କୁ ଖଣ୍ଡପୀଠ କହିଛନ୍ତି ଯେ, ପୋଲିସ ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ଚାର୍ଜସିଟ୍ ୱେବସାଇଟ୍‌ରେ ଅପଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ପାରିବ ନାହିଁ। ଏହା କହି ସୁପ୍ରିମ୍‌କୋର୍ଟ ଏହି ମାମଲାରେ ଦାଖଲ ଯାଚିକାକୁ ଖାରଜ କରି ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ରଖିଥିଲେ ଯେ, ଏଫ୍‌ଆଇଆର ଅପଲୋଡ୍ କରିବା ନେଇ ରାୟ ରହିଛି। ଶୀର୍ଷ ଅଦାଲତ ଭୂଷଣଙ୍କ ଯୁକ୍ତି ଶୁଣିବା ପରେ କହିଥିଲେ ଯେ, ଏଫ୍‌ଆଇଆର ମାମଲାରେ ଆଦେଶ ରହିଛି, କିନ୍ତୁ ଚାର୍ଜସିଟ୍ ମାମଲାରେ ଏପରି ନିର୍ଦ୍ଦେଶ ଜାରି କରାଯାଇପାରିବ ନାହିଁ। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ୟୁଥ୍ ବାର ଆସୋସିଏସନ ମାମଲାରେ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହା ଏଫ୍‌ଆଇଆର ଅପଲୋଡ୍ ପାଇଁ ଥିଲା, ଏହାକୁ ଚାର୍ଜସିଟ୍ ଯାଏ ବଢ଼ାଯାଇ ପାରିବ ନାହିଁ। କାରଣ ଅନେକ ସମୟରେ ଅଭିଯୁକ୍ତ ନିର୍ଦ୍ଦୋଷ ହୋଇଥାନ୍ତି ଏବଂ କୋର୍ଟରୁ ସେମାନେ ମୁକ୍ତ ହୋଇଥାନ୍ତି। ଏପରି ସ୍ଥିତିରେ ସେମାନଙ୍କୁ ପ୍ରତାଡିତ କରାଯାଇ ପାରିବନାହିଁ। ଚାର୍ଜସିଟ୍‌କୁ ସାର୍ବଜନୀନ କରିବା ପାଇଁ ଯେଉଁ ଯୁକ୍ତି ରହିଛି ତାହା ସିଆରପିସିର ବିପରୀତ। ଏହାଦ୍ୱାରା ଅଭିଯୁକ୍ତ ଅଧିକ ପ୍ରଭାବିତ ହୋଇପାରିବ। ଏହାସହ ପୀଡିତଙ୍କ ଅଧିକାରୀ ମଧ୍ୟ ପ୍ରଭାବିତ ହୋଇପାରିବେ। ସୁପ୍ରିମ୍‌କୋର୍ଟ ଜାନୁଆରୀ ୯ରେ ଏହି ମାମଲାରେ ଦାଖଲ ଯାଚିକା ଉପରେ ରାୟ ସଂରକ୍ଷିତ ରଖିଥିଲେ। ସାମ୍ବାଦିକ ସୌରଭ ଦାସ ଯାଚିକା ଦାଖଲ କରି ପୋଲିସ ଚାର୍ଜସିଟ୍‌କୁ ସାର୍ବଜନୀନ କରିବା ପାଇଁ ଦାବି କରିଥିଲେ।

### '୫-ଟି' ରୂପାନ୍ତରଣରେ ...

ଭିତ୍ତିରେ ରୂପାନ୍ତରଣ ଯୋଜନାରେ ସାମିଲ କରାଯିବ। ଯଦି ସମ୍ପୃକ୍ତ ଏଫ୍‌ଆରୟୁ କୋଠା ନିର୍ମାଣାଧୀନ ଥିବ ଏବଂ ତାହା ଚଳିତ ବର୍ଷ ରୂପାନ୍ତରଣ ପାଇଁ ଯୋଗ୍ୟ ନ ଥିବ ସେଠାରେ ବିକଳ୍ପ ଭାବେ ସବ୍ ଡିଭିଜନ୍ ହସ୍ପିଟାଲ ଅବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୂପାନ୍ତରଣ ପାଇଁ ଚୟନ କରାଯିବ। ସେହିପରି ନିର୍ବାଚନମଣ୍ଡଳୀରେ ଏଫ୍‌ଆରୟୁ ନ ଥିଲେ ଅଧିକ ରୋଗୀ ଆସୁଥିବା ଏସ୍ଡିଏଚ୍/ସିଏଚ୍‌ସିକୁ ରୂପାନ୍ତରଣ ପାଇଁ ନିଆଯିବ। ତେବେ ଯେଉଁଠି କୋଠା ନିର୍ମାଣ ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବ ସେଠାରେ ପ୍ରଥମ ପର୍ଯ୍ୟାୟରେ ଏହାକୁ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯିବ ନାହିଁ। ଯେଉଁ ଡାକ୍ତରଖାନାରେ ରୋଗୀ ସଂଖ୍ୟା ଅପେକ୍ଷାକୃତ କମ୍ ଥିବ ସେହି ଡାକ୍ତରଖାନାକୁ ଏଥିରୁ ବାଦ୍ ଦେବା ପାଇଁ ନିଷ୍ପତ୍ତି ହୋଇଛି। ରୂପାନ୍ତରଣ କାର୍ଯ୍ୟକ୍ରମରେ ବିଭିନ୍ନ ସେବାକୁ ଜରୁରୀ ଓ ଅଣଜରୁରୀ ବର୍ଗରେ ଭାଗ କରାଯାଇଛି। ଛୋଟ/ବଡ଼ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ, ରଙ୍ଗଦେବା, ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଶୌଚାଳୟ, ପାୱାର ବ୍ୟାକ୍‌ଅପ୍, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ରେଲିଂ ସହିତ ର୍ୟାମ୍ପ୍ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା, ହସ୍ପିଟାଲର ପ୍ରବେଶପଥ ଓ ପ୍ରମୁଖ ଛକରେ ସାଇନ୍ ବୋର୍ଡ ଲଗାଇବା ଆଦି କାର୍ଯ୍ୟକୁ ଜରୁରୀ ବର୍ଗରେ ରଖାଯାଇଛି। ସେହିପରି ରୂପାନ୍ତରଣରେ ସାମିଲ ସବୁ ଡାକ୍ତରଖାନାରେ 'ମୋ ସରକାର' ବ୍ରାଣ୍ଡିଂ ସହିତ ଅଡିଓ, ଭିଡିଓ ବ୍ୟବସ୍ଥା ରହିବ। ଯୋଜନାରେ ସାମିଲ ସବୁ ଡାକ୍ତରଖାନାର ପ୍ରବେଶ ପଥ ଏକଭଳି ଦେଖାଯିବ। ଏଥିସହ ଫ୍ୟାନ୍, ଚୌକି, ମଶା ମରା ଆଦି ବ୍ୟବସ୍ଥା ସହିତ ପେସେଣ୍ଟ ଏରିଆ, ଇନଡୋର୍ ଓ ଓପିଡି ନିକଟରେ ଥଣ୍ଡା ଓ ଗରମ ପାଣି ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାଡ଼ି ପରିଚାଳନା ବ୍ୟବସ୍ଥା/ରୋଗୀ ଡାକରା ବ୍ୟବସ୍ଥା/ ଅନ୍‌ଲାଇନ୍ ରୋଗୀ ପଞ୍ଜିକରଣ, ପର୍ଯ୍ୟାପ୍ତ ରେଜିଷ୍ଟ୍ରେସନ୍ କାଉଣ୍ଟର, ନିରାମୟ ପାଇଁ ପର୍ଯ୍ୟାପ୍ତ କାଉଣ୍ଟର, ବ୍ରାଣ୍ଡିଂ ବ୍ୟବସ୍ଥାଯୁକ୍ତ ହେଲ୍ପ ଡେସ୍କ, କ୍ୟାମ୍ପସ୍ ଭିତରେ ଛାଇ ଥିବା ବିଶ୍ରାମସ୍ଥଳ ଆଦିକୁ ଜରୁରୀ ବର୍ଗରେ ରଖାଯାଇଛି। ଜରୁରୀ ବର୍ଗରେ ଓପିଏସ୍ସି, ଓଏସ୍ଏସ୍ଏସ୍, ଓଏସ୍ଏସ୍ଏସ୍ସି ଜରିଆରେ ୯୦% ଡାକ୍ତର ଓ ପାରାମେଡିକ୍‌ଙ୍କୁ ନିଯୁକ୍ତି ଦିଆଯିବ। ପାରାମେଡିକ୍‌ଙ୍କୁ ନିୟମିତ ନିଯୁକ୍ତି ଦିଆଯାଇ ନପାରିଲେ ଚୁକ୍ତି ଭିତ୍ତିରେ ଖାଲି ପଦବୀ ପୂରଣ କରାଯିବ। ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ କେତେଦୂର ସନ୍ତୁଷ୍ଟ ହେଉଛନ୍ତି ତାହା ଜାଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସର୍ଭେ ଆରମ୍ଭ ହେବ। ସର୍ବନିମ୍ନ ୬୦% ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଏସ୍ଡିଏଚ୍, ସିଏଚ୍‌ସିକୁ କାୟାକଳ୍ପ ପ୍ରମାଣପତ୍ର ପାଇବା ନିମନ୍ତେ ପ୍ରସ୍ତୁତ କରାଯିବ। ଅପରପକ୍ଷେ ଅଣଜରୁରୀ ବର୍ଗରେ ପ୍ରାଚୀର ନିର୍ମାଣ, ବଗିଚା, ସୋଲାର୍ ଆଲୋକ, ପାର୍କିଂ ସେଡ୍, ଡାକ୍ତରଖାନାକୁ ରାସ୍ତା ସଂଯୋଗ, ବର୍ଷାଜଳ ଅମଳ, ରୋଗୀ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ସ୍ଥଳ, ଡାକ୍ତରଖାନା ପରିସରରେ ବଡ଼ ଏଲ୍‌ଇଡି ଡିସପ୍ଲେ ଆଦି କାର୍ଯ୍ୟକୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ ଯେ ୮୬୩ ଡାକ୍ତରଖାନାର ନୂଆ କୋଠା ନିର୍ମାଣ ପାଇଁ ଗତ ସପ୍ତାହରେ ରାଜ୍ୟ ସରକାର ୧୦୬୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ୯ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୬୦ଟି ସିଏଚ୍‌ସି, ୪୭ଟି ପିଏଚ୍‌ସି ଓ ଷ୍ଟାଫ୍ କ୍ୱାର୍ଟର୍ସ, ୬ଟି ସବ୍ ଡିଭିଜନ୍ ହସ୍ପିଟାଲ, ୪୦ଟି ସବ୍ ସେଣ୍ଟର କୋଠା ନିର୍ମାଣ କରାଯିବ। ସେହିପରି ୬୯୬ ପିଏଚ୍‌ସି ଓ ସବ୍ ସେଣ୍ଟରରେ ମୌଳିକ ଭିତ୍ତିଭୂମି ନିର୍ମାଣ କରାଯିବ।

### ବିଜେଡିର ଅଙ୍କ ...

ବିଆରଏସକୁ ଅଧିକ ସଫଳ କରାଇବାର ସମ୍ଭାବନା ରହିଛି। ରାଜନୀତିକ ବିଶ୍ଳେଷକଙ୍କ ମତରେ ନିଜର ଗୋଡ଼ଟଣା ନୀତି ପାଇଁ ଅସ୍ତିତ୍ୱ ହରାଉଥିବା କଂଗ୍ରେସ ଏବଂ ବିଜେଡି-ବିଜେପି ମଧ୍ୟରେ ସଲାସୁତୁରା ରାଜନୀତି ଯୋଗୁ ଲୋକେ ଏବେ ବିଜେଡିର ବିକଳ୍ପ ଭାବେ ଏହି ଦୁଇ ଦଳ ଆଡ଼କୁ ମୁହାଁଇବାର ସମ୍ଭାବନା ଅଧିକ। ତା'ଛଡ଼ା ଆପ୍ ଓ ବିଆରଏସ ସକ୍ରିୟ ଭୂମିକାରେ ଓଡ଼ିଶାରେ ଅବତୀର୍ଣ୍ଣ ହେବାକୁ ଯାଉଥିବାରୁ ରାଜନୀତିକ ବିକଳ୍ପ ଅନ୍ୱେଷଣରେ ଥିବା ବହୁ ନେତା ଏବେ ଉକ୍ତ ଦୁଇ ଦଳ ସହ ଯୋଗସୂତ୍ରରେ ରହିବା ସ୍ୱାଭାବିକ। ଅନ୍ୟପଟେ କଂଗ୍ରେସରୁ ଇସ୍ତଫା ଦେଇଥିବା ସତ୍ୟପ୍ରକାଶ ନାୟକଙ୍କ ସମେତ ବିଜେଡି ଓ ବିଜେପିରେ ଅଣଦେଖା ହୋଇରହିଥିବା ନେତାମାନେ ନିଜର ରାଜନୀତିକ ସ୍ଥିତି ରକ୍ଷା ପାଇଁ ଆପ୍ ଓ ବିଆରଏସକୁ ମୁହାଁଇବାର ସମ୍ଭାବନା ବେଶୀ। ଗତ ୫ବର୍ଷର ଓଡ଼ିଶା ରାଜନୀତିକ ପରିସ୍ଥିତିକୁ ଦେଖିଲେ ଶାସକ ବିଜେଡିର ବିକଳ୍ପ ହେବା ପାଇଁ ରାଜ୍ୟରେ ଉଭୟ କଂଗ୍ରେସ ଓ ବିଜେପିର ଇଚ୍ଛାଶକ୍ତିର ଅଭାବ ରହିଛି। ତେଣୁ ଓଡ଼ିଶାରେ ସୁଦୃଢ଼ ବିରୋଧୀ ଦଳର ବିକଳ୍ପର ଅଭାବ ରହିଥିବା ସ୍ପଷ୍ଟ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ସହ ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନରେ ଶାସକ ବିଜେଡି କ୍ରମାଗତ ଭାବେ ନିଜର ଭୋଟ ହାର ବୃଦ୍ଧି କରିବାରେ ସକ୍ଷମ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ମୋଟ ୨.୩୪କୋଟି ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ବିଜେଡିକୁ ୧.୦୫କୋଟି, ବିଜେପିକୁ ୭୬.୯୦ଲକ୍ଷ ଓ କଂଗ୍ରେସକୁ ୩୭.୭୯ଲକ୍ଷ ଭୋଟ ମିଳିଥିଲା। ଅନ୍ୟ ଦଳଗୁଡ଼ିକ ପ୍ରାୟତଃ ନିଶ୍ଚିହ୍ନ ହୋଇଯାଇଥିବାବେଳେ କେବଳ ବିଏସପି ୧.୯୩ଲକ୍ଷ ଭୋଟ୍ ହାତେଇବାରେ ସକ୍ଷମ ହୋଇଥିଲା। ଜେଏମଏମକୁ ୧.୦୭ଲକ୍ଷ, ସିପିଆଇ ଓ ସିପିଏମଏଲକୁ ମୋଟ ୩୯ହଜାର, ତୃଣମୂଳ କଂଗ୍ରେସକୁ ୧୬,୧୭୭ଟି ଭୋଟ୍ ମିଳିଥିବାବେଳେ ସମାଜବାଦୀ ପାର୍ଟି କୌଣସି ପ୍ରାର୍ଥୀ ବି ଦେଇନଥିଲା। ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି, ବିଜେପି ଓ କଂଗ୍ରେସକୁ ଛାଡ଼ିଦେଲେ ଅଧିକାଂଶ ରାଜନୀତିକ ଦଳ ନିଜର ପ୍ରାର୍ଥୀ ଦେବାକୁ ବି ଆଗ୍ରହ ଦେଖାଇନଥିଲେ। ଯେଉଁଥିପାଇଁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ୧.୧୦କୋଟି, ବିଜେପିକୁ ୬୩.୨୩ଲକ୍ଷ ଓ କଂଗ୍ରେସକୁ ୨୮.୫୩ଲକ୍ଷ ଭୋଟ ମିଳିଥିଲା। ଅନ୍ୟ ଦଳଗୁଡ଼ିକର ଅସ୍ତିତ୍ୱ ରହିନି। ତେଣୁ ବିଜେଡି ଭୋଟବ୍ୟାଙ୍କରେ ଛିଦ୍ର କରିବାରେ ଆପ୍ ଓ ବିଆରଏସ ପାର୍ଟିର ଆକ୍ରମଣାତ୍ମକ ଆଭିମୁଖ୍ୟ ବିଶେଷ ସହାୟକ ହେବ ତଥା ବିଜେଡି ହାତରୁ ୨୦ରୁ ୨୫ଟି ଆସନ ଛଡ଼ାଇବାରେ ଏହି ଦୁଇ ଦଳ ସକ୍ଷମ ହେବେ ବୋଲି ଚର୍ଚ୍ଚା।

### ମରଣଯନ୍ତା ପାଲଟିଛି ...

ରକ୍ଷଣବେକ୍ଷଣ କାମ ୨୦୨୧-୨୨ ୨୦୨୨-୨୩ରେ ନିୟମ ମୁତାବକ ରକ୍ଷଣବେକ୍ଷଣ କରାଯାଇନଥିବାରୁ ରାସ୍ତାଟି ଅତି ଶୋଚନୀୟ ହୋଇପଡିଛି। ରାୟଗଡାର ଆରଡିର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ କ୍ୟାମେରା ସାମନାରେ କିଛି କହିବାକୁ ମନା କରିଲେ କିନ୍ତୁ ଆମେ ଠିକାଦାରଙ୍କୁ ନିୟମ ମୁତାବକ ଅଫିସିଆଲ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ ଯାହା ନିଷ୍ପତ୍ତି ହେବ ସେହି ଅନୁସାରେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାନ୍ତି କହି ନିଜ ମୁଣ୍ଡରୁ ଦୋଷ ଛାଡିଦେଲେ। ଏ ବିଷୟରେ ଠିକାଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗଯୋଗ ହୋଇପାରିନଥିଲା। କିନ୍ତୁ ଠିକାଦାରଙ୍କୁ ଅଞ୍ଚଳବାସୀ ଏହି କାମ ସମାପ୍ତ କରିବା ପାଇଁ କହିଥିଲେ, ହେଲେ ଠିକାଦାର କହିଲେ ଯେ, ମୁଁ ଏହି କାମ ନେଇ ଲସ୍‌ରେ ଅଛି, କରିପାରିବି ନାହିଁ। କିନ୍ତୁ ଏହି ରାସ୍ତାରେ ଗତ ୨୦୧୨ ରୁ ୨୦୨୨ମଧ୍ୟରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏହାର ଭିଜିଲାନ୍ସ ତଦନ୍ତ ପାଇଁ ବୁଦ୍ଧିଜୀବୀ ବିଦ୍ୟାଧର ପ୍ରଧାନୀ, ଗେଡିଲା ଶଶିଭୂଷଣ ଶଶୀଭାଇ, ଏଙ୍କିଟି ହୁଇକା, ହରି ଉଲ୍ଲାକା, ଚନ୍ଦ୍ର ବାବୁ ନାଇଡୁ ଏବଂ ଶାନ୍ତୁ ବାବୁ ଦାବି କରିଛନ୍ତି। ଯଦି ଏହି ରାସ୍ତା କାମ ତୁରନ୍ତ ଆରମ୍ଭ ନ କରାଯାଏ ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାୟଗଡା କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ଐତିହ୍ୟ ଓ ପରମ୍ପରା ...

ଅବଦାନ ସର୍ବାଗ୍ରେ ଥିବା କହିଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ରାଜ୍ୟ ସରକାରର ହସ୍ତକଳା ବିକାଶ ପାଇଁ ଗ୍ରହଣ କରିଥିବା ଯୋଜନା ଓ ଲକ୍ଷ୍ୟ ବିଷୟରେ ସୂଚନା ଦେବା ସହିତ ଟସର ଓ ଗୋଲଡେନ୍ ଗ୍ରାସ ଉପରେ ସୂଚନା ଦେଇଥିଲେ। ହସ୍ତକଳା ଓ ବୟନ ଶିଳ୍ପମନ୍ତ୍ରୀ ରୀତା ସାହୁ ବିକାଶରେ ହସ୍ତକଳାର ଅବଦାନ ଯଥେଷ୍ଟ ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବଲିଉଡ୍ ଅଭିନେତ୍ରୀ ଦିଆ ମୀର୍ଜା ଓଡ଼ିଶାର ଐତିହ୍ୟ, ପରମ୍ପରା ଓ କୋଣାର୍କର କାରୁକାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କହିଥିଲେ। ସେହିପରି ୟୁନେସ୍କୋ ସଂସ୍କୃତି ବିଭାଗର ମୁଖ୍ୟ ଜୁହି ହାନ୍ ଓଡ଼ିଶାର ପର୍ଯ୍ୟଟନ, କଳା, ସଂସ୍କୃତିର ବିକାଶକୁ ନେଇ ବେଶ୍ ଉତ୍ସାହ ପ୍ରକାଶ କରିବା ସହିତ ନିରନ୍ତର ବିକାଶରେ ପର୍ଯ୍ୟଟନ ଉନ୍ନତି ଓ ହସ୍ତକଳାର ଅବଦାନକୁ ଗୁରୁତ୍ୱ ଦେଇଥିଲେ। ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ବେହୁରା ଧନ୍ୟବାଦ ପ୍ରଦାନ କରିଥିଲେ। ଅଭିନେତ୍ରୀ ସୁଲଗ୍ନା ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଘେରାଉ କରିଥିବା ନବନିର୍ମାଣ କୃଷକ ସଂଗଠନ ଜେଲରେ



**ଜଗତସିଂହପୁର :** ଚାଷୀମାନଙ୍କ ଦାବି ଓ ମଣ୍ଡିରେ ଧାନ କିଣାକୁ ନେଇ ସମଗ୍ର ରାଜ୍ୟରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିବା ସହିତ ଆନ୍ଦୋଳନ ଓ ଧାରଣା ମାନ କାର୍ଯ୍ୟକ୍ରମ ଖୁବ୍ ଶୃଙ୍ଖଳାରେ କରି ଆସୁଥିଲେ ବି ସରକାର ଏଥିରେ କୌଣସି ପ୍ରତିକାର କରୁନଥିବାକୁ ନେଇ ସବୁଆଡେ ଚାଷୀ ଆନ୍ଦୋଳନ ଲାଗି ରହିଛି। ଜିଲ୍ଲାର ଏପର୍ଯ୍ୟନ୍ତ କେତେକ ବ୍ଲକରେ ଧାନମଣ୍ଡି ନଖୋଲିବା, ପଞ୍ଜୀକରଣ କରିଥିବା ଚାଷୀଙ୍କ ଏସମେସ୍ ଭୁଲ୍ ଆସିବା ଓ କେତେକ କ୍ଷେତ୍ରରେ ଆଗ ପଞ୍ଜୀକରଣ କରିଥିବା ଚାଷୀଙ୍କ ତାଲିକା ପଛରେ ଆସିଥିବାକୁ ନେଇ ଜିଲ୍ଲାପାଳ ପାରୁଲ ପଟ୍ୱାରୀଙ୍କ ନିକଟରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲେ ବି ଜିଲ୍ଲାପ୍ରଶାସନ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏପରିକି ବିଭିନ୍ନ ମଣ୍ଡିରେ ଚାଷୀମାନଙ୍କ ଧାନକୁ ମନମୁତାବକ କାଟିବା, ଅଖା ଟଙ୍କା ନଦେବା ଓ ବୋନଶ ନଦେବାକୁ ନେଇ ଜିଲ୍ଲାପାଳଙ୍କ ଠାରୁ କୌଣସି ସଠିକ୍ ତଥ୍ୟ ପ୍ରଦାନ କରାଗଲା ନାହିଁ କି ଚାଷୀଙ୍କ ଗୁହାରି ନଶୁଣିବାକୁ କେହି ରାଜି ନହେବାରୁ ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସହ ସମ୍ପାଦକ ରଶ୍ମୀରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ କେତେକ ଚାଷୀ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାନଗଦା କରି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ଏହି ଖବର ଶୁଣିବା ପରେ ଜଗତସିଂହପୁର ଥାନା ପକ୍ଷରୁ ପହଂଚି ଧାରଣାରତ ଚାଷୀମାନଙ୍କୁ ବୁଝାଇଥିଲେ ବି ଚାଷୀମାନେ ସେମାନଙ୍କ ଦାବିରୁ ଓହରି ନଥିଲେ। ଦୀର୍ଘ ଘଣ୍ଟା ଧରି ଜନସାଧାରଣ ରାସ୍ତାରେ ଯିବାକୁ ଅସୁବିଧା ହେବାରୁ ପୋଲିସ ପକ୍ଷରୁ ନବନିର୍ମାଣ କୃଷକ ସଂଗଠନର ଆନ୍ଦୋଳନକାରୀମାନଙ୍କୁ ଗିରଫ କରି ଥାନାକୁ ନେଇ ଆସିବାରେ ସକ୍ଷମ ହୋଇଥିଲେ। ପୋଲିସ ଗିରଫ କରିଥିବା ୧୪ଜଣକ ମଧ୍ୟରୁ ୪ଜଣ ବରିଷ୍ଠ ନାଗରିକ ହୋଇଥିବାରୁ ତାଙ୍କୁ ଛାଡି ଦିଆଯାଇଥିଲା। କିନ୍ତୁ ଗିରଫ ହୋଇଥିବା ନବନିର୍ମାଣ କୃଷକ ସଂଗଠନର ଆବାହକ ଦେବୀପ୍ରସାଦ ମହାରଣା, ନିଗମାନନ୍ଦ ଦାସ, ସୁରେଶ ପଟ୍ଟନାୟକ, ସନ୍ତୋଷ ପ୍ରଧାନ ଓ ପ୍ରମୋଦ ଦାସ ପ୍ରମୁଖଙ୍କୁ ଧରି ଡାକ୍ତରୀ ମାଇନା କରିବା ସହିତ ଆଳିପିଙ୍ଗଳ ଜେଲକୁ ପଠାଇ ଦେଇଥିଲେ। ଚାଷୀମାନଙ୍କର ଦାବିପ୍ରତି ଜିଲ୍ଲାପ୍ରଶାସନ ପକ୍ଷରୁ ଯେଉଁ ପ୍ରକାର ଗିରଫ କରାଗଲା ସେ ନିମନ୍ତେ ଆଗାମୀ ଦିନରେ ଆନ୍ଦୋଳନ ଗୁରୁତର ହେବ ବୋଲି ଜଣାପଡିଛି।

# ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ଯୋଗ ପ୍ରତିଯୋଗିତା




**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ଆୟୋଜନ କ୍ରମେ ବୁଧବାର ଜିଲ୍ଲା ସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ବାଳକ ବାଳିକା ବିଭାଗରୁ ଆସିଥିବା ଥିବା ୧୪ ବର୍ଷ ଓ ୧୭ ବର୍ଷର ଛାତ୍ର ଛାତ୍ରୀ ଭାଗନେଇଥିଲେ। ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଷଷ୍ଠି ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗୀତାର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ସମ୍ମାନିତ ଅତିଥି ଭାବରେ ବୋର୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନିଶଙ୍କ ତିଲଯୋଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ନନ୍ଦ ହୋତା, ଟାଉନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋରେଖ ସାହୁ , ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ, ଆଇ.ପି.ଇ ମହେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିବାବେଳେ ସନ୍ତୋଷ କୁମାର ପାଣିଗ୍ରାହୀ ମଂଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ନମିତା ରଣା, ଅଶ୍ୱିନ ପ୍ରଧାନ, ରୁପସିଂ ରାଉତ, କୃପାସିନ୍ଧୁ ପଟେଲ, ସଂଜୟ ମିଶ୍ର, ମୁରଲି ଦିପ, ସୁନିତା ସିଂ, ଧରିତ୍ରୀ ବିଷୋୟୀ ଓ ତୁମେଶ୍ୱର ଶବର ସହୋଯୋଗ କରିଥିଲେ। ପ୍ରତିଯୋଗୀତରେ ଉତ୍ତିର୍ଣ୍ଣ ହୋଇଥିବା ୧୬ ଜଣ ଛାତ୍ରଛାତ୍ରୀ ଆଗାମୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଭାଗନେବେ ବୋଲି ଆଇ.ପି.ଇ ଶ୍ରୀ ପଣ୍ଡାଙ୍କ ଠାରୁ ସୁଚନା ମିଳିଛି।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଫିସରଙ୍କ ଗ୍ୟାଲେରୀରେ ମରୁଡି ପରିସ୍ଥିତି



**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିବା ଜନଅଭିଯୋଗ ଶୁଣାଣି ଶିବିର ମରୁଡିରେ ପରିଣତ ହେଲାପରି ଲାଗିଥିଲା। ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୩ମାସ ପୂର୍ବରୁ କେବେ କେଉଁ ସ୍ଥାନରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଥିବା ବେଳେ ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଶୁଣାଣି ଶିବିରରେ ବହୁ ଅଫିସରମାନଙ୍କ ଉପସ୍ଥିତିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର୍ ପ୍ରମୁଖ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ କେବଳ ଉପସ୍ଥିତ ରହି ଜନସାଧାରଣଙ୍କ ଶୁଣାଣି କରୁଥିଲେ। ଏପରି ଘଟଣା ଜଗତସିଂହପୁର ବାସୀଙ୍କ ପାଇଁ କିଛି ନୂଆ ନୁହେଁ ବରଂ ୧ବର୍ଷ ଧରି ଅଭିଯୋଗ ଶିବିର ସରକାରୀ ବାବୁମାନଙ୍କ ମନମାନିରେ ଚାଲୁଥିବା ପରି ଲାଗୁଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁଙ୍କ ସହିତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା ବସିଥିବାର ଦେଖିବାକୁ ମିଳିଥିଲା। ସବୁଠାରୁ ଦୁଃଖ ଦାୟକ ଘଟଣା ଦେଖିବାକୁ ମିଳିଥିଲା ଯେ ବିଭିନ୍ନ ଦୂରଦୂରାନ୍ତରୁ ଆସିଥିବା ଅଭିଯୋଗକାରିମାନେ ବସିବା ପାଇଁ ଖଣ୍ଡେ ଚେୟାର କିମ୍ବା ବେଞ୍ଚ ନଥିବା ବେଳେ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ପଡିଥିବା ସରକାରୀ ବାବୁମାନଙ୍କ ଚେୟାର ଖାଲି ପଡିଥିଲା। ଯେଉଁ କିଛି କାମଚଳା ଅଧିକାରୀ ମାନେ ଉପସ୍ଥିତ ଥିଲେ ସେମାନେ ଚା, ପାନ ଓ ମୋବାଇଲ ଫୋନରେ ଗପସପ ହୋଇ ବ୍ୟସ୍ତ ଥିବା ବେଳେ ଅଭିଯୋଗକାରୀଙ୍କ ଶୁଣାଣି ଶୁଣିବାକୁ ଯେପରି କାହାର ନଜର ନଥିବା ଭଳି ମନେ ହେଉଥିଲା। ଅନ୍ୟପକ୍ଷରେ ଏହି ଅଭିଯୋଗ ଶୁଣାଣି ଶିବିରରେ ୧୦୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୪୦ଟି, ଜମିଜମା ସମ୍ପର୍କିତ ୧୭ଟି, ଭତ୍ତା ନିମନ୍ତେ ୫ଟି, ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୭ଟି, ପୋଲିସର ସହାୟତା ନିମନ୍ତେ ୪ଟି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ୧୫ଟିର ଶୁଣାଣି କରାଯାଇଥିବା ବେଳେ ଏହି ଶିବିରକୁ ସୁଶ୍ରୀ ବିଜୟଲକ୍ଷ୍ମୀ ନାୟକ ପରିଚାଳନା କରୁଥିବାର ଦେଖିବାକୁ ମିଳିଥିଲା।

# ଅନନ୍ୟ ବିଦ୍ୟାଳୟ: ବକୁଳବନ



ଶ୍ରୀବସ୍ତ ନାୟକ

ଓଡ଼ିଶାର ଶିକ୍ଷା ଜଗତରେ ସଂସ୍କାର ଆଣିଥିଲା ପୁରୀ ଜିଲ୍ଲା ସତ୍ୟବାଦୀର ବକୁଳବନ। ୧୯୦୯ ମସିହାରେ ପଞ୍ଚସଖା (ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସ) ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାପାଇଁ ଗଢିଥିବା ବନ ବିଦ୍ୟାଳୟଟି ଆମ ଓଡ଼ିଆ ଜାତି ପାଇଁ ଏକ ଆଶୀର୍ବାଦ। ଗାନ୍ଧୀବାଦ ର ବାର୍ତ୍ତାବହ, ଆଦର୍ଶ ଶିକ୍ଷାବିତ୍, ସତ୍ୟବାଦୀର ସନ୍ଥ ଏବଂ ପ୍ରତିଟି ଓଡ଼ିଆର ହୃଦୟରେ ଜାତୀୟତାର ସ୍ପନ୍ଦନ ସୃଷ୍ଟି କରିଥିବା ଗୋପବନ୍ଧୁ ଏହାର ମୁଖ୍ୟ ପୁରୋଧା ଥିଲେ। ଏହା ଥିଲା ଓଡ଼ିଆ ଜାତିର ଅସ୍ମିତା ର ପ୍ରତୀକ ସଦୃଶ। ଏହାକୁ 'ମଣିଷ ଗଢ଼ା କାରଖାନା' ବୋଲି ମଧ୍ୟ ଅଭିହିତ କରାଯାଏ। ଖଣ୍ଡିତ ଓଡ଼ିଶାର ଜଡତା, ବିଷାଦ ଓ ନୈରାଶ୍ୟ ପୂର୍ଣ୍ଣ ସ୍ଥିତି ଭିତରେ ଗଢି ଉଠିଥିବା ବିଦ୍ୟାଳୟ ଟି ଓଡ଼ିଶା ର ଶିକ୍ଷା କ୍ଷେତ୍ରରେ ଆଣିଥିଲା ଏକ ବୈପ୍ଳବାତ୍ମକ ପରିବର୍ତ୍ତନ। ଯେଉଁ ଶିକ୍ଷା ମାଧ୍ୟମରେ ଏ ଦେଶରେ ସଚ୍ଚୋଟ ମଣିଷ ଗଢ଼ିହେବ, ସେ ଦିଗରେ ବନବିଦ୍ୟାଳୟ ସେ କାଳରେ ନୂତନ ମାର୍ଗ ଫିଟାଇ ଦେଇଥିଲା। ଏକ ଉତ୍ତମ ରାଷ୍ଟ୍ର, ଉନ୍ନତ ସମାଜ, ଗଠନ କରିବାରେ ଶିକ୍ଷାର ମହତ୍ତ୍ୱକୁ ଅନୁଭବ କରିଥିଲେ ସତ୍ୟବାଦୀର ନୀରବ ସାଧକ ପଣ୍ଡିତ ଗୋପବନ୍ଧୁ। ଜୀବନର ସକଳ ପ୍ରକାର ଉନ୍ନତି ନିମନ୍ତେ ପୂର୍ଣ୍ଣାଙ୍ଗ ଶିକ୍ଷା ଅନିବାର୍ଯ୍ୟ। ପାଶ୍ଚାତ୍ୟ ଶିକ୍ଷା ର ପ୍ରଚଳନ ଫଳରେ ଦେଶରେ ଶିକ୍ଷା ବ୍ୟାପକ ହୋଇଥିଲେ ମଧ୍ୟ ଶିକ୍ଷାର ଲକ୍ଷ୍ୟ ଥିଲା ସରକାରୀ ଚାକିରି ଓ ସଂକୀର୍ଣ୍ଣ ସ୍ୱାର୍ଥନ୍ଧତା। ଏହି ଭଳି ସତ୍ତା ନିହିତ ରହିବା ଫଳରେ ମଣିଷ ଜୀବନର ବିକାଶ ଥିଲା କଳ୍ପନାର ଅତୀତ। ବଳିଷ୍ଠ ସାମାଜିକ ଓ ଜାତୀୟ ଜୀବନ ଗଠନକୁ ଜୀବନର ବ୍ରତ କରି ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପଣ୍ଡିତ ଗୋପବନ୍ଧୁ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ନିଜର ଚାରିଜଣ ବନ୍ଧୁ ଙ୍କ ତ୍ୟାଗପୂତ ଭାବ ଦ୍ୱାରା ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର କରିବା ପାଇଁ ପୁଣ୍ୟତୋୟା ଭାର୍ଗବୀ ନଦୀ କୂଳରେ ମା ତାରିଣୀଙ୍କ ମନ୍ଦିରରେ ନଦୀ ବାଲି ଧରି ଶପଥ କରି ପୁରୀ ଜିଲ୍ଲା ସତ୍ୟବାଦୀ ନିକଟସ୍ଥ ଗୁପ୍ତ ବୃନ୍ଦାବନ ନାମକ ଉଦ୍ୟାନରେ ବକୁଳ ଛୁରିଆନା ବୃକ୍ଷ ତଳେ ବସି ଶିକ୍ଷା ଦାନ କରିବା ପାଇଁ ମନସ୍ଥ କରିଥିଲେ। ଏମାନଙ୍କର ସଂକଳ୍ପ ସ୍ୱରୂପ ସରକାରୀ ଚାକିରି କରିବା ନାହିଁ, ନିଜର ଭରଣ ପୋଷଣ ପାଇଁ ବିଳାଶରେ ମନ ଦେବା ନାହିଁ ହିଁ ମୁଖ୍ୟ ସ୍ଲୋଗାନ ଥିଲା। ଜନ୍ମ ହୋଇ ଦେଶକୁ ଯାହା ଦେଖି ଥାଇଁ, ମଲା ପରେ ତାଠାରୁ ଉନ୍ନତତର ଅବସ୍ଥାରେ ଛାଡ଼ିଯିବା ଓ ସେଥିପାଇଁ ବରାବର ପ୍ରଯତ୍ନରେ ସେମାନେ ସଦା ବ୍ରତୀ ଥିଲେ। ଗୋପବନ୍ଧୁଙ୍କ ପୌରହିତରେ ପଞ୍ଚସଖା ଗଣ ସତ୍ୟନିଷ୍ଠ,ମିତବ୍ୟୟୀ, ଦୁଃସ୍ଥ ଜନତାର ସେବକ ହେବା ପାଇଁ ପ୍ରତିଜ୍ଞା କରିଥିଲେ। ବିଦ୍ୟାଳୟରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କର ପଢ଼ିବାର ଅଧିକାର ଥିଲା। ପ୍ରାଚୀନ ଗୁରୁକୁଳ ରୀତିରେ ପାଠଦାନ ଓ ବୋଧ ଉପଲବ୍ଧ ପାଇଁ ଶିକ୍ଷା ଦିଆଯାଉଥିଲା। ଏତଦବ୍ୟତୀତ ଶିକ୍ଷକ ମାନେ ଛାତ୍ର ମାନଙ୍କର ମାନସିକ, ଶାରୀରିକ, ବୌଦ୍ଧିକ ତଥା ହାର୍ଦ୍ଦିକ ବିକାଶ ପାଇଁ ଦୃଷ୍ଟି ନିକ୍ଷେପ କରୁଥିଲେ। ପ୍ରତ୍ୟକ୍ଷ ପାଠଦାନରେ ପୂର୍ବପାଠର ଆଲୋଚନା ପକ୍କା ସହ ନୂତନ ପାଠର ଉପକ୍ରମ, ଉପସ୍ଥାପନା, ବୋଧଜ୍ଞାନ ପରୀକ୍ଷା ଓ



ସର୍ବଶେଷରେ ଲବ୍ଧଜ୍ଞାନର ପରୀକ୍ଷା କରଯାଉଥିଲା। ଅଧ୍ୟୟନ, ପାଠାଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଦକ୍ଷତା ହାସଲରେ କୌଣସି ଅସୁବିଧା ହେଲେ, ଛାତ୍ର ମାନେ ଶିକ୍ଷକମାନଙ୍କ ସହ ପରାମର୍ଶ କରୁଥିଲେ। ଛାତ୍ର-ଶିକ୍ଷକ ଏକାଠି ବସି ଇଚ୍ଛାନୁସାରେ କବିତା, ଗୀତ, ପ୍ରବନ୍ଧ, ବକ୍ତୃତା ଆଦି ଉପସ୍ଥାପନା କରିବା ପାଇଁ ଛାତ୍ର ମାନେ ସୁବିଧା ପାଉଥିଲେ। ଛାତ୍ରମାନଙ୍କ ଠାରେ ସଙ୍ଗୀତ, କ୍ରୀଡା,କସରତ, ନୀତିଶିକ୍ଷା, ଓ ଜନସେବା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମଧ୍ୟ ଧ୍ୟାନ ଦେଉଥିଲେ। ଅସହାୟ ଲୋକଙ୍କୁ ସେବା ସତ୍ୟବାଦୀ ଶିକ୍ଷାର ଏକ ପ୍ରମୁଖ ଅଂଶ ଥିଲା। ସେବା ଜଣଙ୍କର ସୀମିତ ଆତ୍ମକୁ ଅତିକ୍ରମ କରିବାରେ ସାହାଯ୍ୟ କରେ ଏବଂ ଜଣଙ୍କର ପହଞ୍ଚିବା ଏବଂ ଅଭିବ୍ୟକ୍ତିକୁ ବିସ୍ତାର କରେ। କଲେରା, ମହାମାରୀ, ମରୁଡ଼ି, ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଇତ୍ୟାଦି ସମୟରେ ଅଭାବୀ ଲୋକଙ୍କର ଚିକିତ୍ସା ପାଇଁ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସାଙ୍ଗରେ ନେଇଥିଲେ। ପୁରୀର ଜଗନ୍ନାଥ ଯାତ୍ରା ସମୟରେ ସତ୍ୟବାଦିର ସ୍ୱେଚ୍ଛାସେବୀମାନେ ରୋଗୀ ଏବଂ ସେବା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦାରିଦ୍ର୍ୟତାର ବଳୟ ଭିତରେ ଥିବା ଓଡ଼ିଶା ର ଜନସାଧାରଣ ମାନଙ୍କର ସେବା କରିବା ପାଇଁ ଶିକ୍ଷା ଦିଆଯାଉଥିଲା। ବିଶେଷ କରି ସ୍ୱାର୍ଥନ୍ଧତାକୁ ଦୂର କରି ମାନବ ସେବାରେ ନିଜକୁ ନିୟୋଜିତ କରିବା ସହ ଜୀବନକୁ ସରସ ସୁନ୍ଦର ଓ ଉଦାର କରିବା ସତ୍ୟବାଦୀ ଶିକ୍ଷାର ଥିଲା ବିଲକ୍ଷଣତା। ବନବିଦ୍ୟାଳୟର ଭିତ୍ତିଥିଲା ଭାରତୀୟ କିନ୍ତୁ ଶିକ୍ଷା ପାଶ୍ଚାତ୍ୟ ଭାବ ଧାରାରେ ପ୍ରଭାବିତ ହେଉଥିଲା। କେବଳ ସେତିକି ନୁହେଁ ଅଧ୍ୟୟନ ପରିଭ୍ରମଣ ଅଭିଜ୍ଞତା ମାଧ୍ୟମରେ ସର୍ବୋତ୍ତମ ପ୍ରାପ୍ତ ହୁଏ ବୋଲି ଅନୁଭବ କରି ସେଠାର ଶିକ୍ଷକ ମାନେ ଛାତ୍ର ମାନଙ୍କୁ ବହୁ ଅଧ୍ୟୟନ ଭ୍ରମଣରେ ଓଡ଼ିଶାର ଐତିହାସିକ ସମ୍ପୂର୍ଣ୍ଣ ସ୍ଥାନ ଗୁଡ଼ିକ ଯଥା ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଧଉଳି, ଖଣ୍ଡଗିରି, ଉଦୟଗିରି, ଇତ୍ୟାଦି ସ୍ଥାନକୁ ନେଉଥିଲେ। କଳିଙ୍ଗର ସ୍ଥାପତ୍ୟ ଛାତ୍ର ମାନଙ୍କୁ ଓଡ଼ିଶାର ପ୍ରାଚୀନ ଚମତ୍କାରିତା ପାଇଁ ଗର୍ବରେ ପରିପୂର୍ଣ୍ଣ କରୁଥିଲା। ଅଶୋକଙ୍କ ଶିଳାନୁଶାସନ, ଖାରବେଳଙ୍କ ରାଜତ୍ୱର ଭାବପ୍ରବଣତା, ବ୍ରିଟିଶ ମାନଙ୍କରଙ୍କ କଠୋର ଅନୁଶାସନ ଗୁଡ଼ିକୁ ହୃଦୟଙ୍ଗମ କରୁଥିଲେ। ସ୍ଥାନ ଗୁଡିକ ଭ୍ରମଣ କରିସାରିବା ପରେ ସ୍ଥାନ ଗୁଡ଼ିକର ବିଶେଷତ୍ୱ ତଥା ଓଡ଼ିଶାର ଇତିହାସକୁ ନିଜ ନିଜ ଭିତରେ ଦଳବଦ୍ଧ ଭାବେ ଆଲୋଚନା ଓ ପାର୍ଯ୍ୟାଲୋଚନା କରୁଥିଲେ। କୃଷିଭିତ୍ତିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ବକୁଳବନ କୌଣସି ଗୁଣରେ କମ୍ ନଥିଲା। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ କୃଷି ଭିତ୍ତିକ ପାଠ୍ୟ କ୍ରମଶଃ ଲୋପ ପାଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ କିନ୍ତୁ ସେ ସମୟରେ ସତ୍ୟବାଦୀ ବନ ବିଦ୍ୟାଳୟ ରେ ଏହା ହୋଇନଥିଲା। କୃଷି ଏବଂ କୃଷି ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। କହିବାର ଦକ୍ଷତା ବୃଦ୍ଧି କରିବା ପାଇଁ ସେ ସମୟରେ ପ୍ରତ୍ୟେକ ଶନିବାର ଅପରାହ୍ନରେ ଏକ ସଭା ଆୟୋଜନ କରାଯାଉଥିଲା। ଶିକ୍ଷକ ମାନେ ପ୍ରତ୍ୟେକ ଛାତ୍ରଙ୍କୁ ନିଜ ପସନ୍ଦର ବିଷୟ ଉପରେ ଭାଷଣ ଦେବାକୁ ଉତ୍ସାହିତ କରୁଥିଲେ। ଅନେକ ବିତର୍କ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଉଥିଲା। ନେତା ହେବା ପାଇଁ ହେଲେ ଉଚ୍ଚ ସ୍ୱରରେ ଜଣ ସୁ-ବକ୍ତା ହେବା ଦରକାର। ତେଣୁ ଛାତ୍ରମାନଙ୍କୁ ସର୍ବସାଧାରଣ ସମ୍ମୁଖରେ କହିବା ର କଳା କୌଶଳ, ଚାତୁରୀ ଅଭିନବ ଉପାୟରେ ଶିକ୍ଷା ଦେଉଥିଲେ ସେ ସମୟର ଶିକ୍ଷକମାନେ। ପ୍ରଧାନଶିକ୍ଷକ ନୀଳକଣ୍ଠ ଦାସ ଶନିବାର ସଭାରେ ମଧ୍ୟ କବିତା ଓ ପ୍ରବନ୍ଧ ପ୍ରତିଯୋଗିତା କାର୍ଯ୍ୟକ୍ରମ କୁ ଯୋଡ଼ିଥିଲେ। ବିଦ୍ୟାଳୟ ପାଠ୍ୟକ୍ରମରେ ଇତିହାସର ସୀମିତ ପରିସର ଏବଂ ବ୍ରିଟିଶ ଶାସନର ସର୍ବୋଚ୍ଚ ଆଦର୍ଶବାଦୀ ମୂଳଦୁଆ ପକାଇବା ଓ ଭାରତର ଗୌରବମୟ ଅତୀତକୁ ବୁଝିବା ପାଇଁ ଇତିହାସ ଶିକ୍ଷା କୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ମହାପୁରୁଷ ମାନଙ୍କର ଶିକ୍ଷା ପ୍ରତି ଅବଦାନ ସଦୃଶ ଏହି ମଣିଷ ତିଆରି କାରଖାନା ଟି ଓଡ଼ିଆ ଜାତି ତଥା ଭାରତ ବର୍ଷ ର ପ୍ରଥମ ମୁକ୍ତ ବିଦ୍ୟାଳୟ। ଏହାର ପ୍ରତିଷ୍ଠା ଓ ପ୍ରଭାବ ଶିକ୍ଷା କ୍ଷେତ୍ରରେ ଭାରତରେ ଖୁବ ଆଲୋଡନ ସୃଷ୍ଟି କରିଥିଲା। ଓଡ଼ିଆ ଜାତି ପାଇଁ ଏହା ଏକ ଗର୍ବ ଓ ଗୌରବ। ଏକ ଅନନ୍ୟ ବିଦ୍ୟାଳୟ; ବନବିଦ୍ୟାଳୟ। ଦୀର୍ଘ ଏକ ଶତାବ୍ଦୀ ବର୍ଷ ତଳୁ ଓଡ଼ିଶାରେ ଏମିତି ଏକ ବିଦ୍ୟାଳୟ ଥିଲା ଯେଉଁଥିରେ ଓଡ଼ିଶାର ଉଚ୍ଚଶିକ୍ଷିତ, ବାଗ୍ମୀ, ସୁ-ଲେଖକ,ପ୍ରାବନ୍ଧିକ, ଗବେଷକ, ତଥା ସାହିତ୍ୟ ସମ୍ପନ୍ନ ବ୍ୟକ୍ତି ଶିକ୍ଷକତା କରିଥିଲେ। ବନ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାବ୍ୟ, କବିତା, ପ୍ରବନ୍ଧ, ତଥା ପ୍ରାଣପାଚୁର୍ଯ୍ୟ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ସାହିତ୍ୟ ସମାଲୋଚନା ସହ ପାଣ୍ଡିତ୍ୟ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କୋମଳ କବିଶକ୍ତି,



ବନ ବିଦ୍ୟାଳୟର ଆଦର୍ଶବାଦ ଶିକ୍ଷା ସୁଦୂର ପ୍ରସାରି ହେଲା। ଓଡ଼ିଶାର ଜାତୀୟ ଜୀବନରେ ଏହା କ୍ରମେ ପ୍ରଭାବ ବିସ୍ତାର କରିବାକୁ ଲାଗିଲା। ବିହାର ଓଡ଼ିଶାର ତତ୍କାଳୀନ ଲାଟ ସାର୍ ଏଡ୍ୱାର୍ଡ, କଲିକତା ବିଶ୍ୱବିଦ୍ୟାଳୟର କୁଳପତି, ଓଡ଼ିଶା ଶିକ୍ଷା ବିଭାଗର ନିର୍ଦ୍ଦେଶକ, ବଙ୍ଗଳା ନବ୍ୟ ଭାରତର ସମ୍ପାଦକ, ଅନେକ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ବିଶେଷକରି ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ (୧୯୨୧) ବିଦ୍ୟାଳୟର ସମୟାନୁବର୍ତ୍ତିତା, ପ୍ରେମ ଓ ଭାତୃତ୍ୱଭାବ ଦ୍ୱାରା ପ୍ରଭାବିତ



ଅଧ୍ୟାପନାର ମୌଳିକ ଚାତୁରୀ, ଶିଷ୍ୟପ୍ରାଣତା, ଆଧୁନିକ ବ୍ୟାପକ ଦୃଷ୍ଟି ପରିସର, ଅର୍ଥନୀତି, ସ୍ୱାସ୍ଥ୍ୟରକ୍ଷା,ନାଟକ, କୃପାସିନ୍ଧୁ ମିଶ୍ରଙ୍କ ଐତିହାସିକ, ଦାର୍ଶନିକ ପ୍ରବନ୍ଧ, ଅଖଣ୍ଡ ସହଯୋଗ, ତଥା ଆଚାର୍ଯ୍ୟ ହରିହରଙ୍କ ସାହିତ୍ୟ ସଙ୍କଳନ, ଋଷି ପ୍ରାଣତା, ନିର୍ମଳ କର୍ତ୍ତବ୍ୟନିଷ୍ଠା, ପଣ୍ଡିତ ବାସୁଦେବଙ୍କ ଆଧ୍ୟାତ୍ମିକ ଭାବପ୍ରବଣତା ଓ ନୀରବ କର୍ମନିଷ୍ଠା ଗୁଡ଼ିକ ବିଦ୍ୟାଳୟକୁ ଅନନ୍ୟ ପରିଚୟ ଦେଇଥିଲା।

ହୋଇଥିଲେ। ବାସ୍ତବିକ ଏହା ଥିଲା ଓଡ଼ିଶାରର ନାଳନ୍ଦା। ସମୟ ସ୍ରୋତରେ ସବୁ କିଛି ପରିବର୍ତ୍ତନ ହୋଇଯାଇଛି। ଠିକ ସେହିପରି କାଳର କରାଳ ଗତିରେ ଓଡ଼ିଶାରେ ସତ୍ୟବାଦୀ ବନବିଦ୍ୟାଳୟ ର ବିଲୟ ହୋଇଯାଇଛି। ବିଦ୍ୟାଳୟଟି ଦିନେ ଏହିପରି ଏକ ଉଜ୍ଜଳ ଜାତୀୟ ଇତିହାସ ସୃଷ୍ଟି କରୁ କରୁ ନିଜେ ହିଁ ଜାତୀୟ ଐତିହର ପାରମ୍ପରିକ ଧାରାରେ ଇତିହାସ ପାଲଟି ଯାଇଛି। ପ୍ରାଣ ପ୍ରତିଷ୍ଠାତାଙ୍କ ସହ ସମସ୍ତ ଶିକ୍ଷକଙ୍କ ଜାତୀୟ ସଂଗ୍ରାମରେ ଝାସ ଯୋଗୁଁ ବନବିଦ୍ୟାଳୟ କାଳ ଗର୍ଭରେ ଲୀନ ହୋଇଗଲାଣି। ସରକାରଙ୍କର ଉଦାସୀନତା, ଓଡ଼ିଶା ବାସୀଙ୍କ ହୀନ ମାନସିକତା, ଚାକିରି ସର୍ବସ୍ୱ ପାଠ ପଢା, ପାଶ୍ଚାତ୍ୟ ଭାବଧାରା ଯୋଗୁଁ ଦକ୍ଷତା ବିକାଶର ଏନ୍ତୁଡ଼ିଶାଳ ଆଜି ବିଲୁପ୍ତ ପ୍ରାୟ। ବନ ବିଦ୍ୟାଳୟଟି ତାର ଅଳ୍ପାୟୁ ଭିତରେ ବି କେବଳ ଶିକ୍ଷାର ମୌଳିକ ପ୍ରୟୋଗ କ୍ଷେତ୍ରରେ ଅସାଧାରଣ ନଥିଲା, ଓଡ଼ିଆ ଭାଷା ସାହିତ୍ୟକୁ ମଧ୍ୟ ଯେଉଁ ଅମୂଲ୍ୟ ଅବଦାନ ଦେଇ ଯାଇଛି ତାର ଦୃଷ୍ଟାନ୍ତ ନାହିଁ। ଦେଶ ପ୍ରେମ ଯାଗ୍ରତକାରୀ ଅନୁଷ୍ଠାନ ଭାବେ ଏହାର ସ୍ୱୟଂ ସମ୍ପୂର୍ଣ୍ଣ କୀର୍ତ୍ତି ଏବେ ବି ଅକ୍ଷୁର୍ଣ୍ଣ। ଓଡ଼ିଶା ବାସୀଙ୍କ ମନରେ ଏହା ଭାବବିଶେଷ ରୂପରେ ପ୍ରାଣବନ୍ତ ହୋଇରହିଛି। ଅନନ୍ୟ ସେ ବିଦ୍ୟାଳୟ। ଧନ୍ୟ ତାର ଆଦର୍ଶ।

*ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ*






# ରାଜ୍ୟରେ ତୁରନ୍ତ ଓବିସି ସର୍ଭେ ହେଉ : ବିଜେପି

**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ପ୍ରସଙ୍ଗକୁ ଜୋରଦାର କରିବ ବୋଲି ଆଭାସ ଦେଇଛି। ରାଜ୍ୟରେ ତୁରନ୍ତ ଓବିସି ସର୍ଭେ କରିବା ନିମନ୍ତେ ବିଜେପି ଦାବି କରିବା ସହ ରାଜ୍ୟର ୫୪% ଓବିସି ବର୍ଗଙ୍କ ସାମ୍ବିଧାନିକ ହକ୍ ପାଇଁ ଦଳ ରାଜରାସ୍ତାକୁ ଓହ୍ଲାଇ ନିର୍ଣ୍ଣାୟକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ କହିଛନ୍ତି ଯେ, ରାଜ୍ୟର ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ହେଉଛନ୍ତି ଓବିସି ଓ ଏସଇବିସି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଓବିସି ଓ ଏସିବିସି ବର୍ଗର ସାମାଜିକ, ଆର୍ଥିକ, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଉତଥାନ ଚାହାନ୍ତି ନାହିଁ। ବିଜେଡି ସର୍ବଦା ଓବିସି ଓ ଏସଇବିସି ବର୍ଗଙ୍କୁ ଅଣଦେଖା କରିବା ସହ ସବୁଥିରୁ ବଂଚିତ କରୁଛନ୍ତି। 'ଆମ ପାଖରେ ଓବିସି ଓ ଏସଇବିସିଙ୍କର କୌଣସି ତଥ୍ୟ ନାହିଁଦ' ବୋଲି କହି ରାଜ୍ୟ ସରକାର ହାଇକୋର୍ଟଙ୍କୁ ସତ୍ୟପାଠ ଦାଖଲ କରି ବିନା ଓବିସି ସଂରକ୍ଷଣରେ ନିର୍ବାଚନ




କରାଇଲେ। ପଞ୍ଚାୟତ ଓ ମ୍ୟୁନିସପାଲଟି ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ଓ ଏସଇବିସି ବର୍ଗଙ୍କ ସର୍ଭେ ଯଥାଶୀଘ୍ର କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ଏ ସଂପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ଓଲଟା 'ସର୍ଭେ ଦାୟିତ୍ୱ ଆମର ନୁହେଁ, ଏହା କେନ୍ଦ୍ର ସରକାରଙ୍କ' ବୋଲି କହି ନିଜ କାନ୍ଧରୁ ଦାୟିତ୍ୱକୁ ଖସାଇ ଚାଲିଥିଲେ। ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ୟୁପି ସରକାର ଓବିସି ଜନଗଣନା କରି ତାଲିକା ପ୍ରସ୍ତୁତ କରୁଛନ୍ତି। ଏ ସଂପର୍କରେ ସୁପ୍ରିମକୋର୍ଟ ମଧ୍ୟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ବିନା ଓବିସି ସଂରକ୍ଷଣରେ ସ୍ଥାନୀୟ ନିର୍ବାଚନ ହୋଇପାରିବ ନାହିଁ ବୋଲି ବାରମ୍ବାର ରାୟ ଶୁଣାଇଥିଲେ। ବିଜେପି ପକ୍ଷରୁ ଓବିସି ଓ ଏସଇବିସିଙ୍କ ସର୍ଭେ କରାଯାଇ ଆନୁପାତିକ ପ୍ରତିଶତ ନିର୍ଦ୍ଧାରଣ କରି ସଂରକ୍ଷଣ ସୁନିଶ୍ଚିତ କରାଇବାକୁ ରାଜ୍ୟ ଓବିସି କମିଶନ ଏବଂ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି। ରାଜ୍ୟ ଓବିସି କମିଶନ ସ୍ଥାଣୁ ପାଲଟିଛନ୍ତି। ଏପରିକି ତାଙ୍କ ପାଖରେ କୌଣସି କ୍ଷମତା ନଥିବାର ସେ ନିଜେ ସ୍ୱୀକାର ମଧ୍ୟ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭାଗୀୟ ସଚିବ ଓ ମୁଖ୍ୟ ସଚିବଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଅନ୍ୟପଟେ ରାଜ୍ୟ ସରକାର ଏ ସମସ୍ତ ଦାବିକୁ ଅଣଦେଖା କରି ଓବିସି ଓ ଏସଇବିସି ବର୍ଗକୁ ପ୍ରତାରଣା କରିଛନ୍ତି ବୋଲି ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଗୋଟିଏ କେନ୍ଦ୍ର ସରକାରଙ୍କ ଓବିସି ତାଲିକା ଏବଂ ଅନ୍ୟଟି ରାଜ୍ୟ ସରକାରଙ୍କର ଏସଇବିସି ତାଲିକା। କେନ୍ଦ୍ର ସରକାରଙ୍କ ତାଲିକାରେ ୨୦୦ ଓ ରାଜ୍ୟ ସରକାରଙ୍କ ତାଲିକାରେ ୨୦୯ ଜାତିବର୍ଗର ନାମ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବାବେଳେ ଓଡ଼ିଶା ସରକାର କାହିଁକି ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ଯଦି ରାଜ୍ୟ ସରକାର ଓବିସି ସର୍ଭେ କାର୍ଯ୍ୟ ଜାଣି ଜାଣି ବିଳମ୍ବ କରାଇବେ ତାହାଲେ ଆଗାମୀ ଦିନରେ ବିଜେପି ରାଜ୍ୟର ୫୪ ପ୍ରତିଶତ ଓବିସି ବର୍ଗଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇ ନିର୍ଣ୍ଣାୟକ ଆନ୍ଦୋଳନ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି।

# ଜିଲ୍ଲା ମହୋତ୍ସବ କଲ୍ଲୋଳ ଧୁମ୍‌ଧାମରେ ପାଳିତ



**ଜଗତସିଂହପୁର :** ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜିଲ୍ଲା ମହୋତ୍ସବ କଲୋଳ ୨୦୨୩ ଖୁବ୍ ଧୁମ୍ ଧାମରେ ପାଳିତ ହୋଇଯାଇଛି। ଜିଲ୍ଲାର ଏହି କଲୋଳ କାର୍ଯକ୍ରମ ଟିକୁ ଖୁବ ଆକର୍ଷଣୀୟ ଭାବେ ପାଳନ କରାଯାଇଥାଏ। ଜିଲ୍ଲାପାଳ ପାରୁଲ ପଟାୱାରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂହ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଜଗତସିଂହପୁର ସାଂସଦ ଡ଼ା ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, , ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ , ପୌରାଧ୍ୟକ୍ଷା ଅର୍ଚ୍ଚନା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, କାହ୍ନୁ ଚରଣ ଧୀର, ଉପ ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ ପ୍ରମୁଖ ଯୋଗଦେଇ ଜିଲ୍ଲାର ଗୌରବ, ଐତିହ, ପରମ୍ପରା,ସାହିତ୍ୟ ଓ ସଂସ୍କୃତିକୁ ନେଇ ବିଶଦ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଜସଜ୍ଜା, କୃଷି ଯନ୍ତ୍ର ପାତି ଓ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ଖୁବ୍ ଆକର୍ଷଣୀୟ ହୋଇଥିଲା। ଜିଲ୍ଲାର ଏହି କାର୍ଯକ୍ରମ ଦିନକୁ ଦିନ ବୃଦ୍ଧି ହୋଇଚାଲୁଥିବା ବେଳେ ଜନସାଧାରଣ ଙ୍କ ପାଇଁ ଏହା ବହୁତ୍ ଆକର୍ଷଣୀୟ ହୋଇପଡ଼ିଲାଣି। ଏହି କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ତାଙ୍କୁ ସହଯୋଗ କରୁଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର, ପୌର ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ।



## ନାମ ବିହୀନ ଚିଙ୍ଗୁଡ଼ି ପ୍ରୋସେସିଂ କାରଖାନାରୁ ନିର୍ଗତ କେମିକାଲ ପାଣି ଯୋଗୁଁ ଏକର ଏକର ଚାଷ ଜମି ନଷ୍ଟ

# କମ୍ପାନୀ ବନ୍ଧ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି



**ଅସ୍ତରଙ୍ଗ :** ଚିଙ୍ଗୁଡ଼ି ପ୍ରୋସେସିଂ କାରଖାନାରୁ ନିର୍ଗତ କେମିକାଲ ଓ ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁଁ ଏକର ଏକର ଚାଷ ଜମି ନଷ୍ଟ. ପୁରୀ

### ସ୍ଥାନୀୟ ପ୍ରଶାସନ ନିଦାବିଷ୍ଟ କେବେ ପଡିବ ଜିଲ୍ଲାପାଳଙ୍କ ନଜର

ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦୁଧିଆ ଅଞ୍ଚଳ ରେ ୫୦ଏକରରୁ ଅଧିକ ଅଞ୍ଚଳରେ ବେନାମୀ ଚିଙ୍ଗୁଡ଼ି ଘେରି ନିକଟରେ ଥିବା ୫୦ଏକର ଏକର ଊର୍ଦ୍ଧ୍ୱ ଚାଷ ଜମିକୁ ସମ୍ପୂର୍ଣ ନଷ୍ଟ କରିସାରିଲାଣି। ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ଦୁଧିଆ ଗ୍ରାମରେ ଏକ ନାମ ବିହୀନ କମ୍ପାନୀ ୫୦ଏକରରୁ ଊର୍ଦ୍ଧ୍ୱ ଯାଗାରେ ବେନାମୀ ଚିଙ୍ଗୁଡ଼ି ଘେରି କରିବା ଦ୍ୱାରା କେମିକାଲ ଓ ବର୍ଜ୍ୟବସ୍ତୁ ନିର୍ଗତ ଯୋଗୁଁ କମ୍ପାନୀ ନିକଟରେ ଥିବା ୫୦ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ନଷ୍ଟ। ଏହି ନାମ ବିହୀନ କମ୍ପାନୀ ଏକର ଏକର ଯାଗାରେ ବେନାମୀ ଚିଙ୍ଗୁଡ଼ି ଚାଷ କରିବା ସହ ଚିଙ୍ଗୁଡ଼ିକୁ ପ୍ରୋସେସିଂ କରି ବିଦେଶୀକୁ ରପ୍ତାନି କରେ। ଏଥିରୁ ନିର୍ଗତ ବର୍ଜ୍ୟବସ୍ତୁ ଓ କେମିକାଲ ମିଶା ପାଣି ପାଖରେ ଥିବା ଚାଷ ଜମିକୁ ନଷ୍ଟ କରିବା ସହ ଗାଁ ପରିବେଶକୁ ସମ୍ପୂର୍ଣ ନଷ୍ଟ କରି ସାରିଲାଣି। ଯାହା ଦ୍ୱାରା ହେକ୍ଟର ହେକ୍ଟର ଚାଷ ଜମି ସହ ଦୁଧିଆ ଗ୍ରାମ ପରିବେଶ ନଷ୍ଟହେବା ସହ ଧାନ ଫସଲ ନଷ୍ଟ ହୋଇଗଲାଣି। ଏଭଳି ଚିଙ୍ଗୁଡ଼ି କାରଖାନା କରିବାକୁ ଉକ୍ତ କମ୍ପାନୀଙ୍କୁ କେଉଁ ଅଧିକାରୀ ପ୍ରସ୍ତାବ ଦେଇଛନ୍ତି ତାହା ସହ ଅନେକ ସ୍ଥାନରେ ବେଆଇନି ଚିଙ୍ଗୁଡ଼ି ଘେରି ବିଭିନ୍ନ ସ୍ଥାନରେ ବନ୍ଧ ହେଉଥିବା ବେଳେ କିପରି ଏକର ଏକର ସ୍ଥାନରେ ଦୁଧିଆ ଗ୍ରାମରେ ନିର୍ମାଣ ହୋଇଛି ସ୍ଥାନୀୟ ଅଧିକାରୀ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ତାହା ପ୍ରଶ୍ନବାଚୀ। ଏକର ଏକର ଚାଷ ଜମି ନଷ୍ଟ ହେଉଥିବାରୁ ଦୁଧିଆ ଅଞ୍ଚଳ ଶତାଧିକ ଚାଷୀ କମ୍ପାନୀ ଫାଟକ ସାମ୍ନାରେ କିଛି ଦିନ ତଳେ ଧାରଣା ଦେବା ସହ ହୋ ହାଲ୍ଲା କରିଥିଲେ। ତୁରନ୍ତ ନାମ ବିହୀନ ଚିଙ୍ଗୁଡ଼ି କମ୍ପାନୀ ବନ୍ଧ କରିବାକୁ ସାଧାରଣରେ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱାରା ବିଏସକେୱାଇ ସମୀକ୍ଷା

# ସଚେତନତା ବୃଦ୍ଧି ଏବଂ ଅଭିଯୋଗ ସମାଧାନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର :** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ.କେ.ୱାଇ.) ଟିମର କାର୍ଯ୍ୟ ସମୀକ୍ଷା କରି କ୍ଷେତ୍ର ସ୍ତରରେ ସଚେତନତା ବୃଦ୍ଧି ଏବଂ ଲୋକମାନଙ୍କଠାରୁ ମିଳୁଥିବା ଅଭିଯୋଗ ଗୁଡ଼ିକର ସମୟାନୁବନ୍ଧିତ ସମାଧାନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ସେବା ପ୍ରତିଶୃତି ସୋସାଇଟି ସଭାଗୃହଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ାକ୍ତର ବୃନ୍ଦା ଡ଼ି. ଯୋଜନା କାର୍ଯ୍ୟାନ୍ୱୟନର ପ୍ରଶାସନିକ ଓ ବୈଷୟିକ ଦିଗ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। କାର୍ଯ୍ୟାନ୍ୱୟନର ବିଭିନ୍ନ ଦିଗ ସମୀକ୍ଷାକରି ବି.ଏସ.କେ.ୱାଇ. ବିଷୟରେ ସଘନ କ୍ଷେତ୍ରସ୍ତରୀୟ ଜନ-କୈନ୍ଦ୍ରିକ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ନିମନ୍ତେ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଥିଲେ। ୧୦୪ (କଲ୍ ସେଣ୍ଟର) ୧୫୫୩୬୯ (ସ୍ମାର୍ଟ କାର୍ଡ ବ୍ୟବହାର ସମ୍ବନ୍ଧିତ ସମସ୍ୟା), ମୋ ସରକାର ବ୍ୟବସ୍ଥା, ଟ୍ୱିଟର ଓ ଫେସବୁକ୍ ଆଦି ସୋସିଆଲ୍ ମେଡ଼ିଆ ମାଧ୍ୟମରେ ସଂଗ୍ରହ କରାଯାଉଥିବା ଲୋକମାନଙ୍କର ଅଭିଯୋଗ ଏବଂ ମତାମତ ଆଦି ବିଷୟରେ ଶତ ପ୍ରତିଶତ ସମୟାନୁବନ୍ଧିତ ସମାଧାନ କରିବାପାଇଁ ଶ୍ରୀମତୀ ପଣ୍ଡିତ ବି.ଏସ.କେ.ୱାଇ ଟିମକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ଯେ ବିଭିନ୍ନ ସୁତ୍ରରୁ ବର୍ତ୍ତମାନ ସୁଦ୍ଧା ମିଳିଥିବା ଅଭିଯୋଗର ପ୍ରାୟ ଶତକଡ଼ା ୯୫ ଭାଗ ବିଷୟରେ ଉପଯୁକ୍ତ ପଦକ୍ଷେପ ନିଆଯାଇ ସମାଧାନ କରାଯାଇଛି। ବି.ଏସ.କେ.ୱାଇ. କାର୍ଯ୍ୟାନ୍ୱୟନ ଅନୁସାରେ ଅନୁବନ୍ଧିତ ହସ୍ପିଟାଲମାନଙ୍କର ବର୍ଗୀକରଣ ବିଷୟ ବୈଠକର ଆଲୋଚନାରେ ସ୍ଥାନ ପାଇଥିଲା। ଉଭୟ ରାଜ୍ୟ ଭିତର ଏବଂ ଅନ୍ୟରାଜ୍ୟର ଅନୁବନ୍ଧିତ ହସ୍ପିଟାଲମାନଙ୍କୁ ଏଥିରେ ସାମିଲ କରାଯିବ। ସବିଶେଷ ଆଲୋଚନା ମାଧ୍ୟମରେ ବର୍ଗୀକରଣ ଭିତ୍ତି ଏବଂ ମାନକ ବିଷୟ ନିର୍ଣ୍ଣୟ କରାଯାଇଥିଲା। ସମୁଦାୟ ୭ ଟି ବର୍ଗରେ ରୋଗୀମାନଙ୍କର ସନ୍ତୋଷ ସ୍ତରକୁ ମୁଖ୍ୟ ମାନଦଣ୍ଡରୂପେ ନିଆଯାଇ ହସ୍ପିଟାଲମାନଙ୍କୁ ସ୍ତରୀକରଣ କରାଯିବ। ଅନୁବନ୍ଧିତ ହସ୍ପିଟାଲମାନଙ୍କରେ ବି.ଏସ.କେ.ୱାଇ. ବୋର୍ଡ଼ ସୁଦୃଶ୍ୟ ସ୍ଥାନରେ ଲଗାଇବା, ବି.ଏସ.କେ.ୱାଇ. କାଉଣ୍ଟର ଲୋକମାନଙ୍କ ପାଇଁ ସୁବିଧା ଜନକ ସ୍ଥାନରେ ସ୍ଥାପିତ କାରିବା ଆଦି ଉପରେ ଅଧକ୍ଷ ଶ୍ରୀମତୀ ପଣ୍ଡିତ ଗୁରୁତ୍ୱ ଆରୋପ କରିଥିଲେ। ସୋସାଇଟି ଅଫିସରେ ଇଣ୍ଟରନେଟ୍ ସ୍ପିଡ୍, ଓସ୍ୱାସ୍ କାର୍ଯ୍ୟକାରିତା, ମାନବ ସମ୍ବଳ ଅଭିବୃଦ୍ଧି, ସ୍ୱାସ୍ଥ୍ୟ କର୍ମୀମାନଙ୍କ ପାଇଁ ୟୁନିଫର୍ମ ଆପ୍ରୋନ୍, ବି.ଏସ.କେ.ୱାଇ. ସଫଟୱେୟାର ନବୀକରଣ, ଅନଲାଇନ୍ ବିଲ ଓ ଦସ୍ତାବିଜ୍ ଦାଖଲ, ସେ ସବୁରେ ସଠିକ୍ ତନଖି ଏବଂ ଅନୁମୋଦନ ଆଦି ବିଷୟରେ ଥିବା ସମସ୍ୟା ଗୁଡ଼ିକର ଆଶୁ ସମାଧାନ ପନ୍ଥା ନିର୍ଦ୍ଧାରଣ କାରଯାଇଥିଲା। ପ୍ରତି ସମାଧାନର କ୍ଷେତ୍ରାୟନ ପାଇଁ ଶ୍ରୀମତୀ ପଣ୍ଡିତ ସମୟ-ନିର୍ଘଣ୍ଟ ନିର୍ଦ୍ଧାରଣ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ାକ୍ତର ବୃନ୍ଦା ଡ଼ି., ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭାନନ୍ଦ ମହାପାତ୍ରଙ୍କ ସମେତ ସୋସାଇଟିର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ରହ୍ମେଶ୍ୱର ମନ୍ଦିର ଜଳାଶୟ ନବୀକରଣ ପ୍ରକଳ୍ପ

# ପ୍ରଥମ ପର୍ଯ୍ୟାୟ କାମ ସରିଲା

**ଭୁବନେଶ୍ୱର :** ବ୍ରହ୍ମେଶ୍ୱର ମନ୍ଦିର ପରିସରରେ ଥିବା ପ୍ରାଚୀନ ଜଳାଶୟ ନବୀକରଣ ପ୍ରକଳ୍ପର କାମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୁଷ୍କରିଣୀର ପଶ୍ଚିମ ଭାଗରେ ଥିବା ପୁରାତନ ପାଚେରୀ ପ୍ଲାଟଫର୍ମ ଓ ପାହାଚର ପୁନଃରୁଦ୍ଧାର କରାଯାଇଛି। ଗତ ୧୯ ତାରିଖ ଦିନ ଏହାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଲୋକାର୍ପଣ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ପାର୍ଶ୍ୱ ପାଚେରୀ ପୁନଃରୁଦ୍ଧାର କରାଯିବା ସହ ପୁରାତନ ଭଗ୍ନ ପଥରକୁ ମରାମତି କରାଯିବ। ସେହିପରି ପୁଷ୍କରିଣୀର ପାଣିକୁ ବାହାର କରାଯାଇ ନୂତନ ପାଣି ଛଡାଯିବ। ଏଥିପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା



(ଏଏସ୍ଆଇ) ପକ୍ଷରୁ ୪୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ଏଏସ୍ଆଇ ପକ୍ଷରୁ ଏକ ଫଟୋ ପ୍ରଦର୍ଶନୀକୁ ଶ୍ରୀମତୀ ଷଡଙ୍ଗୀ ବୁଲି ଦେଖିଥିଲେ। ଏଥିସହ ସାଧାରଣ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ପୁଷ୍କରିଣୀ ପାଇଁ ଆଉ ଯାହା ଆବଶ୍ୟକ, ଯୋଗାଇ ଦିଆଯିବାକୁ ଶ୍ରୀମତୀ ଷଡଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଏସ୍ଆଇ ପୁରୀ ସର୍କଲର ଅଧିକ୍ଷକ ଡିବି ଗଡନାୟକ, ଭୁବନେଶ୍ୱର ସଂଗ୍ରାହଧିକ୍ଷକ ମାନସ କୁମାର ସାହୁ, ବଭାଗୀୟ ଡେପୁଟି ଇଞ୍ଜିନିୟର ସିଆର ଦାସ, ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର, କର୍ପୋରେଟର ନମିତା ମହାପାତ୍ର, ମଣ୍ଡଳ ସଭାପତି ଅମରଜ୍ୟୋତି ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ଆସିକା ଥାନାକୁ 'ଶ୍ରେଷ୍ଠ ଥାନା' ପୁରସ୍କାର

**ନୂଆଦିଲ୍ଲୀ :** ଓଡିଶା ପୋଲିସ ପାଇଁ ଗର୍ବର ଦିନ। ୨୦୨୨ବର୍ଷ ପାଇଁ ସାରା ଦେଶରେ ଆସିକା ଥାନା ଶ୍ରେଷ୍ଠ ଥାନା ଭାବରେ ପୁରସ୍କୃତ ହୋଇଛି। ଆଜି ନୂଆଦିଲ୍ଲୀର ଜାତୀୟ କୃଷି ବୈଜ୍ଞାନିକ ଭବନରେ ଆୟୋଜିତ ପୋଲିସ ଡିଜି ଓ ଆଇଜି ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା, ଆସିକା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁଙ୍କୁ ଏହି ସମ୍ମାନଜନକ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜିବ ପଣ୍ଡା, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର.କେ ଶର୍ମା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସିଆଇଡି/ସିବି ଅରୁଣ ବୋଥ୍ରା ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ହାତୀ ମୃତ୍ୟୁକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

# ଆକ୍ସନ୍ ପ୍ଲାନ୍ ତୁରନ୍ତ କାର୍ଯ୍ୟକାରୀ କର

**କଟକ :** ରାଜ୍ୟରେ ଜାରି ରହିଥିବା ହାତୀ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ପ୍ରସ୍ତୁତ ଆକ୍ସନ୍ ପ୍ଲାନ୍ ତୁରନ୍ତ କାର୍ଯ୍ୟକାରୀ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର୍ ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ମୁଖ୍ୟ ବନ ସଂରକ୍ଷକ ଦାୟିତ୍ୱରେ ଥିବା ମନୋଜ ଭି. ନାୟର୍ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା ଯେ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତଥା ବିଭିନ୍ନ ସ୍ତରରେ ବିଚାରବିମର୍ଷ ଓ ବିଶେଷଜ୍ଞଙ୍କ ମତାମତକୁ ବିଚାରକୁ ନିଆଯାଇ ହାତୀଙ୍କ ସୁରକ୍ଷା ପାଇଁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। କିନ୍ତୁ ଏହି ଆକ୍ସନ୍ ପ୍ଲାନ୍ ରାଜ୍ୟ ସରକାରଙ୍କ ଉଚ୍ଚ କ୍ଷମତାସଂପନ୍ନ କମିଟି (ଏଚ୍‌ପିସି) ଦ୍ୱାରା ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୩୦ ଦିନ ସମୟ ପ୍ରଦାନ କରିବାକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ହାତୀଙ୍କ ସୁରକ୍ଷା ପ୍ରସଙ୍ଗକୁ ଜରୁରୀ ଧ୍ୟାନ ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିଥିଲେ। ଏଥିସହିତ କୌଣସି ବିଳମ୍ବ ନ କରି ଏଚ୍‌ପିସି ଦ୍ୱାରା ଆକ୍ସନ୍ ପ୍ଲାନ୍ ଅନୁମୋଦନ ପ୍ରସଙ୍ଗରେ ମୁଖ୍ୟ ସଚିବ ପଦକ୍ଷେପ ଗ୍ରହଣ କରିବେ। ଦୁଇ ସପ୍ତାହ ଭିତରେ ଆକ୍ସନ୍ ପ୍ଲାନ୍ ଅନୁମୋଦନ ପାଇଁ ମୁଖ୍ୟ ସଚିବ ଏହି ପଦକ୍ଷେପ ନେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଆକ୍ସନ୍ ପ୍ଲାନ୍ ଆଧାରରେ ହାତୀ ସୁରକ୍ଷା ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ତୁରନ୍ତ ପଦକ୍ଷେପ ନିଆଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏକମାସ ଭିତରେ କେଉଁ ସବୁ ପ୍ରସଙ୍ଗରେ ଆକ୍ସନ୍ ପ୍ଲାନ୍ ଆଧାରରେ ପଦକ୍ଷେପ ନିଆଯିବ ତାହା ଚୂଡ଼ାନ୍ତ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଶିମିଳିପାଳ ଜେନାବିଲ ରେଞ୍ଜରେ ହାତୀ ଶିକାର ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ମୃତ୍ୟୁ ଘଟଣାକୁ ନେଇ ଆଇନଜୀବୀ ଆଶିଷ କୁମାର ମିଶ୍ର ଏକ ରିପୋର୍ଟ ଦାଖଲ କରିଥିଲେ। ଶିମିଳିପାଳର ବକୁଆ ଗ୍ରାମକୁ ଯାଇ ମୃତ ପ୍ରତ୍ୟକ୍ଷଦର୍ଶୀଙ୍କ ପତ୍ନୀଙ୍କ ସହିତ ଆଲୋଚନା କରିବା ପରେ ଏହି ରିପୋର୍ଟ ଶ୍ରୀ ମିଶ୍ର ଦାଖଲ କରିଥିଲେ। ମୃତ ତୁରାମ୍ ପୂର୍ତ୍ତିଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପତ୍ନୀ ଯଶିପୁର ଥାନାରେ ଏତଲା ଦେଇଥିଲେ। କିନ୍ତୁ ପୁଲିସ କୌଣସି ତଦନ୍ତ କରୁ ନାହିଁ। ମୃତ ବ୍ୟକ୍ତିଙ୍କ ପତ୍ନୀ ଭୟଭୀତ ଅବସ୍ଥାରେ ରହିଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଯଶିପୁର ଥାନାରେ ରୁଜୁ ମାମଲାର କ'ଣ ସ୍ଥିତି ରହିଛି ସେ ନେଇ ହାଇକୋର୍ଟ ଜେଟିଏଫର ସଦସ୍ୟ ଥିବା ଅତିରିକ୍ତ ଏସ୍‌ପିଙ୍କ ନିକଟରୁ ଜାଣିବାକୁ ଚାହିଁଥିଲେ। ଏହି ମାମଲା ତାଙ୍କ ନିୟନ୍ତ୍ରଣ ପରିସରରେ ନାହିଁ ବୋଲି ଜେଟିଏଫ୍ ସଦସ୍ୟ ଦର୍ଶାଇଥିଲେ। ଏଭଳି ସ୍ଥିତିକୁ ନେଇ ହାଇକୋର୍ଟ ଆଜି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ମାମଲାର କ'ଣ ସ୍ଥିତି ରହିଛି ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଶିମିଳିପାଳ ଜେନାବିଲ ରେଞ୍ଜରେ ହାତୀ ଶିକାର ଘଟଣାରେ ଗିରଫ ହୋଇଥିବା ୩ଜଣ ବନ କର୍ମଚାରୀ ଜାମିନରେ ଯିବା ପରେ ତଦନ୍ତରେ ସହଯୋଗ କରୁ ନଥିବା ଘଟଣା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହି କର୍ମଚାରୀ ମାନଙ୍କୁ ନୋଟିସ୍ କରାଯିବା ପରେ ମଧ ସେମାନେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେଉ ନାହାନ୍ତି ବୋଲି ଜଣା ପଡିଥିଲା। ଏହି ମାମଲାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ବିଳମ୍ବ ନ କରି ଚାର୍ଜସିଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରାଯିବ। ଏହି ମାମଲାରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ସାନି ସ୍ଥିତି ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ଜେଟିଏଫ୍‌କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଜି ମାମଲାର ଶୁଣାଣି ସମୟରେ ଭର୍ଚୁଆଲ ମୋଡ୍ରେ ଯୁଗ୍ମ ଟାସ୍କ ଫୋର୍ସ (ଜେଟିଏଫ୍)ର ଅଧକ୍ଷ, ସଦସ୍ୟ, ହାତୀ ପ୍ରସଙ୍ଗର ବିଶେଷଜ୍ଞ ଡକ୍ଟର ରମଣ ସୁକୁମାର ପ୍ରମୁଖ ଉପସ୍ଥିତ ରହି ପକ୍ଷ ରଖିଥିଲେ। ପରବର୍ତ୍ତୀ ଶୁଣାଣି ସମୟରେ ମଧ ଜେଟିଏଫ୍ ସଦସ୍ୟ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଥିବା ବେଳେ ଜେଟିଏଫ୍‌କୁ ସାନି ସ୍ଥିତି ନେଇ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


# ଫେବୃଆରୀ ୧୩ରୁ ପିଲାଙ୍କ ପଞ୍ଜୀକରଣ



**ଭୁବନେଶ୍ୱର :** ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ କ୍ୟାଲେଣ୍ଡର ପ୍ରଚଳିତ ହୋଇଛି। ଏବର୍ଷ କ୍ୟାଲେଣ୍ଡର ଅନୁଯାୟୀ ସ୍କୁଲ ପଞ୍ଜୀକରଣ ଓ ତଥ୍ୟ ସଂଶୋଧନ ଲାଗି ସମୟ ସୀମା ୨୦୨୩ ଜାନୁଆରି ୨୦ରୁ ଫେବ୍ରୁଆରି ୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ପଞ୍ଜୀକୃତ ହୋଇଥିବା ସ୍କୁଲଗୁଡ଼ିକୁ ଫେବ୍ରୁଆରି ୧୦ ସୁଦ୍ଧା ଯାଞ୍ଚ କରିବେ। ଫେବ୍ରୁଆରି ୧୩ରୁ ମାର୍ଚ୍ଚ ୧୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଛାତ୍ରମାନଙ୍କର ପଞ୍ଜୀକରଣ କରାଯିବ। ଏଥିସହ ମାର୍ଚ୍ଚ ୨୦ ମଧ୍ୟରେ ବିଇଓ ଦରଖାସ୍ତ ଯାଞ୍ଚ କରିବେ। ମାର୍ଚ୍ଚ ୨୩ ଓ ୨୪ରେ ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନ୍ ଲଟେରି ମାଧ୍ୟମରେ ସ୍କୁଲଗୁଡ଼ିକ ମଧ୍ୟରେ ଆବଣ୍ଟନ କରାଯିବ। ଛାତ୍ରମାନଙ୍କ ପ୍ରଥମ ପର୍ଯ୍ୟାୟ ନାମଲେଖା ମାର୍ଚ୍ଚ ୨୭ରୁ ଏପ୍ରିଲ ୨୪ ମଧ୍ୟରେ ଶେଷ ହେବ। ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ ଏପ୍ରିଲ ୧୦ରୁ ୨୪ ମଧ୍ୟରେ ହେବାକୁ ଥିବା ବେଳେ ଏହି ପର୍ଯ୍ୟାୟ ଦସ୍ତଖତଗୁଡ଼ିକ ଏପ୍ରିଲ ୨୬ ସୁଦ୍ଧା ଯାଞ୍ଚ କରାଯିବ। ଏପ୍ରିଲ ୨୮ରୁ ମେ' ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି କ୍ୟାଲେଣ୍ଡରରେ ସୂଚନା ଦିଆଯାଇଛି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

## କଳାହାଣ୍ଡି ଉତ୍ସବ ଉପଲକ୍ଷେ 'କଳାହାଣ୍ଡି ସେଦିନର ଓ ଆଜିର' ଶୀର୍ଷକ ସଂପାନ

# କଳାହାଣ୍ଡି ସମଗ୍ର ବିଶ୍ୱକୁ ଦିଗଦର୍ଶନ ଦେବାର ସମୟ ଆସିଛି

**ଭବାନୀପାଟଣା :** ମନସ୍ତାତ୍ତ୍ୱିକ ବିଚାରଧାରାର ପରିବର୍ତ୍ତନ କଳାହାଣ୍ଡି ଜିଲ୍ଲାକୁ ସମଗ୍ର ଦେଶରେ ଆଗୁଆ କରି ଗଢ଼ି ତୋଳିବ। ଆଜି ଏ ଜିଲ୍ଲା ସାରା ଦେଶରେ ଭାତହାଣ୍ଡିର ପରିଚୟ ପାଇଛି ସତ ତେବେ ଜିଲ୍ଲାବାସୀଙ୍କ ପାଇଁ ଆଜିର ଆହ୍ୱାନ ସୁସ୍ଥ କଳାହାଣ୍ଡି ହେବା ଉଚିତ୍। କାରଣ ସାରା ବିଶ୍ୱକୁ କଳାହାଣ୍ଡି ଦିଗଦର୍ଶନ ଦେବାର ସମୟ ଆସିଛି। ପର୍ଯ୍ୟାପ୍ତ ଜ୍ଞାନ ଆହରଣ ଏ ଜିଲ୍ଲାର ବିକାଶକୁ ଆହୁରି ଆଗେଇ ନେବ ବୋଲି ସ୍ଥାନୀୟ ଟାଉନ୍ ହଲ୍ ଠାରେ ଆୟୋଜିତ ସଂପାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଏବଂ ଯୋଜନା ଓ ସମନ୍ୱୟ ବିଭାଗର ସଚିବ ପ୍ରଦୀପ କୁମାର ଜେନା ନିଜ ବକ୍ତବ୍ୟରେ କହିଛନ୍ତି। ଏଇ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ବିକାଶ ହିଁ ଏ ଜିଲ୍ଲାକୁ ଉନ୍ନତିର ଶିଖରରେ ପହଞ୍ଚାଇ ପାରିବ ଏଣୁ ଆମ ସମସ୍ତଙ୍କୁ ଏ ଜୟଯାତ୍ରାରେ ସାମିଲ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଉପସ୍ଥିତିରେ ସଂପାନ କମିଟିର ଅଧକ୍ଷ ତଥା କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ଅଧକ୍ଷତା କରିଥିବାବେଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ଅଧକ୍ଷ ସୀମାଞ୍ଚଳ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ତ୍ରିଭୂବନ ପଣ୍ଡା, ଉମାଶଙ୍କର କର ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସଂପାନ କମିଟିର ସଦସ୍ୟ ଶେଷଦେବ ମିଶ୍ର ଅତିଥି ଆବାହନ, ଡ. ସଞ୍ଜିତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଶ୍ୱରଞ୍ଜନ ବେହେରା, ପ୍ରତାପ କୁମାର ପଣ୍ଡା, ଦୁର୍ଗାପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସଂଖ୍ୟକ କବି, ଲେଖକ, ଅଧ୍ୟାପକ, ବୁଦ୍ଧିଜୀବୀଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ସୁଜଳଦେବ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି